READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524
# ଏକମାତ୍ର
ଅନୁସନ୍ଧାନ ପରେ ଖବର



ବର୍ଷ-୪ ସଂଖ୍ୟା-୩୫ ୧୪ - ୨୦ ସେପ୍ଟେମ୍ବର, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-35 14th - 20th SEPTEMBER, 2020 BHUBANESWAR ₹ 5/- (8 Pages)

# ପ୍ରବାସମୁହାଁ ପ୍ରବାସୀ ଓଡ଼ିଆ

## ଭୋକର ଜ୍ୱାଳା ମାନୁନି କରୋନା

**ଭୁବନେଶ୍ୱର, (ତାରକ ମହାନ୍ତି) :** ଗତ ୬ ମାସ ଧରି କରୋନାକୁ ନେଇ ସମଗ୍ର ଦେଶ ଆତଙ୍କ ଭିତରେ ରହିଥିଲା ବେଳେ ଓଡ଼ିଶାରେ ଆରମ୍ଭରୁ ଏହାର ପ୍ରଭାବ ସେଭଳି ଅନୁଭୂତ ହେଉନଥିଲା। ସେତିକିବେଳେ ରାଜ୍ୟ ସରକାର ପ୍ରବାସୀ ଓଡ଼ିଆଙ୍କୁ ରାଜ୍ୟକୁ ଫେରାଇ ଆଣିବା ପାଇଁ ଯେଉଳି ତତ୍ପରତା ଦେଖାଇଲେ ତାହା ସମସ୍ତଙ୍କୁ ଚକିତ କରିଥିଲା। ନିଜ ରାଜ୍ୟରେ କାମଧନ୍ଦା ନପାଇ ଅନ୍ୟ ରାଜ୍ୟକୁ ଯାଇ ଜୀବିକା ପାଇଥିବା ଏହି ଓଡ଼ିଆମାନେ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତିକୁ ବିଶ୍ୱାସ କରି ନିଜ ମାଟିକୁ ଫେରିଥିଲେ। ଏମାନଙ୍କ ମଧ୍ୟରେ ସର୍ବାଧିକ ଗଞ୍ଜାମ ଜିଲ୍ଲାରୁ ଥିଲା ବେଳେ ଅନ୍ୟ ଜିଲ୍ଲା ମାନଙ୍କୁ ମଧ୍ୟ ହଜାର ହଜାର ପ୍ରବାସୀ ଓଡ଼ିଆ ଫେରି ଆସିଥିଲେ। ଆରମ୍ଭରୁ ରାଜ୍ୟ ସରକାର ସେମାନଙ୍କ ସମସ୍ତ ଖର୍ଚ୍ଚ ବହନ କରିବା ସହିତ କରୋନା ଆକ୍ରାନ୍ତଙ୍କ ଉତ୍ତମ ଚିକିତ୍ସା ଓ ପରେ ସେମାନଙ୍କୁ ଯୋଗ୍ୟତା ଭିତ୍ତିରେ କାମ ଯୋଗାଇ ଦେବେ ବୋଲି ମଧ୍ୟ କହିଥିଲେ। ହେଲେ ୬ ମାସ ମଧ୍ୟରେ ଏହି ପ୍ରବାସୀଙ୍କୁ ରାଜ୍ୟରେ କୌଣସି



କାମଧନ୍ଦା ନ ମିଳିବାରୁ କରୋନା ଭୟ କଟି ନଥିଲେ ମଧ୍ୟ ସେମାନେ ଯେଉଁ ଯେଉଁ ରାଜ୍ୟରୁ ଏଠାକୁ ଫେରିଥିଲେ ସେଠାକୁ ଫେରିଯିବା ପାଇଁ ରେଳ ଷ୍ଟେସନରେ ଧାଡି ଲଗାଇଛନ୍ତି। କାଁ ଭାଁ ଗାଁ ଗଣ୍ଡାରେ ଯେଉଁ କାମ ମିଳୁଛି ଓ ସେଥିରୁ ଯେତିକି ମଜୁରୀ ମିଳୁଛି ସେତିକିରେ ପରିବାର ଚଳାଇବା କଷ୍ଟସାଧ ବୋଲି ଏହି ପ୍ରବାସୀମାନେ କହୁଛନ୍ତି। ଏହାବି କହୁଛନ୍ତି ଯେ, ଓଡ଼ିଶାରେ ରହି କାମଧନ୍ଦା ପାଇବା କଷ୍ଟକର। କାରଣ ରୋଜଗାର ନଥିଲେ ପିଲାଛୁଆଙ୍କୁ ପାଳିବା ଏବଂ ସେମାନଙ୍କୁ ପାଠ ପଢ଼ାଇବା ଖୁବ୍ କଷ୍ଟସାଧ। ତେଣୁ ଅନ୍ୟ ରାଜ୍ୟକୁ ନଗଲେ ଏଠାରେ ରହି ସେମାନେ କ'ଣ ଭୋକ ଉପାସରେ ମରିବେ ବୋଲି କହୁଛନ୍ତି। ପୁରୁଣା କର୍ମକ୍ଷେତ୍ରକୁ ଫେରିବା ସେମାନଙ୍କ ପାଇଁ ଏକମାତ୍ର ଭରସା ପାଲଟିଛି। ଈଶ୍ୱରଙ୍କୁ ସାକ୍ଷୀ ରଖି ଏହି ପ୍ରବାସୀମାନେ ପୁରୁଣା ଜାଗାକୁ ଫେରି ଯାଉଛନ୍ତି। ଖୋର୍ଦ୍ଧା ରୋଡ ରେଳ ଷ୍ଟେସନଠାରୁ ଆରମ୍ଭ କରି ରାଜ୍ୟର ଅଧିକାଂଶ ରେଳ ଷ୍ଟେସନରେ ପ୍ରବାସୀଙ୍କ ଭିଡ ବେଶ୍ ପରିଲକ୍ଷିତ ହେଉଛି। ସେମାନଙ୍କ ଭାଷାରେ କରୋନା ଭୟଠାରୁ ଭୋକର ଜ୍ୱାଳା ଢେର ଭୟଙ୍କର। ଅଧିକାଂଶ ପ୍ରବାସୀ ନିଜ ପରିବାର ସହ ଆଉ କେହି କେହି ସାଙ୍ଗସାଥୀଙ୍କୁ ଧରି ସୁରତ, ତାମିଲନାଡ୍ରୁ, କେରଳ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ପଞ୍ଜାବ, ହରିୟାଣା, ନୂଆଦିଲ୍ଲୀ ଭଳି ପ୍ରଦେଶକୁ ଫେରିବା ପାଇଁ ଗଣ୍ଠିଲି ବାନ୍ଧି ସାରିଲେଣି। ଗୁଜୁରାଟକୁ ସ୍ୱତନ୍ତ୍ର ଟ୍ରେନ୍ ଆରମ୍ଭ ହେବା କ୍ଷଣି ଖୋର୍ଦ୍ଧା ସମେତ କଟକ, ନୟାଗଡ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, ଯାଜପୁର, ଢେଙ୍କାନାଳ, ବଲାଙ୍ଗିର, ବରଗଡ, ସମ୍ବଲପୁର, ଗଞ୍ଜାମ ପ୍ରଭୃତି ଜିଲ୍ଲାର ହଜାର ହଜାର ପ୍ରବାସୀ ଓଡ଼ିଆ ନିଜ ନିଜର କର୍ମକ୍ଷେତ୍ରକୁ ଫେରିବା ଲାଗି ଧାଡି ବାନ୍ଧିଛନ୍ତି। ବ୍ରହ୍ମପୁର,ରାୟଗଡା, କେସିଙ୍ଗା, ଟିଟିଲାଗଡ, କଣ୍ଟାବାଞ୍ଜି, ଖରିଆର ରୋଡରେ ଶତାଧିକ ଯାତ୍ରୀ ରେଳ ଅପେକ୍ଷାରେ ରହିଛନ୍ତି। ଯେତିକି ଯେତିକି ଯାତ୍ରୀଙ୍କର ଟିକଟ କନଫର୍ମ ହୋଇଛି ସେମାନେ ତୁରନ୍ତ ଫେରି ଯାଉଥିଲା ବେଳେ ଯେଉଁ ମାନଙ୍କର ଟିକଟ କନଫର୍ମ ହୋଇନାହିଁ ସେମାନେ କିଭଳି ତୁରନ୍ତ ଫେରିଯିବେ ଅପେକ୍ଷାରେ ରହିଛନ୍ତି। ବର୍ତ୍ତମାନ ରାଜ୍ୟର କରୋନା ସ୍ଥିତିକୁ ଦେଖିଲେ ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ିଚାଲିଛି। ଗଞ୍ଜାମରେ ସଂକ୍ରମଣ ସଂଖ୍ୟା ହ୍ରାସ ପାଇଥିଲା ବେଳେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ସଂକ୍ରମଣ ରେକର୍ଡ ହେଉଛି। ଗୋଟିଏପଟେ କରୋନାର ଭୟ, ଆଉ ଗୋଟେପଟେ ଭୋକର ଜ୍ୱାଳା। ଜୀବନ ସୁରକ୍ଷିତ ରଖିବା ପାଇଁ ସରକାର ଉଦ୍ୟମ କରୁଛନ୍ତି ବୋଲି କହୁଥିଲା ବେଳେ ଯେଉଁ ଲୋକମାନେ ଜୀବିକା ହରାଇଛନ୍ତି ତାଙ୍କ ପାଇଁ ଚିନ୍ତା ନ କରିବା ବିସ୍ମୟ ସୃଷ୍ଟି କରୁଛି।

## ବଜାରରେ ମିଳିବ କରୋନା ଔଷଧ

**ଭୁବନେଶ୍ୱର :** ଏଣିକି ବଜାରରେ କରୋନା ଔଷଧ ଉପଲବ୍ଧ ହେବ। ଔଷଧକୁ ସାଧାରଣରେ ବିକ୍ରି ପାଇଁ ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ଅନୁମତି ପ୍ରଦାନ କରିଛି। ବିଶେଷ କରି ଫେଭିପିରାଭିର୍ ଟାବ୍ଲେଟ୍ ଓ ରେମଡିସିଭିର୍ ଇଞ୍ଜେକ୍ସନ୍ ବିକ୍ରି ପାଇଁ ଡିସିଜିଆଇ ଅନୁମତି ଦେଇଥିବା ଜଣାପଡ଼ିଛି। ତେବେ ଏଥିପାଇଁ ଡିସିଜିଆଇ କେତେକ ନିୟମ ଓ ସର୍ତ୍ତ ରଖିଛି। ଡିସିଜିଆଇର ଏହି ନିୟମାବଳୀକୁ ରାଜ୍ୟ ଡ୍ରଗ କଣ୍ଟ୍ରୋଲର ନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଶାରେ ଲାଗୁ କରାଯିବାକୁ ସର୍ତ୍ତମୂଳକ ଅନୁମତି ପ୍ରଦାନ




କରାଯାଇଛି। ସର୍ତ୍ତ ଅନୁଯାୟୀ ଔଷଧ କିଣିବାକୁ ଆଗ୍ରହୀ ଲୋକେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ (ଡାକ୍ତର) ପ୍ରେସ୍କ୍ରିପସନ୍ ଏବଂ ଅନୁମତିପତ୍ର ଆଣିବାକୁ ପଡ଼ିବ। ବ୍ୟବହାରକାରୀ ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟ ପ୍ରେସ୍କ୍ରିପସନ୍ ଓ ଅନୁମତିପତ୍ରର ଜେରକ୍ସ ଔଷଧ ଦୋକାନୀକୁ ଦେବାକୁ ପଡ଼ିବ। ସେହିପରି ଦୋକାନୀ ଔଷଧ କିଣୁଥିବା ବ୍ୟକ୍ତିଙ୍କ ବାସସ୍ଥାନ ପ୍ରମାଣପତ୍ର, ଯୋଗାଯୋଗର ସମ୍ପୂର୍ଣ୍ଣ ଠିକଣାର ଫଟୋକପି ରଖିବାକୁ ପଡ଼ିବ ବୋଲି ଡିସିଜିଆଇ ପକ୍ଷରୁ କୁହାଯାଇଛି। ଉପରୋକ୍ତ ନିୟମର ଅନୁପାଳନ ହେଲେ ଯାଇ ଇଚ୍ଛୁକ ଲୋକଙ୍କୁ ଔଷଧ ମିଳିପାରିବ ବୋଲି ନିୟମ ଧାର୍ଯ୍ୟ କରାଯାଇଛି। ତେବେ ଔଷଧ ସାଧାରଣ ରିଟେଲର ଦୋକାନରେ ମିଳିବ ନାହିଁ। ଏହି ଔଷଧ କେବଳ ବୈଧ ଲାଇସେନ୍ସ ଥିବା ଡାକ୍ତରଖାନା, ନର୍ସିଂହୋମ ସହିତ ସଂଲଗ୍ନ ଘରୋଇ ଖୁଚୁରା କେମିଷ୍ଟଙ୍କ ମାଧ୍ୟମରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ନିମନ୍ତେ ➤ ପୃ-୬

## ବ୍ରହ୍ମପୁର ହେବ ଆଧୁନିକ ସହର : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ବ୍ରହ୍ମପୁର ସହରବାସୀଙ୍କ ବହୁ ପ୍ରତୀକ୍ଷିତ ଇଞ୍ଜିନିୟରିଂ ସ୍କୁଲ ଛକଲାଞ୍ଜିପଲ୍ଲୀ ରେଳ ଓଭର୍‌ବ୍ରିଜ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିଛନ୍ତି। ସେହିପରି ଦିଗପହଣ୍ଡି ଆର୍‌ଏମ୍‌ସି ପରିସରରେ ନିର୍ମାଣ ହେବାକୁ ଥିବା କପା ପ୍ରକ୍ରିୟାକରଣ କଳର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ସୁଇଚ୍ ଚିପି ୨ଟି ଯାକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ଅବସରରେ କୋଭିଡ୍-୧୯ ସଂକ୍ରମଣ ମୁକାବିଲାରେ ଗଞ୍ଜାମର ଜନସାଧାରଣଙ୍କ




ସହଯୋଗକୁ ଭୂୟସୀ ପ୍ରଶଂସା କରିଥିଲେ। ଏହାସହ ଡାକ୍ତର, ପାରାମେଡିକ୍‌ଙ୍କ ଉତ୍ସର୍ଗୀକୃତ ସେବା ଓ ଜିଲ୍ଲା ପ୍ରଶାସନର କଠିନ ପରିଶ୍ରମକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ➤ ପୃ-୬

## ବକ୍ରବାଣୀ



ଭଲା ୱାର୍କ ଫ୍ରମ୍ ହୋମ୍ ଚାଲିଚି
ଫିଲିମି ସୁଟିଙ୍ଗ୍ ଘରେ ହଉଚି
ବର୍ଷା ଅନୁଭବ ହିଇଟି ଯୋଡି
କଜିଆ କରନ୍ତି ସରମ ଛାଡ଼ି
ହିନସ୍ତା ହୁଅନ୍ତି କୋର୍ଟକୁ ଯାଇ
ଦିହେଁ ବଖାଣନ୍ତି ଦିହିଁଙ୍କ ଗୋହି
ମିଡିଆକୁ ଭଲ ଖୋରାକ ଦେଇ
ନାଚୁଛନ୍ତି ଦିହେଁ ତାଥେଇ ଥେଇ
ବେଡରୁମ କଥା ବାହାରେ ପଡେ
ସାଂସଦ ଇଜ୍ଜତ ପଦାରେ ଗଡେ।

—— ଟୁଟୁ

## ବନ୍ୟା ସହାୟତା ପାଇଁ ୩୦୦ କୋଟି

**ଭୁବନେଶ୍ୱର :** ରାଜ୍ୟରେ ଗତମାସରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟାରେ ପ୍ରଭାବିତ ଚାଷୀଙ୍କ ନିମନ୍ତେ ରାଜ୍ୟ ସରକାର ୩୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି। ବନ୍ୟାରେ ବ୍ୟାପକ ଫସଲ କ୍ଷୟକ୍ଷତି ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଚାଷୀଙ୍କ ପାଇଁ ଏହି ସ୍ୱତନ୍ତ୍ର ଜୀବିକାନିର୍ବାହ ସହାୟତା ଘୋଷଣା କରିଛନ୍ତି। ଏହାସହିତ ଦ୍ରୁତଗତିରେ ଚାଷୀଙ୍କ ଫସଲ ନଷ୍ଟ ଆକଳନ କରି ଫସଲବୀମା ଯୋଜନାରେ ସେମାନେ ଯେଉଳି ସହାୟତା ପାଇବେ ସେ ଦିଗରେ ସରକାର ପଦକ୍ଷେପ ନେଉଛନ୍ତି। ରାଜ୍ୟ ସରକାରଙ୍କ ଘୋଷଣା ଅନୁସାରେ ବନ୍ୟାରେ କ୍ଷତିଗ୍ରସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୩୩%ରୁ ଅଧିକ ସମସ୍ତ ପ୍ରକାରର ଫସଲ ନଷ୍ଟ ହୋଇଥିଲେ ସେମାନଙ୍କର ଅଣଜଳସେଚିତ ଜମି ପାଇଁ ହେକ୍ଟର ପିଛା ୬୮୦୦ ଟଙ୍କା, ଜଳସେଚିତ ଜମି ପାଇଁ ୧୩



ହଜାର ୫୦୦, ବାରମାସୀ ଫସଲ ପାଇଁ ୧୮ ହଜାର ଟଙ୍କା ସହାୟତା ମିଳିବ। ଏହି ଫଳ ମଧ୍ୟରେ ଆମ୍ବ, କାଜୁ, ନଡିଆ ଓ ପାନବରଜ ଆଦି ସାମିଲ ଅଛି। ଏହି ସହାୟତା ପ୍ରକୃତ ଚାଷୀଙ୍କୁ ମିଳିବ। ପ୍ରତ୍ୟେକ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେମାନଙ୍କର ସବୁଦିନିଆ ଫସଲ ନିମନ୍ତେ ସର୍ବନିମ୍ନ ୨ ହଜାର ଟଙ୍କା ଓ ଅନ୍ୟ ଫସଲ ପାଇଁ ୧ ହଜାର ଟଙ୍କାରୁ କମ୍ ସହାୟତା ମିଳିବ ନାହିଁ। ସେହିପରି ବନ୍ୟା ପ୍ରଭାବିତ ଚାଷୀଙ୍କୁ ଆସନ୍ତା ରବି ଋତୁରେ ୨୦ ହଜାର ଡାଲି ବିହନ ମିନିକିଟ୍ ଯୋଗାଇ ଦିଆଯିବ। ରବି ଋତୁରେ ବନ୍ୟା ପ୍ରଭାବିତ ଜିଲ୍ଲାର ପ୍ରଦର୍ଶନମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ୬୦ ହଜାର ଏକର ଜମିରେ ବିଭିନ୍ନ ଫସଲକୁ ହାତକୁ ନିଆଯିବ। ୨ ହଜାର ଚାଷୀଙ୍କୁ ୫୦ ପ୍ରତିଶତ ସବସିଡିରେ ପାଣି ପମ୍ପ ଯୋଗାଇ ଦିଆଯିବ। ଏଥିପାଇଁ ଜଣେ ଚାଷୀ ସର୍ବାଧିକ ୧୫ ଟଙ୍କାର ସବସିଡ୍ ପାଇବାକୁ ହକଦାର ହେବ। ସେହିପରି ୫୦% ସବସିଡିରେ ୫ ହଜାର ପାୱାର ସ୍ପ୍ରେ' ଯୋଗାଇ ଦିଆଯିବ। ବ୍ୟାଟେରୀଚାଳିତ ପାୱାର ସ୍ପ୍ରେୟାର ପାଇଁ ୩ ହଜାର ଟଙ୍କା ଓ ହାତଚାଳିତ ସ୍ପ୍ରେୟାର ପାଇଁ ୬୦୦ ଟଙ୍କା ଯୋଗାଇ ଦିଆଯିବ। ୧ଲକ୍ଷ ଚାଷୀଙ୍କୁ ବିହନ ଟ୍ରିଟମେଣ୍ଟ କାର୍ଯ୍ୟକ୍ରମ ମାଧ୍ୟମରେ ମାଗଣାରେ ବିହନ ଟ୍ରିଟମେଣ୍ଟ କେମିକାଲ ବା ବାୟୋ ପେଷ୍ଟିସାଇଡ୍ ଯୋଗାଇ ଦିଆଯିବ। ରବି ଋତୁରେ ପ୍ରାୟ ୧ଲକ୍ଷ ଏକର ଜମିକୁ ଏହି ସୁବିଧା ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ରବି ଋତୁରେ ଗୁଣାତ୍ମକ ମାନର ବିହନ ଯୋଗାଇ ➤ ପୃ-୬

## ଓଡ଼ିଶାରେ ଲାଗୁ ହେଉ ଆୟୁଷ୍ମାନ ଭାରତ

### ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଚିଠି

**ଭୁବନେଶ୍ୱର :** ଓଡ଼ିଶାରେ ଦୁଇଟି ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା ଯଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ(ଏନଡିଏଚ୍ଏମ୍) ଏବଂ ଆୟୁଷ୍ମାନ ଭାରତ - ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି-ପିଏମ୍‌ଜେଏୱାଇ) ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଯୋଜନାଗୁଡ଼ିକ ଓଡ଼ିଶାବାସୀଙ୍କ ଜୀବନରେ ଉନ୍ନତି ଆଣିବାରେ ଅପାର ସମ୍ଭାବନାର ସୁଯୋଗ ରଖିଛି ବୋଲି ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି। ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି ଚଳିତବର୍ଷ ଅଗଷ୍ଟ ୧୫ ତାରିଖ ତଥା ୭୪ ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ



ନୂଆଦିଲ୍ଲୀର ଲାଲକିଲ୍ଲାରୁ ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ ଶୁଭାରମ୍ଭ କରିଥିଲେ। ଏହି ମିଶନ ଟେକ୍ନୋଲୋଜି ମାଧ୍ୟମରେ ଆମ ରାଜ୍ୟର ପ୍ରବାସୀଙ୍କ ସମେତ ଦେଶର ସମସ୍ତ ନାଗରିକଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବାରେ ସହାୟକ ହେବ ବୋଲି ସେ କହିଥିଲେ। ସ୍ୱେଚ୍ଛାକୃତ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ ଦେଶରେ ଡିଜିଟାଲ ➤ ପୃ-୬




### ବିଶ୍ରାମାଗାର ପ୍ରତି କେବେ ଦୃଷ୍ଟି ଦେବେ ସରକାର ?

## ଅର୍ଦ୍ଧନିର୍ମିତ ଗୃହକୁ ନେଇ ଚିନ୍ତାରେ ଯାତ୍ରୀ

**ଭଦ୍ରକ :** ଯାତ୍ରୀଙ୍କ ସୁବିଧା ପଇଁ ଆଗରପଡ଼ା ଠାରୁ ବରପଦା ପର୍ଯ୍ୟନ୍ତ ଲମ୍ବିଥିବା ୨୨କି.ମି. ରାସ୍ତାର ବିଭିନ୍ନ ଛକ ଜାଗାରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହୋଇଛି । ତେବେ କେତେକ ସ୍ଥାନରେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଗୃହ ଗୁଡ଼ିକ ଭାଙ୍ଗି ରୁଜି ଗଲାଣି । ଫଳରେ ଯାତ୍ରୀ ଏଠାରେ ବସିବା ତ' ଦୂରର କଥା ଏହା ଭିତରକୁ ପଶିବାକୁ ଇଚ୍ଛା ପ୍ରକାଶ କରୁ ନାହାଁନ୍ତି । ଖରା, ବର୍ଷାରେ ଘଣ୍ଟା ଘଣ୍ଟା ଧରି ଖୋଲା ଆକାଶ ତଳେ ରହି ବସକୁ ଅପେକ୍ଷା କରୁଛନ୍ତି ଯାତ୍ରୀ । ଭଦ୍ରକ, ବାଲେଶ୍ୱର ଓ କେଉଁଝର ଜିଲ୍ଲାର ସୀମାବର୍ତ୍ତୀ ସ୍ଥାନରେ ଆଗରପଡ଼ା ଅବସ୍ଥିତ ଥିବାରୁ ଏହି ସ୍ଥାନ ଦେଇ ବିଭିନ୍ନ ସ୍ଥାନକୁ ଯାତ୍ରୀବାହୀ ବସ ଚଳାଚଳ କରିଥାଏ । ତେଣୁ ବିଭିନ୍ନ ସ୍ଥାନକୁ ଯିବା ପାଇଁ ଲୋକମାନେ ଏଠାରେ ଅପେକ୍ଷା କରିଥାନ୍ତି । ବାରମ୍ବାର ଏହି ବିଷୟରେ ସ୍ଥାନୀୟ ବିଧାୟକଙ୍କ ଠାରୁ ଆରମ୍ଭ କରି ଜିଲାପାଳ ଏବଂ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି ମାତ୍ର ସେପରି ସ୍ଥଳେ ସ୍ଥାନୀୟ କଲେଜ ଛକରେ ଆଜିଯାଏ ବିଶ୍ରାମାଗାର ନିର୍ମାଣ ହୋଇପାରି ନାହିଁ । ମହତାବ ଛକ ଠାରେ ଥିବା ବିଶ୍ରାମାଗାରଟି ରାସ୍ତା ପ୍ରଶସ୍ତିକରଣ ସମୟରେ ଭାଙ୍ଗି ଦିଆଯାଇଛି । ସିନେମା ହଲ ଛକ ବିଶ୍ରାମାଗାର ବ୍ୟବହାର ଯୋଗ୍ୟ ହୋଇପାରୁ ନାହିଁ । ଏଠାରୁ ୨ କିମି ଦୂରବର୍ତ୍ତୀ ବିଶଲକଣା, ଶେଉଳଗଡ଼ିଆ, ଜାମବଣୀ ଛକ ରେ ଥିବା ବିଶ୍ରାମାଗାର ଅବ୍ୟବହୃତ ଅବସ୍ଥାରେ ରହିଛି । ଶେଉଳଗଡ଼ିଆ ଓ ଜାମବଣୀ ଛକରେ ଥିବା ବିଶ୍ରାମାଗାର



ବର୍ତ୍ତମାନ ଭୂତକୋଠି ସଦୃଶ ପାଲଟିଛି । ଗୃହ ଗୁଡ଼ିକ ବହୁତ ପୁରୁଣା ହୋଇଯାଇଥିବାରୁ ଓ ରକ୍ଷଣାବେକ୍ଷଣ ହୋଇନଥିବାରୁ ଏହା ବର୍ତ୍ତମାନ ବିପଦ ଶଙ୍କୁଳ ଅବସ୍ଥାରେ ବିଶଧର ସାପ ଓ ପଶୁମାନଙ୍କ ଆଶ୍ରୟ ସ୍ଥଳି ପାଲଟିଛି । ଜାମବଣୀ ଛକରେ ଥିବା ବିଶ୍ରାମାଗାର ଭଦ୍ରକ ବ୍ଲକ ଅଧିନରେ ଥିବାରୁ ଏହାର ମରାମତିର କୌଣସି ସ୍ଥାୟୀ ସମାଧାନ ହୋଇପାରୁ ନାହିଁ ସେହିପରି ରାସ୍ତା ପ୍ରଶସ୍ତିକରଣ ବେଳେ କାଦବରାଙ୍ଗ ବିଶ୍ରାମାଗାର କୁ ଭଙ୍ଗା ଯାଇଥିବା ବେଳେ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଯାନବାହନ ପ୍ରତି ସତର୍କ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଠାରୁ ପ୍ରଶଂସିତ ହେବେ। ଆର୍ଥିକ ସମସ୍ୟା ବିଗିଡି ଯିବ। କୋର୍ଟକଚେରି ବିବାଦର ସମାଧାନ ହେବ। ଧନପ୍ରାପ୍ତିର ପ୍ରବଳ ସୁଯୋଗ ରହିଛି। ବ୍ୟବସାୟରେ ଉନ୍ନତି ଘଟିବ।

**ବୃଷ** ମାନସିକ ସୁସ୍ଥତା ଅନୁଭବ କରିବେ। ରାଜନୈତିକ ବ୍ୟକ୍ତିମାନେ ସତର୍କ ରହିବେ। ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ଅଧିକ ପରିଶ୍ରମ କଲେ ଆଶାନୁରୂପ ଫଳ ମିଳିବ। ବ୍ୟବସାୟୀମାନେ ଅଧିକ ଲାଭରୁ ବଞ୍ଚିତ ରହିବେ।

**ମିଥୁନ** ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପୂଜାପାଠରେ ମନ ଅଧିକ ଲାଗି ରହିବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ।

**କର୍କଟ** ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ କଟିବ।

**ସିଂହ** ପରିବାରର ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ।

**କନ୍ୟା** ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ପଡିରହିଥିବା ବିବାଦର ସମାଧାନ ହେବ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ମିଳିବ। କଳାକାରମାନେ ଅସୁବିଧାରେ ପଡିବେ।

**ତୁଳା** ଚାକିରିଆଙ୍କର ଦୂର ସ୍ଥାନକୁ ବଦଳି ହୋଇପାରେ। ଶାରୀରିକ ସୁସ୍ଥତା ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ପାରିବାରିକ କନ୍ଦଳରୁ ଖୁବ୍‌ଶୀଘ୍ର ମୁକ୍ତି ମିଳିଯିବ।

**ବିଛା** କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ହେବ। ନୂନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ଜମିଜମା ବିବାଦ ଲାଗି ରହିବ।

**ଧନୁ** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ।

**ମକର** ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ।

**କୁମ୍ଭ** ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିବ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ଧନ ବୃଦ୍ଧିର ଶୁଭ ସଙ୍କେତ ପାଇବେ।

**ମୀନ** ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ହୋଇଯିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ନୂଆ ଶିକ୍ଷାନୀତି ଭାରତକୁ ନୂଆ ଦିଶା ଦେବ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ :** ଜାତୀୟ ଶିକ୍ଷା ନୀତି ୨୦୨୦ ଅଧିନରେ ଏକବିଂଶ ଶତାବ୍ଦୀର ବିଦ୍ୟାଳୟ ବିଷୟବସ୍ତୁ ଉପରେ ଆୟୋଜିତ ହୋଇଥିବା କନକ୍ଲେଭକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଗତ ତିନି ଦଶନ୍ଧି ମଧ୍ୟରେ ଦୁନିଆର ପ୍ରତ୍ୟେକ ସ୍ତରରେ ପରିବର୍ତ୍ତନ ଆସିଛି। ପ୍ରତ୍ୟେକ ସିଷ୍ଟମ୍ ବଦଳି ଯାଇଛି। ଏହି ତିନି ଦଶନ୍ଧି ମଧ୍ୟରେ ଆମ ଜୀବନର କୌଣସି ଗୋଟିଏ ଦିଗ ନାହିଁ ଯାହା ପୂର୍ବପରି ସମାନ।। ସମୟ ଅନୁଯାୟୀ ଆମ ସମାଜ ଅଗସର ହୁଏ। ଯାହାକି ଭବିଷ୍ୟତ ଆଡକୁ ଗତି କରେ। ଆମର ଶିକ୍ଷା ବ୍ୟବସ୍ଥା ପୁରୁଣା ଢାଞ୍ଚାରେ ଚାଲିଥିଲା। ଏକବିଂଶ ଶତାବ୍ଦୀର ଭାରତକୁ ଏହି ନୂଆ ଶିକ୍ଷା ନୀତି ନୂଆ ଦିଗ ଦେବ ବୋଲି ମୋଦି କହିଛନ୍ତି। ସେ କହିଛନ୍ତି ଯେ, ନୂଆ ଜାତୀୟ ଶିକ୍ଷାନୀତି ମଧ୍ୟ ନୂତନ ଭାରତ, ନୂତନ ଆଶା, ନୂତନ ଆବଶ୍ୟକତା ପୂରଣ କରିବାର ଏକ ମାଧ୍ୟମ। ଏହା ପଛରେ ଗତ ଚାରି-ପାଞ୍ଚ ବର୍ଷର କଠିନ ପରିଶ୍ରମ, ପ୍ରତ୍ୟେକ କ୍ଷେତ୍ରରେ ଲୋକ, ପ୍ରତ୍ୟେକ ଧାରା, ପ୍ରତ୍ୟେକ ଭାଷା ଦିନରାତି ମିଶି କାମ କରିଛନ୍ତି। କିନ୍ତୁ ଏହି କାମ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ବର୍ତ୍ତମାନ ଏହି କାମ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବର୍ତ୍ତମାନ ଆମ ସମସ୍ତଙ୍କୁ ଜାତୀୟ ଶିକ୍ଷା ନୀତି ଉପରେ କାର୍ଯ୍ୟକାରୀ କରିବାକୁ ପଡିବ। ଆମେ ଏହି କାର୍ଯ୍ୟ ଏକାଠି କରିବା ଦରକାର। ମୁଁ ଖୁସି ଆମର ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକମାନେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରିବାକୁ ଏହି ଅଭିଯାନରେ ଉତ୍ସାହର ସହ ଅଂଶଗ୍ରହଣ କରୁଛନ୍ତି। କିଛିଦିନ ପୂର୍ବେ ଶିକ୍ଷା ମନ୍ତ୍ରଣାଳୟ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରିବା ବିଷୟରେ ଦେଶର ଶିକ୍ଷକମାନଙ୍କଠାରୁ 'ମାଇଁଗଭ' ଜରିଆରେ ସେମାନଙ୍କର ପରାମର୍ଶ ଲୋଡିଥିଲା। ସପ୍ତାହ ମଧ୍ୟରେ ୧.୫ ମିଲିୟନ୍‌ରୁ ଅଧିକ ପରାମର୍ଶ ଦେଇଥିଲେ। ଏହି ପରାମର୍ଶ ଅଧିକ ପ୍ରଭାବଶାଳୀ ଢଙ୍ଗରେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପିଲା ମାନଙ୍କର ଗଣିତ ଚିନ୍ତାଧାରା ଏବଂ ବୈଜ୍ଞାନିକ ଚିନ୍ତାଧାରା ବିକାଶ ହେବା ଉଚିତ, ଏହା ଅତ୍ୟନ୍ତ ଆବଶ୍ୟକ। ଆମକୁ ସହଜ ଏବଂ ଅଭିନବ ପଦ୍ଧତି ବୃଦ୍ଧି କରିବାକୁ ପଡିବ। ଦେଶର ପ୍ରତ୍ୟେକ ଅଞ୍ଚଳର ନିଜସ୍ୱ କିଛି ଅଛି, କିଛି ପାରମ୍ପରିକ କଳା, କାରୁକାର୍ଯ୍ୟ, ଉତ୍ପାଦ ସବୁ ସ୍ଥାନରେ ପ୍ରସିଦ୍ଧ। ସେହି ଅଞ୍ଚଳର କାରୁକାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କୁ ଦେଖାଯିବା ଦରକାର। ଏପରି ହେଲେ ଛାତ୍ରଛାତ୍ରୀ ପାଠ ପଢ଼ିବା ସହିତ କୁଶଳୀ ହେବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସିଲାବସ୍ କମାଇବା ଏବଂ ମୌଳିକ ଜିନିଷ ଉପରେ ଧ୍ୟାନ ଦେବା ପାଇଁ ଜାତୀୟ ଶିକ୍ଷା ନୀତି ପ୍ରସ୍ତୁତ କରାଯାଇଛି। ପାଠ ପଢ଼ା ପ୍ରକ୍ରିୟାକୁ ସରଳ ଏବଂ ମଜାଳିଆ କରିବା ଦରକାର। ଏହାହେଲେ ସମସ୍ତଙ୍କର ଆଗ୍ରହ ରହିବ। ଆମର ପୂର୍ବ ଶିକ୍ଷା ନୀତି ମଧ୍ୟ ଆମ ଛାତ୍ରମାନଙ୍କୁ ବହୁତ ବାନ୍ଧି ରଖିଛି। ବିଜ୍ଞାନ ନେଉଥିବା ଛାତ୍ର କଳା କିମ୍ବା ବାଣିଜ୍ୟ ଅଧ୍ୟୟନ କରିପାରିବ ନାହିଁ। ହେଲେ ଏହି ଢାଞ୍ଚାରେ ପରିବର୍ତ୍ତନ କରାଯାଇଛି। ପ୍ରାୟତ ଅଭିଭାବକମାନେ ଯାହା ଶିଖିଛନ୍ତି ତାହା ନିଜ ପିଲାଙ୍କୁ ପଚାରନ୍ତି ନାହିଁ। କେବଳ ମାର୍କ କେତେ ଆସିଛି ବୋଲି ପଚାରନ୍ତି। ମାର୍କସିଟ୍ ଏବେ ପ୍ରେସର ସିଟ୍ (ଚାପ୍ ସିଟ୍) ପାଲଟି ଯାଇଛି। ହେଲେ ଜଣେ ପିଲାର ଶିକ୍ଷିତ ହେବାର ମାପଦଣ୍ଡ ମାର୍କସିଟ୍ ହୋଇପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିପାଇଁ ଆମ ମାନସିକତାରେ ପରିବର୍ତ୍ତନ ହେବା ଦରକାର ବୋଲି ସେ କହିଛନ୍ତି। ଭାଷା ହେଉଛି ଶିକ୍ଷାର ମାଧ୍ୟମ, ଭାଷା ସମ୍ପୂର୍ଣ୍ଣ ଶିକ୍ଷା ନୁହେଁ। ପିଲାଟି କେଉଁ ଭାଷା ସହଜରେ ଶିଖିପାରୁଛି, ଜାଣିପାରୁଛି ସେହି ଭାଷାରେ ଶିକ୍ଷା ଗ୍ରହଣ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।




## '୧୨୨ଟି ସହର ହେବ ପ୍ରଦୂଷଣମୁକ୍ତ'



**ନୂଆଦିଲ୍ଲୀ :** ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର ପ୍ରଥମ ଥର ଲାଗି ଆନ୍ତର୍ଜାତିକ ନୀଳ ଆକାଶ ପାଇଁ ସ୍ୱଚ୍ଛ ବାୟୁ ଦିବସ ଅବସରରେ ଅନୁଷ୍ଠିତ ୱେବିନାରରେ ଅଧ୍ୟକ୍ଷତା କରି କହିଛନ୍ତି, ସରକାର ୧୨୨ଟି ପ୍ରଦୂଷିତ ସହରରେ ବାୟୁ ପ୍ରଦୂଷଣ ମାତ୍ରାକୁ ହ୍ରାସ କରିବା ପାଇଁ ବଦ୍ଧପରିକର। ସେ କହିଛନ୍ତି, ଜନସଂଖ୍ୟା, ଶିଳ୍ପ, ଯାନବାହନ, ବର୍ଜ୍ୟବସ୍ତୁ ଏବଂ ଧୂଳିର ମାତ୍ରା ବୃଦ୍ଧି ପାଇବା ଦ୍ୱାରା ପ୍ରଦୂଷଣ ବଢିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ଲାଲ୍‌କିଲାରୁ ଉଦ୍‌ବୋଧନ ଦେଇ ୧୦୦ ଟି ସହରରେ ବାୟୁର ଗୁଣବତ୍ତା ବୃଦ୍ଧି କରିବା ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ନିଜେ ଏହି ପରିବର୍ତ୍ତନ ଆଣିବା ପାଇଁ ପ୍ରତିବଦ୍ଧ ଅଛନ୍ତି। ଜାଭଡେକର କହିଛନ୍ତି, ସରକାର ଦେଶରୁ ପ୍ରଦୂଷଣ ହ୍ରାସ କରିବା ପାଇଁ ଗତ କିଛି ବର୍ଷ ହେବ ବିଭିନ୍ନ ପଦକ୍ଷେପ ହାତକୁ ନେଇଛନ୍ତି। ଏଥିମଧ୍ୟରେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ, ଜାତୀୟ ଏୟାର କ୍ୱାଲିଟି ଇଣ୍ଡେକ୍ସ, ବି.ଏସ୍-୬ ଇନ୍ଧନର ବ୍ୟବହାର, କାରଖାନାରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁର ମାତ୍ରା ହ୍ରାସ, ରାସ୍ତାଘାଟ ନିର୍ମାଣ ଏବଂ ଇ-ଯାନର ବ୍ୟବହାର ଆଦି ଅନ୍ତର୍ଭୁକ୍ତ। ରାଜ୍ୟଗୁଡିକ ନିଜ ସହର ଅନୁଯାୟୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରି ପ୍ରଦୂଷଣର ମାତ୍ରା ହ୍ରାସ କରିବା ପାଇଁ ପରିବେଶ ମନ୍ତ୍ରୀ ଅହ୍ୱାନ ଦେବା ସହ ଇଲେକ୍ଟ୍ରୋନିକ୍ ଯାନର ବ୍ୟବହାର ବୃଦ୍ଧି କରିବା ପାଇଁ ଉତ୍ସାହିତ କରିଛନ୍ତି।

### ଆୟୁଷ୍ମାନ ଭାରତ ଯୋଜନା ଲାଗୁ ନକରିବା ପ୍ରସଙ୍ଗ

## ୪ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନୋଟିସ

**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାର କାର୍ଯ୍ୟକାରିତାକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଓଡ଼ିଶା ସମେତ ୪ ରାଜ୍ୟକୁ ନୋଟିସ ଜାରି କରିଛନ୍ତି। ଓଡ଼ିଶା, ତେଲେଙ୍ଗାନା, ପଶ୍ଚିମବଙ୍ଗ ଏବଂ ଦିଲ୍ଲୀ ସରକାର ଏହି ଯୋଜନା ଲାଗୁ କରୁନଥିବାରୁ ନେଇ ହାଇଦ୍ରାବାଦର ବିଜେପି ନେତା ପି. ଶଙ୍କର ରାଓ ସୁପ୍ରିମକୋର୍ଟରେ ଏହି ରିଟ୍ ପିଟିସନ ଦାଖଲ କରିଥିଲେ। ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଉପରୋକ୍ତ ୪ ରାଜ୍ୟକୁ ନୋଟିସ ଜାରି କରି ଆସନ୍ତା ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟ ବିଚାରପତି ଏସ୍. ଏ ବୋବଡ଼େ, ବିଚାରପତି ଏ. ଏସ୍ ବୋପାନ୍ନା ଏବଂ ଭି. ରାମସୁବ୍ରମଣିୟମଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିବା ବେଳେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶ୍ରବଣ କୁମାର ମାମଲା ପରିଚାଳନା କରିଥିଲେ। ଆବେଦନକାରୀ ନିଜ ଯୁକ୍ତିରେ ଦର୍ଶାଇଥିଲେ ଯେ ଦେଶର ସଂଖ୍ୟାଧିକ ରାଜ୍ୟ କେନ୍ଦ୍ର ସରକାରଙ୍କ ଏହି ସ୍ୱାସ୍ଥ୍ୟ ବୀମା ଯୋଜନାକୁ ନିଜ ରାଜ୍ୟରେ କାର୍ଯ୍ୟକାରୀ କରିଥିବା ବେଳେ ଏଥିରେ ବହୁ ଗରିବ ଶ୍ରେଣୀୟ ଲୋକେ ଉପକୃତ ହେଉଛନ୍ତି, ମାତ୍ର ରାଜନୈତିକ ମତଭେଦ କାରଣରୁ ଓଡ଼ିଶା ସମେତ ଏହି ୪ ରାଜ୍ୟ ନିଜ ରାଜ୍ୟରେ ଯୋଜନାକୁ କାର୍ଯ୍ୟକାରୀ କରାଉନାହାନ୍ତି। ଫଳରେ ସାଧାରଣ ଲୋକେ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ସରକାର ବାର୍ଷିକ ଏହି ଯୋଜନା ପାଇଁ ୬ ହଜାର ୪୦୦ କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଦେଶର ୫୦ କୋଟି ଗରିବ ଲୋକ ଯୋଜନାର ଲାଭ ଉଠାଉଛନ୍ତି। ବିଶେଷକରି ଯୋଜନା ଯୋଗୁଁ ଲୋକେ ଅଧିକ ମୂଲ୍ୟଯୁକ୍ତ ସ୍ୱାସ୍ଥ୍ୟସେବାକୁ ପାଇପାରୁଥିବା ବେଳେ ବର୍ତ୍ତମାନ କୋଭିଡ ପରୀକ୍ଷା ଏବଂ ଚିକିତ୍ସା ମଧ୍ୟ କରିପାରୁଛନ୍ତି। ଏପରିସ୍ଥଳେ ଉପରୋକ୍ତ ୪ ରାଜ୍ୟ ଯୋଜନାକୁ ରାଜନୈତିକ ଅଭିସନ୍ଧି ରଖି କାର୍ଯ୍ୟକାରୀ ନକରାଇବା ଦୁର୍ଭାଗ୍ୟଜନକ। ତେଣୁ ଆର୍ଟିକିଲ ୧୪ (ସମାନତା ଅଧିକାର), ଆର୍ଟିକିଲ ୨୧ କୁ ଉଲ୍ଲଂଘନ କରୁଥିବା ହେତୁ ୪ ରାଜ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବେଦନକାରୀ ନିଜ ଯୁକ୍ତିରେ ଦର୍ଶାଇଥିବା ଜଣାପଡ଼ିଛି।

## ସୀମାରେ ଉତ୍ତେଜନା ହ୍ରାସ ପାଇଁ ପଞ୍ଚସୂତ୍ରୀ ଯୋଜନା

**ନୂଆଦିଲ୍ଲୀ :** ଭାରତ-ଚୀନ୍ ମଧ୍ୟରେ ସୀମା ବିବାଦ ଚାଲିଥିବା ବେଳେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଚୀନ୍ ବୈଦେଶିକ ମନ୍ତ୍ରୀ ତଥା ରାଜ୍ୟ ପରିଷଦ ୱାଙ୍ଗ ୱାଇଙ୍କୁ ଭେଟିଛନ୍ତି। ଋଷର ରାଜଧାନୀ ମସ୍କୋରେ ଦୁଇ ମନ୍ତ୍ରୀ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ବୈଠକରେ ସୀମା ବିବାଦକୁ ନେଇ ଆଲୋଚନା କରିଥିଲେ। ପୂର୍ବ ଲଦାକରେ କିପରି ତିକ୍ତତା ହ୍ରାସ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲାଇନ୍ ଅଫ୍ ଆକ୍‌ଚୁଆଲ କଣ୍ଟ୍ରୋଲ (ଏଲଏସି)ରେ ପରିବେଶକୁ ଥଣ୍ଡା କରିବାକୁ ଦୁଇ ନେତା ୫ଟି କଥାକୁ ମାନି ଚଳିବା ପାଇଁ ସହମତ ହୋଇଥିବା ଜଣାପଡିଛି। ସେଗୁଡିକ ମଧ୍ୟରେ ରହିଛି ଭାରତ-ଚୀନ୍ ସମ୍ପର୍କର ବିକାଶ ଉପରେ ନେତାଙ୍କ ସହମତି ଭିତ୍ତିରେ ଉଭୟ ପକ୍ଷ ମାର୍ଗଦର୍ଶନ ଗ୍ରହଣ କରିବା ଉଚିତ, ଯେପରିକି ମତଭେଦ ବିବାଦର ରୂପ ନନେବ। ସେହିପରି ସୀମା ଅଞ୍ଚଳରେ ସାମ୍ପ୍ରତିକ ପରିସ୍ଥିତି ଉଭୟ ପକ୍ଷର ହିତରେ ନାହିଁ। ତେଣୁ ଉଭୟ ପକ୍ଷର ସୀମାରେ ସୈନ୍ୟମାନେ ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ଜାରି ରଖିବେ, ଶୀଘ୍ର ସୈନ୍ୟ ପ୍ରତ୍ୟାହାର କରିବେ, ଉପଯୁକ୍ତ ଦୂରତା ବଜାୟ ରଖିବେ ଏବଂ ଉତ୍ତେଜନାକୁ ହ୍ରାସ କରିବେ। ଅନ୍ୟପଟେ ଚୀନ୍-ଭାରତ ସୀମା ବ୍ୟାପାରରେ ଥିବା ସମସ୍ତ ଚୁକ୍ତିନାମା ଏବଂ ପ୍ରୋଟୋକଲ ଉଭୟ ପକ୍ଷ ପାଳନ କରିବେ। ସୀମା ଅଞ୍ଚଳରେ ଶାନ୍ତି ବଜାୟ ରଖିବେ ଏବଂ ଉତ୍ତେଜନା ବୃଦ୍ଧି କରୁଥିବା କୌଣସି କାର୍ଯ୍ୟଠାରୁ ଦୂରେଇ ରହିବେ। ଭାରତ-ଚୀନ୍ ସୀମା ପ୍ରଶ୍ନ ଉପରେ ସ୍ୱତନ୍ତ୍ର ପ୍ରତିନିଧି ପ୍ରଣାଳୀ ମାଧ୍ୟମରେ କଥାବାର୍ତ୍ତା ଏବଂ ଯୋଗାଯୋଗ ଜାରି ରଖିବାକୁ ଉଭୟ ପକ୍ଷ ସହମତ ହୋଇଛନ୍ତି। ଏହାସହ ଭାରତ-ଚୀନ୍ ସୀମା ବ୍ୟାପାର ଉପରେ ପରାମର୍ଶ ଏବଂ ସମନ୍ୱୟ ପାଇଁ ୱାର୍କିଂ ମେକାନିଜିମ୍ ମଧ୍ୟ ଏହାର ବୈଠକ ଜାରି ରଖିବା ଉଚିତ ବୋଲି ଉଭୟ ପକ୍ଷ ସହମତ ହୋଇଛନ୍ତି। ସେହିପରି ସୀମାନ୍ତ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ତଥା ବଢ଼ାଇବା ପାଇଁ ନୂତନ ଆତ୍ମନିର୍ଭରଶୀଳ ପଦକ୍ଷେପ ଗ୍ରହଣ କରିବାକୁ ଦୁଇ ପକ୍ଷ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉଚିତ।



## 'ଦେଶରେ ଶତ ପ୍ରତିଶତ ସାକ୍ଷରତା ସରକାରଙ୍କ ପ୍ରାଥମିକତା'



**ନୂଆଦିଲ୍ଲୀ :** ଦେଶର ଜନସଂଖ୍ୟାର ଏକ ବୃହତ୍ ଅଂଶ ଏବେ ମଧ୍ୟ ସାକ୍ଷର ହୋଇପାରିନାହାନ୍ତି। ମାତ୍ର ଶତପ୍ରତିଶତ ସାକ୍ଷରତାକୁ ସରକାର ପ୍ରାଥମିକତା ଦେଉଛନ୍ତି । ତେଣୁ ଏ ଦିଗରେ ଅଧିକ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ମଙ୍ଗଳବାର ଆନ୍ତର୍ଜାତିକ ସାକ୍ଷରତା ଦିବସ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ କହିଛନ୍ତି। ସେ କହିଛନ୍ତି, ଜାତୀୟ ଶିକ୍ଷାନୀତି-୨୦୨୦ରେ ଅଣାଯାଇଥିବା ସଂସ୍କାର ମାଧ୍ୟମରେ ସରକାର ଶତ ପ୍ରତିଶତ ସାକ୍ଷରତା ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବେ। ଭିଡିଓ କନଫରେନ୍ସିଂ ଜରିଆରେ ନିଶଙ୍କ କହିଛନ୍ତି, ଏହି ଲକ୍ଷ୍ୟ ହାସଲ ପାଇଁ ସରକାର ବିଭିନ୍ନ ସଙ୍ଗଠନ, ଗ୍ରାମସଭା ଓ ଅନ୍ୟ ଭାଗିଦାରମାନଙ୍କୁ ମିଶନ୍ ଭିତ୍ତିରେ କାର୍ଯ୍ୟ କରିବାକୁ ହେବ। ପ୍ରତି ଦୁଇ ମାସରେ ଥରେ ସାକ୍ଷରତା କାର୍ଯ୍ୟକ୍ରମଗୁଡିକର ସମୀକ୍ଷା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ନିଶଙ୍କ କହିଛନ୍ତି, ଭାରତରେ ୧ ହଜାରରୁ ଅଧିକ ବିଶ୍ୱବିଦ୍ୟାଳୟ, ୪୫ ହଜାର ଡିଗ୍ରୀ କଲେଜ, ୧୬ ଲକ୍ଷ ସ୍କୁଲ ଓ ୧ କୋଟିରୁ ଉର୍ଦ୍ଧ୍ୱ ଶିକ୍ଷକ ଅଛନ୍ତି ଏବଂ ଭାରତ ପାଖରେ ଏହାର ଦୂରଦୃଷ୍ଟି ଓ କ୍ଷମତା ରହିଛି ଏବଂ ସାମୁହିକ ଉଦ୍ୟମ ଜରିଆରେ ଏହା ସମ୍ପୂର୍ଣ୍ଣ ସାକ୍ଷରତା ହାସଲ କରିପାରିବ। ସେ କହିଛନ୍ତି, ୨୦୩୦ ସୁଦ୍ଧା ସମ୍ପୂର୍ଣ୍ଣ ସାକ୍ଷରତା ଲକ୍ଷ୍ୟ ହାସଲ ପାଇଁ ପଢିବା ଲେଖିବା ଅଭିଯାନ ଏକ ସ୍ୱତନ୍ତ୍ର ପଦକ୍ଷେପ ହେବ। ୫୭ ଲକ୍ଷ ନିରକ୍ଷରଙ୍କୁ ଶିକ୍ଷିତ କରାଇବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ।

# ବାୟୁସେନାରେ ସାମିଲ ହେଲା 'ରାଫେଲ'

**ଅମ୍ବାଲା :** ସାବଧାନ ଶତ୍ରୁ। ରାଫେଲ ରେଡ୍ଡି। ଭାରତୀୟ ବାୟୁସେନା ପାଇଁ ଆଜିର ଦିନ ଐତିହାସିକ। ଭାରତୀୟ ବାୟୁସେନାରେ ସାମିଲ ହୋଇଛି ଲଢୁଆ ବିମାନ ରାଫେଲ। ଏବେ ଶତ୍ରୁଙ୍କ ଆଖିରେ ଆଖି ମିଳାଇ ସେମାନଙ୍କୁ ଜବାବ ଦେବ ଭାରତ। ଆଜି ଅମ୍ବାଲା ଏୟାରବେସ୍‌ରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ୫ଟି ଲଢୁଆ ବିମାନକୁ ବାୟୁସେନାରେ ସାମିଲ କରାଯାଇଛି। ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ ଫ୍ଲୋରେନ୍ସ ପାର୍ଲିଙ୍କ ସହ ସିଡିଏସ୍ ବିପିନ୍ ରାୱତ ଏବଂ ଭାରତୀୟ ବାୟୁସେନାର ମୁଖ୍ୟ ଆରକେ ଏସ୍ ଭଦୋରିଆ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନିଜର ବକ୍ତବ୍ୟ ରଖି ଆଇଏଏଫ୍ ମୁଖ୍ୟ ଆର କେ ଏସ୍ ଭଦୋରିଆ କହିଛନ୍ତି ଯେ, ବର୍ତ୍ତମାନର ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ବାୟୁସେନାରେ ରାଫେଲକୁ ସାମିଲ କରିବା ଦ୍ୱାରା ଶତ୍ରୁକୁ କଡା ଜବାବ ମିଳିପାରିବ। ରାଫେଲ ଯେକୌଣସି ସ୍ଥାନରେ ଏବଂ ଯେତେବେଳେ ବି ନିୟୋଜିତ ହେବ ସେ ଉପରେ ନିଜର ପ୍ରାଧାନ୍ୟ ବିସ୍ତାର କରିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ଯେ, ରାଫେଲ ଜେଟ୍ ଭାରତୀୟ ବାୟୁସେନାରେ ସାମିଲ ହେବାଟା ଭାରତ ଏବଂ ଫ୍ୟାନ୍ସ ମଧ୍ୟରେ ସମ୍ପର୍କର ଶକ୍ତି ଦର୍ଶାଉଛି। ବର୍ତ୍ତମାନର ସୁରକ୍ଷା ପରିସ୍ଥିତିରେ ରାଫେଲ ଜେଟ୍ ଭାରତକୁ ସାହାଯ୍ୟ କରିବ। ଏହା ଭାରତର ପ୍ରତିରକ୍ଷା ଇତିହାସରେ ଏକ ଐତିହାସିକ ମୁହୂର୍ତ୍ତ। ଘରୋଇ ପ୍ରତିରକ୍ଷା ଶିଳ୍ପକୁ ଉତ୍ସାହିତ କରିବା ପାଇଁ ଆମେ ଫ୍ରାନ୍ସକୁ ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ବିନିଯୋଗ କରିବାକୁ ଆମନ୍ତ୍ରଣ କରୁଛୁ। ପ୍ରତିରକ୍ଷା ଏବଂ ପ୍ରତିରକ୍ଷା କରିଡରରେ ୭୪% ଏଫଡିଆଇ ଅନୁମତି ଦିଆଯାଇଛି। ଆଶା କରୁଛି ଫ୍ରାନ୍ସ ଏହି ପଦକ୍ଷେପର ଲାଭ ଉଠାଇବ। ସ୍କର୍ପିନ୍ ଏବଂ ରାଫେଲ୍ ଆମର ପ୍ରତିରକ୍ଷା ସମ୍ପର୍କକୁ ଆହୁରି ମଜବୁତ କରିଛି ବୋଲି ସେ କହିଛନ୍ତି। ଫ୍ରାନ୍ସ ମନ୍ତ୍ରୀ ଫ୍ଲୋରେନ୍ସ ପାର୍ଲି କହିଛନ୍ତି ଯେ, କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ମୁଁ ଭାରତରେ ଥିବାରୁ ଅତ୍ୟନ୍ତ ଆନନ୍ଦିତ ଅଟେ। ଏହା ଭାରତ ଏବଂ ଫ୍ରାନ୍ସ ପାଇଁ ଏକ ଚମତ୍କାର ସଫଳତା। ଏଠାରେ ରହିବା ଏକ ଗୌରବର ବିଷୟ ରାଫେଲ ଅର୍ଥ ହେଉଛି ପବନ ବହିବା କିମ୍ବା ଅଗ୍ନି ବିସ୍ଫୋରଣ ହେବା। ଏହା ମଧ୍ୟ ଭାରତ-ଫ୍ରାନ୍ସ ସମ୍ପର୍କର ପ୍ରତୀକ ଅଟେ। ୩୬ ରାଫେଲ ଜେଟ୍ କାର୍ଯ୍ୟକ୍ରମର ଅର୍ଥ ଆମ ପାଇଁ ବହୁତ କିଛି। ସୂଚନା ମୁତାବକ, ୧୦ ଟା ୩୦ ମିନିଟ୍‌ରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍, ଶିଖ, ପୁରୋହିତମାନେ ଭାରତୀୟ ବାୟୁସେନାରେ ପାଞ୍ଚଟି ରାଫେଲ ଯୁଦ୍ଧ ବିମାନର ସାମିଲ କରିବା ପୂର୍ବରୁ ସର୍ବ ଧର୍ମ ପୂଜାରେ ରୀତିନୀତି ଆରମ୍ଭ କରିଥିଲେ। ଏହାପରେ ଉଦ୍‌ଘାଟନୀ ସମାରୋହ ଆରମ୍ଭ ହୋଇଥିଲା। ଫ୍ଲାଏପାଷ୍ଟ ସହ ପାରମ୍ପାରିକ ଶୈଳୀରେ ପୁନର୍ବାର ରାଫେଲ ବିମାନକୁ ଏକ ପାଣି ତୋପ ସଲାମି ଦିଆଯାଇଥିଲା। ପରେ ସାରଙ୍ଗ ଏରୋବାଟିକ୍ ଟିମ୍ ଅମ୍ବାଲା ଏୟାରବେସରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମର ଗୌରବ ବଢ଼ାଇଥିଲେ। ଏହି ଦଳ ରାଫେଲକୁ ତାଙ୍କର ଅନନ୍ୟ କୌଶଳ ସହିତ ଅଭିବାଦନ ଜଣାଇଥିଲେ।



# ବାଜିଲା ବିଧାନସଭା ଉପନିର୍ବାଚନ ବିଗୁଲ୍



**ଭୁବନେଶ୍ୱର :** ରାଜ୍ୟର ଦୁଇଟି ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। କୋଭିଡ୍-୧୯ ଗାଇଡଲାଇନ୍‌କୁ ପାଳନ କରି ବାଲେଶ୍ୱର ଓ ତିର୍ତ୍ତୋଲ ବିଧାନସଭା ଆସନରେ ଉପନିର୍ବାଚନ ନିମନ୍ତେ ଆବଶ୍ୟକ ପ୍ରକ୍ରିୟା ତୁରନ୍ତ ଶେଷ କରିବାକୁ ଉଭୟ ଜିଲ୍ଲାର ଜିଲ୍ଲାପାଳଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ସମସ୍ତ ରାଜନୀତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କର ଅତିରିକ୍ତ ବୁଥ୍ ଗଠନ କରିବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ସୂଚନା ଅନୁସାରେ, ଦୁଇ ବିଧାନସଭା ଆସନରେ ଉପନିର୍ବାଚନ ପ୍ରସ୍ତୁତି ନିମନ୍ତେ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କୋଭିଡ୍-୧୯ ଗାଇଡଲାଇନକୁ ପାଳନ କରି ଉପନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବା ସମସ୍ତଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହେବ ବୋଲି କହିଥିଲେ। ସାମାଜିକ ଦୂରତ୍ୱ ପାଳନ, ଥର୍ମାଲ ସ୍କ୍ରିନିଂ, ମାସ୍କ ଓ ଗ୍ଲୋଭସ୍ ପିନ୍ଧିବା, ସାନିଟାଇଜଣ ଉପଯୋଗ, ଉଭୟ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ଭୋଟରଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା ପ୍ରଶାସନକୁ ସେ ପରାମର୍ଶ ଦେଇଛନ୍ତି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଉପନିର୍ବାଚନରେ ପ୍ରଥମଥର ପାଇଁ ଜଣେ ଅଭିଜ୍ଞ ଡାକ୍ତରଙ୍କୁ ଜିଲ୍ଲା ଓ ନିର୍ବାଚନ ମଣ୍ଡଳୀସ୍ତରର ନୋଡାଲ୍ ସ୍ୱାସ୍ଥ୍ୟ ଅଧିକାରୀ ଭାବେ ନିଯୁକ୍ତି ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ଗୋଟିଏ ବୁଥ୍‌ରେ ସର୍ବାଧିକ ୧ ହଜାର ଭୋଟର ମତଦାନ କରିପାରିବେ। କରୋନା ସଂକ୍ରମିତ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ଆଇସୋଲେସନ ସେଣ୍ଟରରେ ରହୁଥିବା ସଂକ୍ରମିତଙ୍କୁ ଭୋଟ ଦାନର ଶେଷ ପର୍ଯ୍ୟାୟରେ ମତଦାନ ନିମନ୍ତେ ଅନୁମତି ପ୍ରଦାନ କରାଯିବ। ନିର୍ବାଚନ ପରିଚାଳନା ନିମନ୍ତେ ନିୟୋଜିତ କର୍ମଚାରୀଙ୍କୁ ପ୍ରଶିକ୍ଷଣ, ଯାନବାହନର ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଷ୍ଟ୍ରଙ୍ଗରୁମ୍ ଓ ଭୋଟ ଗଣତି କେନ୍ଦ୍ର ସମ୍ପର୍କରେ ମଧ ଆଜିର ବୈଠକରେ ଆଲୋଚନା ହୋଇଥିବା ଜଣାପଡିଛି।

# ଗୋପାଳପୁର ବନ୍ଦରର ହେବ ନବକଳେବର



**ଭୁବନେଶ୍ୱର :** ଗୋପାଳପୁର ବନ୍ଦରର ବିକାଶ ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଏନେଇ କିଛିଦିନ ପୂର୍ବେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଥିଲା। ବୈଠକରେ ଜମି ଅଧିଗ୍ରହଣ, ବନ୍ଦରର କାୟା ବୃଦ୍ଧି, ମତ୍ସ୍ୟଜୀବୀଙ୍କ ପାଇଁ ନୂଆ ଜେଟି ନିର୍ମାଣ, ସଡ଼କ ଏବଂ ରେଳ ଯୋଗାଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ତେବେ ଆଲୋଚିତ ପ୍ରସଙ୍ଗ ଉପରେ କେଉଁ ପଦକ୍ଷେପ ନିଆଯାଇଛି ସେନେଇ ରିପୋର୍ଟ ପ୍ରଦାନ କରିବାକୁ ପୂର୍ତ୍ତ ବିଭାଗ ପକ୍ଷରୁ ଜାତୀୟ ରାଜପଥ, ଓଡ଼ିଶାର ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମୀକ୍ଷା ବୈଠକରେ ମୁଖ୍ୟତଃ ଜମି ଅଧିଗ୍ରହଣକୁ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ବନ୍ଦରର ବିକାଶ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ମୋଟ ୧୨୦୦ ଏକର ଜମି ଅଧିଗ୍ରହଣର ଯୋଜନା ରହିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୩୯୩ ଏକର ଜମି ଅଧିଗ୍ରହଣ ହୋଇପାରିଛି। ବର୍ତ୍ତମାନ ବନ୍ଦରର ବିକାଶ ଏବଂ ନୂଆ ଏଲ୍‌ଏନ୍‌ଜି ଟର୍ମିନାଲର ନିର୍ମାଣ ପାଇଁ ବଳକା ଜମି ଅଧିଗ୍ରହଣର ଅତ୍ୟନ୍ତ ଆବଶ୍ୟକତା ରହିଛି। ତେବେ ବନ୍ଦର କର୍ତ୍ତୃପକ୍ଷଙ୍କୁ ମିଳିବାକୁ ଥିବା ୮୦୦ ଏକର ଜମି ମଧ୍ୟରୁ ୧୧୯.୭୧୬ ଏକର ଜମି ସରକାରୀ ମାଲିକାନାରେ ଥିବା ବେଳେ ବଳକା ୬୨୦.୨୨୫ ଏକର ଜମି ଆଇଆର୍‌ଇଏଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ସରକାରଙ୍କୁ ଫେରସ୍ତ ହେବାକୁ ଥିବା ଜମି ବୋଲି ଜଣାପଡ଼ିଛି। ଲ୍ୟାଣ୍ଡ ଲିଜ ଏଗ୍ରିମେଣ୍ଟ ନିୟମାନୁଯାୟୀ ସରକାରୀ ମାଲିକାନାରେ ଥିବା ୧୧୯ ଏକର ଜମିକୁ ଯାଞ୍ଚ ପାଇଁ ଆଇନ ବିଭାଗକୁ ପଠାଯାଇଛି। ଆଇନ ବିଭାଗର ସ୍ୱୀକୃତି ମିଳିଲେ ଏହା ଅର୍ଥ ବିଭାଗକୁ ପଠାଯିବ ଏବଂ ପରବର୍ତ୍ତୀ ସମୟରେ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଡିଲ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଆଇଆର୍‌ଇଏଲ୍ କମ୍ପାନୀ ପକ୍ଷରୁ ସରକାରଙ୍କୁ କୁହାଯାଇଛି ଯେ କମ୍ପାନୀ ମାଲିକାନାରେ ଥିବା ୬୨୦.୨୨୫ ଏକର ଜମିରେ ଖଣି କାର୍ଯ୍ୟ ସରିଥିବା ବେଳେ ଜଙ୍ଗଲ କ୍ଲିୟରାନ୍ସ ପାଇଁ ବିଭାଗର ଅନୁମତିକୁ ଅପେକ୍ଷା କରାଯାଇଛି। ଅନୁମତି ମିଳିବା ପରେ ଏହାକୁ ସରକାରଙ୍କୁ ହସ୍ତାନ୍ତର କରାଯିବ। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବଙ୍କ ସୂଚନା ଅନୁଯାୟୀ ବନ୍ଦରର ପୂର୍ବ ଭାଗକୁ ୩୦ ମିଟର ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ସେହିପରୁ ସୁରକ୍ଷା ଦୃଷ୍ଟିରୁ ମାଛଧରା ଡଙ୍ଗା, ବୋଟ୍, ଟ୍ରଲର ବନ୍ଦରର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଏହାକୁ ବନ୍ଦର ଅଞ୍ଚଳକୁ ନୋ ଫିଶିଂ ଜୋନ ଭାବେ ଘୋଷଣା କରିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ବନ୍ଦର ନିକଟବର୍ତ୍ତୀ ଅଞ୍ଚଳରେ ୪୫୦ କୋଟି ଟଙ୍କା ବିନିମୟରେ ଅନ୍ୟ ଏକ ପୋତାଶ୍ରୟ ନିର୍ମାଣ ପାଇଁ ଯୋଜନା ରହିଛି। ଏହି ନୂଆ ଅଞ୍ଚଳରେ ମତ୍ସ୍ୟଜୀବୀଙ୍କ ପାଇଁ ୧୦ କୋଟି ଟଙ୍କା ମୂଲ୍ୟରେ ଏକ ଜେଟି ନିର୍ମାଣ କରାଯିବ। ଫଳରେ ମତ୍ସ୍ୟଜୀବୀମାନେ ସହଜରେ ଏଠାରେ ମାଛ ମାରିପାରିବେ। ଏହି ଯୋଜନା ଜୁନ ୨୦୨୧ ମଧ୍ୟରେ କାର୍ଯ୍ୟକାରୀ ହେବ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ବନ୍ଦରକୁ ଏକ ନୂଆ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ଛତ୍ରପୁରରୁ ଏନ୍‌ଏଚ୍-୧୬ ଦେଇ ଏକ ବାଇପାସ୍ ରାସ୍ତା ନୂଆ ଭାବେ ନିର୍ମାଣ କରାଯିବ, ଯାହାଫଳରେ ଟ୍ରାଫିକ ସମସ୍ୟାର ସବୁଦିନିଆ ସମାଧାନ ହୋଇପାରିବ। ଅନ୍ୟପକ୍ଷରେ ରେଳ ଯୋଗାଯୋଗକୁ ମଧ ପ୍ରାଥମିକତା ଦିଆଯାଉଥିବା ବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଥିବା ଜଣାପଡ଼ିଛି।

# ମାଟ୍ରିକ ଢାଞ୍ଚାରେ ହେବ ୮ମ ଶ୍ରେଣୀ ପରୀକ୍ଷା

**ଭୁବନେଶ୍ୱର :** ଆସନ୍ତା ଶିକ୍ଷାବର୍ଷରୁ ସରକାରୀ ସ୍କୁଲଗୁଡ଼ିକରେ ପରୀକ୍ଷା ବ୍ୟବସ୍ଥାରେ ହେବ ପରିବର୍ତ୍ତନ। ରାଜ୍ୟରେ ମାଟ୍ରିକରେ ପାସ୍‌ହାର ବୃଦ୍ଧି ପାଇଁ ଖୁବଶୀଘ୍ର ଏକ ନୂତନ ବ୍ୟବସ୍ଥା ଲାଗୁ କରାଯିବ। ଅଷ୍ଟମରୁ ପାସ୍-ଫେଲ୍ ଲାଗୁ କରାଯିବ। ଏନେଇ ବିଭାଗ ପକ୍ଷରୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେଉଥିବା ବେଳେ ଆସନ୍ତା ଶିକ୍ଷାବର୍ଷରୁ ଏହି ବ୍ୟବସ୍ଥାକୁ ଲାଗୁ କରାଯିବ ବୋଲି ମଧ ନିଷ୍ପତ୍ତି ହୋଇଛି। ଆସନ୍ତା ବର୍ଷରୁ ମାଟ୍ରିକ ପରୀକ୍ଷା ଦେବା ପୂର୍ବରୁ ଛାତ୍ରଛାତ୍ରୀଙ୍କ ଲାଗି ପରୀକ୍ଷାରେ ନୂତନ ବ୍ୟବସ୍ଥା ଆରମ୍ଭ ହେବ। ମାଟ୍ରିକ ପରୀକ୍ଷାରେ କପି ରୋକିବା ଲାଗି ଯେପରି ସେଟ୍ ପ୍ରଶ୍ନପତ୍ର ରହୁଛି ସେହିପରି ସେଟ୍ ପ୍ରଶ୍ନପତ୍ର ଅଷ୍ଟମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାରୁ ଆରମ୍ଭ ହେବ। ତେବେ ଏଥିରେ ୩ଟି ସେଟ୍‌ର ପ୍ରଶ୍ନପତ୍ର ରହିବ। ମାଟ୍ରିକ ପରୀକ୍ଷା ଦେବା ସମୟରେ ଅନେକ ପରୀକ୍ଷାର୍ଥୀ ପରୀକ୍ଷା ପରିଚାଳନା ନେଇ ଭୟ ପ୍ରକଟ କରୁଥିବାରୁ ପିଲାଙ୍କ ମନରୁ ଭୟ ଦୂର କରିବା ସହ ମାଟ୍ରିକ ପରୀକ୍ଷା ପୂର୍ବରୁ ପିଲାଙ୍କୁ ସେଟ୍ ପ୍ରଶ୍ନପତ୍ର ସମ୍ପର୍କରେ ଅବଗତ କରାଯିବ। ରାଜ୍ୟରେ ପାସ୍‌ଫେଲ୍ ବ୍ୟବସ୍ଥା ଲାଗୁ ହେବା ପରେ ଅଷ୍ଟମ ଶ୍ରେଣୀ ପରୀକ୍ଷାରେ ଦୁର୍ବଳ ପ୍ରଦର୍ଶନ ପିଲାଙ୍କୁ ଫେଲ୍ କରାଯିବ। ତେବେ ସରକାରୀ ସ୍କୁଲଗୁଡ଼ିକରେ ଦୁର୍ବଳ ପିଲାଙ୍କ ଲାଗି ଉଜ୍ଜ୍ୱଳ-ଉତ୍‌ଥାନ ଭଳି ସ୍ୱତନ୍ତ୍ର ଶିକ୍ଷାଦାନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏହାବ୍ୟତୀତ ଗଣିତ, ବିଜ୍ଞାନ, ଇଂରାଜୀ ଏବଂ ସାହିତ୍ୟ ବିଷୟରେ ପିଲାମାନଙ୍କର ଦକ୍ଷତା-ଜ୍ଞାନ ବୃଦ୍ଧି ଲାଗି ଅତିରିକ୍ତ ଶିକ୍ଷାଦାନର ବ୍ୟବସ୍ଥା ହେଉଛି। ଅଷ୍ଟମ ଶ୍ରେଣୀରୁ ସେଟ୍ ପ୍ରଶ୍ନପତ୍ର ପ୍ରଚଳନ ଲାଗି ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିବା ବେଳେ ଏହାର ପ୍ରଶ୍ନପତ୍ର ଏସ୍‌ସିଇଆର୍‌ଟି ପ୍ରସ୍ତୁତ କରିବାକୁ ମଧ ନିଷ୍ପତ୍ତି ହୋଇଛି। ଏନେଇ ଏକ ୮ଜଣିଆ କମିଟି ଗଠନ କରାଯିବ। ଅଷ୍ଟମ ପରୀକ୍ଷାରେ ପ୍ରତି ଶ୍ରେଣୀରେ ୩ ପ୍ରକାର ପ୍ରଶ୍ନପତ୍ର ପିଲାଙ୍କୁ ଦିଆଯିବ। ପରୀକ୍ଷା କେନ୍ଦ୍ରରେ ମଧ ଗୋଟିଏ ଧାଡ଼ିରେ ୩ଜଣ ପରୀକ୍ଷାର୍ଥୀ ବସିବେ। ଅଧିକ ପିଲାଙ୍କୁ ଗୋଟିଏ ଧାଡ଼ିରେ ରଖାଯିବ ନାହିଁ। ପିଲାଙ୍କୁ ସେଟ୍ ପ୍ରଶ୍ନ ଦିଆଯିବା ପରେ ପ୍ରତି ପରୀକ୍ଷାର୍ଥୀଙ୍କ ପାର୍ଶ୍ୱରେ କିମ୍ବା ଆଗଧାଡ଼ି ଓ ପଛଧାଡ଼ିରେ ଯେପରି ସମାନ ସେଟ୍ ପ୍ରଶ୍ନପତ୍ର ଦିଆଯିବ ନାହିଁ ସେଥିଲାଗି ଗୁରୁତ୍ୱ ଦିଆଯିବ। ମାଟ୍ରିକ ପରୀକ୍ଷା ଭଳି ଯଦିଓ ପିଲାଙ୍କୁ ଆଡ୍‌ମିଟ୍ କାର୍ଡ ଦିଆଯିବ ନାହିଁ ମାତ୍ର ଯାଞ୍ଚ ପ୍ରକ୍ରିୟା, ଶ୍ରେଣୀରେ ପ୍ରଶ୍ନପତ୍ର ଏବଂ ଉତ୍ତରଖାତା ବାଣ୍ଟିବା, ନିର୍ଦ୍ଧାରିତ ସମୟରେ ଉତ୍ତରଖାତା ସଂଗ୍ରହ କରିବା ଆଦି ମାଟ୍ରିକ ପରୀକ୍ଷା ଭଳି କରାଯିବ। ଏହି ବ୍ୟବସ୍ଥା ସମ୍ପର୍କରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅଧିକାରୀଙ୍କ କହିବା ଅନୁଯାୟୀ, ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ଆଧାରଲିଙ୍କ୍ ହେବା ପରେ ରାଜ୍ୟର ସବୁ ସ୍କୁଲର ତଥ୍ୟ ବିଭାଗୀୟ ୟୁଡାଇସ୍‌ରେ ରହିଛି।

# ସଫେଇ କର୍ମଚାରୀଙ୍କ ପାଇଁ 'ଗରିମା'




**ଭୁବନେଶ୍ୱର :** ରାଜ୍ୟର ସଫେଇ କର୍ମଚାରୀମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି 'ଗରିମା' ଯୋଜନାର ଶୁଭାରମ୍ଭ କରିଛନ୍ତି। ସେପ୍‌ଟିକ୍ ଟାଙ୍କି ତଥା ଅନ୍ୟ ବିପଦପୂର୍ଣ୍ଣ ସ୍ଥାନରୁ ମଇଳା କାଢୁଥିବା ସଫେଇ କର୍ମଚାରୀମାନେ ଏହାଦ୍ୱାରା ଉପକୃତ ହେବେ। ଏଥିପାଇଁ ପ୍ରାଥମିକ ଅବସ୍ଥାରେ ୫୦ କୋଟି ଟଙ୍କାର କର୍ପସ ପାଣ୍ଠି ସହିତ ସଫେଇ କର୍ମଚାରୀଙ୍କ ପାଇଁ ରାଜ୍ୟ କମିଶନ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ରାଜ୍ୟ ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାରେ ରାଜ୍ୟର ସମସ୍ତ ୧୧୪ଟି ପୌରସଂସ୍ଥାରେ କାର୍ଯ୍ୟକାରୀ ହେବ ଏବଂ ୨୦ ହଜାର ସଫେଇ କର୍ମଚାରୀଙ୍କ ସମେତ ସେମାନଙ୍କର ୧ଲକ୍ଷ ପରିବାର ସଦସ୍ୟ ଉପକାର ପାଇବେ। ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସାରା ବିଶ୍ୱ ବର୍ତ୍ତମାନ ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜୟନ୍ତୀ ପାଳନ କରୁଛି। ମହାତ୍ମା ସାରା ଜୀବନ ସମାଜର ଏହି ଅବହେଳିତ ବର୍ଗର କଲ୍ୟାଣ, ଅଧିକାର ଓ ମର୍ଯ୍ୟାଦା ପାଇଁ ଲଢ଼େଇ କରିଛନ୍ତି। ପରିମଳକୁ ଗାନ୍ଧିଜୀବ ସ୍ୱାଧୀନତାଠାରୁ ଅଧିକ ଗୁରୁତ୍ୱ ଦେଉଥିଲେ। ତେଣୁ ବାପୁଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଜ୍ୟ ସରକାର 'ଗରିମା' ଯୋଜନା ବାପୁଙ୍କ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବାପୁଙ୍କ ସ୍ୱପ୍ନକୁ ସାକାର କରିବା ସହିତ ସଫେଇ କର୍ମଚାରୀଙ୍କୁ ସମାଜରେ ସେମାନଙ୍କ ଉଚିତ ସ୍ଥାନ ଦେବାରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ସେହିପରି କୋଭିଡ ଯୁଦ୍ଧ ସମୟରେ ସେମାନେ ଯେପରି ନିଜ ଜୀବନକୁ ବିପଦରେ ପକାଇ ସେବା କରିଚାଲିଛନ୍ତି, ମୁଖ୍ୟମନ୍ତ୍ରୀ ତାର ଉଚ୍ଚପ୍ରଶଂସା କରିଥିଲେ। 'ଗରିମା' ଯୋଜନାରେ ବିପଦପୂର୍ଣ୍ଣ ପରିମଳ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ଚିହ୍ନଟ କରାଯିବା ସହିତ ସେମାନଙ୍କ ନିରାପତ୍ତା ଓ ମର୍ଯ୍ୟାଦା ଉପରେ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କର କଠିନ ଓ ବିପଦପୂର୍ଣ୍ଣ କାମକୁ ସମ୍ମାନ ଜଣାଇ ସ୍ୱତନ୍ତ୍ର ଭତ୍ତା, ସ୍ୱାସ୍ଥ୍ୟ ସୁବିଧା, ଜୀବନ ବୀମା, ପିଲାଙ୍କ ପାଇଁ ଉଚ୍ଚଶିକ୍ଷା, ଗୃହ ନିର୍ମାଣ ଓ ଦୁଇ ଚକିଆ ଗାଡି ପାଇଁ ୯୦% ଅନୁଦାନ, ବ୍ୟକ୍ତିଗତ ସୁରକ୍ଷା ଉପକରଣ, ଅନୁକମ୍ପାମୂଳକ ସହାୟତ, ଇପିଏଫ୍‌ଏ ଇଏସ୍‌ଆଇ ଏବଂ ପରିବାର ପେନ୍‌ସନ୍ ଆଦି ବିଭିନ୍ନ କଲ୍ୟାଣ ଯୋଜନାର ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ରାଜ୍ୟରେ ଚାଲିଥିବା ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ କ୍ଷେତ୍ରରେ ଏହା ଆଉ ଏକ ସଫଳ ଅଧ୍ୟାୟ ଆରମ୍ଭ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ, ପରିମଳ କର୍ମଚାରୀଙ୍କ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କିରବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ମଧ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଜେନା ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗରିମା ଯୋଜନା ସମ୍ପର୍କିତ ଏକ ଭିଡିଓ ଓ ଲୋଗୋ ଉନ୍ମୋଚନ କରିଥିଲେ। 'ଗରିବ' ଯୋଜନାକୁ ଆଗେଇ ନେବା ପାଇଁ ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ବିଭାଗ ଏବଂ ଅହମ୍ମଦାବାଦର ଅର୍ବାନ ମ୍ୟାନେଜମେଣ୍ଟ ସେଣ୍ଟର ମଧ୍ୟରେ ବୈଷୟିକ ସହଯୋଗ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାତନନ୍ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଏବଂ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ପୁଣି ଝଟକା

## ୧୬ କୋଟିରୁ ସାଢ଼େ ୩ କୋଟିକୁ ଖସିଲା ଅନୁଦାନ



**ଭୁବନେଶ୍ୱର :** ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ପୁଣି ଝଟକା। ବାଘ ଫେରସ୍ତ ନିଷ୍ପତ୍ତି ପରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ଅନୁଦାନ ହ୍ରାସ ନିଷ୍ପତ୍ତି ପଦାରେ ପକାଇଛି କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗ। ଚଳିତ ବର୍ଷ ବରାଦ ହୋଇଥିବା ଅନୁଦାନର ୭୦% କମ୍ ଦେବ ବୋଲି ରାଜ୍ୟ ସରକାରଙ୍କୁ ଏନ୍‌ଟିସିଏ ଅବଗତ କରିଛି। ଅନୁଦାନ ବୃଦ୍ଧି ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦେବାକୁ ବନ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। ଏପରି ନହେଲେ, ପ୍ରଭାବିତ ହୋଇପାରେ କର୍ମଚାରୀଙ୍କ ଦରମା। ୨୦୧୯ ମସିହା ଡିସେମ୍ବରରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଉପରେ ରୋକ ଲଗାଇ ବାଘୁଣୀ 'ସୁନ୍ଦରୀ'କୁ ମଧ୍ୟପ୍ରଦେଶ ଫେରାଇବାକୁ ନିଷ୍ପତ୍ତି ନେଇଥିଲା ଏନ୍‌ଟିସିଏ। ଏହାର ୯ମାସ ପରେ ବ୍ୟାଘ୍ର ପ୍ରକଳ୍ପ ଅନୁଦାନ କାଟ୍ କରିବାକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏପ୍ରିଲ ମାସରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଏନ୍‌ଟିସିଏକୁ ୧୬ କୋଟିର ଅନୁଦାନ ମାଗିଥିଲା ବନ ବିଭାଗ। ହେଲେ ମଞ୍ଜୁର ହୋଇଛି ମାତ୍ର ୩.୬୦ କୋଟି ଟଙ୍କା। ଏପରିକି ୮୦% ଟଙ୍କା ଖର୍ଚ୍ଚ ହେବା ପରେ ବିନିଯୋଗ ପ୍ରମାଣପତ୍ର ଦାଖଲର ନିର୍ଦ୍ଦେଶ ଦିଆଯାଇଛି। ଯାହା ପ୍ରଭାବିତ କରିବ ବ୍ୟାଘ୍ର ସୁରକ୍ଷା ଦାୟିତ୍ୱରେ ଥିବା ୨୯୬ କର୍ମଚାରୀଙ୍କ ଦରମା। ଏନ୍‌ଟିସିଏ ଦେଇଥିବା ଅର୍ଥର ପରିମାଣ ଏତେ କମ୍ ଯେ ଅଧା ଦରମା ନ ହେଲେ କର୍ମଚାରୀଙ୍କ ଛଟେଇ ଯାଏ ବି କଥା ଯାଇପାରେ। ଏପରି ହେଲେ ନୟାଗଡ, କଟକ, ବୌଦ୍ଧ ଓ ଅନୁଗଳ ସାତକୋଶିଆ ବନ ରେଞ୍ଜରେ କାମ କରୁଥିବା ଅଧିକାଂଶ ଲୋକଙ୍କ ଘରେ ଚୁଲି ଜଳିବା କାଠିକର ହୋଇଯିବ।

# ଆସନ୍ତା ଶିକ୍ଷାବର୍ଷରୁ ଇ-ମାର୍କସିଟ୍

**ଭୁବନେଶ୍ୱର :** ରାଜ୍ୟରେ ଡିଜିଟାଲ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଏହାକୁ ସ୍କୁଲ ସ୍ତରରେ ମଧ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଛି। ତେବେ ଆସନ୍ତା ଶିକ୍ଷାବର୍ଷରୁ ସ୍କୁଲସ୍ତରରେ ପିଲାଙ୍କୁ କାଗଜରେ ପ୍ରସ୍ତୁତ ମାର୍କଶିଟ୍ ବଦଳରେ ଇ-ମାର୍କସିଟ୍ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ଆଗକୁ ଆଉ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଆଉ ହାତଲେଖା ମାର୍କଶିଟ୍ ମିଳିବ ନାହିଁ। ଛାତ୍ରଛାତ୍ରୀଙ୍କୁ ଇମାର୍କଶିଟ୍ ପ୍ରଦାନ କରାଯିବ। ତେବେ ଏହି ବ୍ୟବସ୍ଥା ଯଦି କାର୍ଯ୍ୟକାରୀ ହୁଏ ବର୍ଷକୁ ଏକ କୋଟି ୬୬ଲକ୍ଷ ଟଙ୍କା ସଞ୍ଚୟ ହେବ ବୋଲି ଆକଳନ କରାଯାଇଛି। ଏହାବ୍ୟତୀତ ଯେଉଁ ସମୟରେ ଚାହିଁବେ ପିଲାମାନେ ସେମାନଙ୍କର ମାର୍କଶିଟ୍ ଡାଉନ୍‌ଲୋଡ କରିପାରିବେ। ଫଳରେ ମାର୍କଶିଟ୍ ହଜିବା କିମ୍ବା ନଷ୍ଟ ହେବାର ଭୟ ରହିବ ନାହିଁ। ପ୍ରକାଶଥାଉ କି, ରାଜ୍ୟରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନରେ ବିକାଶ ଏବଂ ଉନ୍ନତ ଭିତ୍ତିଭୂମି ଲାଗି ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ପ୍ରଥମଥର ଲାଗି ପୁଣି ଏକ ଅଭିନବ ପ୍ରୟାସ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ପରୀକ୍ଷାର ମାର୍କଶିଟ୍ ପୂର୍ବଭଳି ପ୍ରୋଗ୍ରେସ ରିପୋର୍ଟ ମାଧ୍ୟମରେ ନଦେଇ ଇ-ମାର୍କସିଟ୍ ମାଧ୍ୟମରେ ଦେବାକୁ ଯୋଜନା କରାଯାଇଛି। ପୂର୍ବରୁ ଏହି ବ୍ୟବସ୍ଥା ଉଚ୍ଚଶିକ୍ଷା କ୍ଷେତ୍ରରେ ଲାଗୁ ହୋଇଥିବା ବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଯଦି ଏହି ବ୍ୟବସ୍ଥା ଲାଗୁ କରାଯାଏ ତେବେ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ ହେବ। ରାଜ୍ୟରେ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ପିଲାଙ୍କ ସଂଖ୍ୟା ୧୬ଲକ୍ଷ ୬୦ହଜାର। ପ୍ରତିବର୍ଷ ବାର୍ଷିକ ପରୀକ୍ଷା ରେଜଲ୍ଟ ବା ମାର୍କଶିଟ୍ ପ୍ରସ୍ତୁତି ଲାଗି ଖର୍ଚ୍ଚ ହେଉଛି ୧୦ଟଙ୍କା। ଏହି ହିସାବରେ ରାଜ୍ୟରେ ସରକାରୀ ସ୍କୁଲଗୁଡ଼ିକରେ ଷଷ୍ଠରୁ ନବମ ଶ୍ରେଣୀ ପିଲାଙ୍କ ଲାଗି କେବଳ କାଗଜରେ ପ୍ରିଣ୍ଟିଂ ହୋଇଥିବା ମାର୍କଶିଟ୍ ପ୍ରସ୍ତୁତି ଲାଗି ମୋଟ ୧କୋଟି ୬୬ଲକ୍ଷ ଟଙ୍କା ବ୍ୟୟ ହେଉଛି। ଯଦି ଇ-ମାର୍କଶିଟ୍ ବ୍ୟବସ୍ଥା କରାଯାଏ ତେବେ ତେବେ ଏହି ଟଙ୍କା ବିଭାଗର ବଞ୍ଚିବ। ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଇମାର୍କସିଟ୍ ବ୍ୟବସ୍ଥା ଲାଗୁ କରିବା ଲାଗି ପ୍ରାଥମିକ ସ୍ତରରେ ନିଷ୍ପତ୍ତି ହୋଇଛି । ୨୦୧୯ ମସିହାରେ ଏହି ନିଷ୍ପତ୍ତି ହୋଇଥିବା ବେଳେ ୨୦୨୦ରୁ ଲାଗୁ କରିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଚଳିତବର୍ଷ କରୋନା ଲାଗି ଅନେକ କାର୍ଯ୍ୟ ଅଧାରେ ରହିଛି। ତେବେ ଏନେଇ ସ୍ୱତନ୍ତ୍ର ଭାବେ ବିଭାଗର ୟୁଡାଇସ୍‌ରେ ମାର୍କଶିଟ୍ ଲାଗି ବ୍ୟବସ୍ଥା କରାଯିବ। ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ଫର୍ମାଟ ପ୍ରସ୍ତୁତ କରାଯିବ। ସେଥିରେ ବ୍ଲକ ଏବଂ ସ୍କୁଲଓ୍ୱାରୀ ପିଲାଙ୍କର ମାର୍କ ରଖାଯିବ। ବିଭାଗ ପକ୍ଷରୁ ଏକ କୋଡ ନମ୍ବର ମିଳିବ। ସେହି କୋଡ ନମ୍ବରରେ ସ୍କୁଲ ନାମ ଏବଂ ପିଲାଙ୍କ ରୋଲ ନମ୍ବର ଏବଂ ଜନ୍ମ ତାରିଖ ଦେଲେ ଇ-ମାର୍କଶିଟ୍ ଦେଖି ହେବ। ଆବଶ୍ୟକସ୍ଥଳେ ପିଲାମାନେ ମଧ ସେହି ମାର୍କଶିଟ୍‌କୁ ଡାଉନ୍‌ଲୋଡ କରିପାରିବେ। ବର୍ତ୍ତମାନ ଅନେକ ସଂସ୍ଥା ଯଥା ଓକାକ ପକ୍ଷରୁ ପିଲାଙ୍କୁ ଇ-ମାର୍କଶିଟ୍ ଦିଆଯାଉଛି। ସେହିପରି କିଛି ପ୍ରତିଷ୍ଠିତ ବୈଷୟିକ ଶିକ୍ଷାନୁଷ୍ଠାନ ମଧ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଏହି ବ୍ୟବସ୍ଥାରେ ଜାଲ ସାର୍ଟିଫିକେଟ୍ ରୋକାଯିବା ସହ ପିଲାଙ୍କ ସାର୍ଟିଫିକେଟ୍ ମଧ ସୁରକ୍ଷିତ ରହିବ।

# 'କୋଭିଡ୍ କେୟାର ସେଣ୍ଟର ଓ ହୋମ୍ ବନ୍ଦ କରିପାରିବେ ଜିଲ୍ଲାପାଳ'




**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କୋଭିଡ୍ ପରିଚାଳନାର ସମୀକ୍ଷା କରିଥିଲେ। ରାଜ୍ୟରେ କୋଭିଡରୁ ଆରୋଗ୍ୟ ଲାଭ କରିଥିବା ରୋଗୀଙ୍କ ସଂଖ୍ୟା ୧ଲକ୍ଷ ଟପି ଥିବାରୁ ମୁଖ୍ୟମନ୍ତ୍ରୀ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଖୋର୍ଦ୍ଧା ଓ କଟକ ଜିଲ୍ଲାରେ ପଜିଟିଭ ସଂଖ୍ୟା ଅଧିକ ଥିବାରୁ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସଚେତନତା କାର୍ଯ୍ୟକ୍ରମ ଏବଂ କୋଭିଡ ନିୟମାବଳୀର କଡାକଡି ପାଳନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି କଟକ-ଭୁବନେଶ୍ୱରରେ ଗୁରୁତର ରୋଗୀମାନଙ୍କ ପାଇଁ ଅଧିକ ଆଇସିୟୁ ବେଡ୍ ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ତା ସହିତ ଏହି ଦୁଇ ସହରରେ ଅଧିକ ଆମ୍ବୁଲାନ୍ସ ମୁତୟନ ପାଇଁ ମଧ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ସପ୍ତାହରେ ଭୁବନେଶ୍ୱର-କଟକରେ ପରିସ୍ଥିତିରେ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। କୋଭିଡ୍‌କୁ ନିୟନ୍ତ୍ରଣ କରିବାରେ ସାମାଜିକ ଦୂରତା, ମାସ୍କ ପିନ୍ଧିବା ଏବଂ ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ସେହିପରି ଛୋଟ ଦୋକାନୀ ଓ ଉଠା ଦୋକାନୀମାନେ ମଧ କୋଭିଡ ନିୟମାବଳୀ ଉଲଙ୍ଘନ କରୁଥିବା ନଜରକୁ ଆସୁଥିବାରୁ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଏବଂ ପୌରସଂସ୍ଥା ପରସ୍ପର ସମନ୍ୱୟ ରଖି ନିୟମାବଳୀ କଡାକଡି ପାଳନ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଅନେକ ଲୋକ ନିୟମାବଳୀ ଠିକ୍ ଭାବରେ ପାଳନ କରୁଥିବା ବେଳେ କିଛି ଲୋକଙ୍କ ତ୍ରୁଟି ଯୋଗୁ ସଂକ୍ରମଣ ବ୍ୟାପୁଥିବାରୁ ଏହାକୁ କଦାପି ବରଦାସ୍ତ କରାଯାଇପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଥିଲେ। ଗଞ୍ଜାମ, ସୁନ୍ଦରଗଡ, ଗଜପତି ଓ କୋରାପୁଟରେ କୋଭିଡ୍ ସ୍ଥିତିରେ ଉନ୍ନତି ଆସିଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ବ୍ରହ୍ମପୁର ମଡେଲ ଅନୁସରଣ କରିବା ପାଇଁ କଟକ-ଭୁବନେଶ୍ୱର ପୌର ପ୍ରଶାସନ ସମେତ ଯାଜପୁର, ବରଗଡ, ଖୋର୍ଦ୍ଧା ଓ କଟକ ଜିଲ୍ଲାପାଳ ମାନଙ୍କୁ ପରାମର୍ଶ ଦେଇଥିଲେ। ଯେଉଁ ଜିଲ୍ଲା ମାନଙ୍କରେ କୋଭିଡ ସ୍ଥିତିରେ ଉନ୍ନତି ଆସିଛି, ସେଠାରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ଟିଏମ୍‌ସି, କୋଭିଡ୍ କେୟାର ସେଣ୍ଟର ଏବଂ କୋଭିଡ୍ କେୟାର ହୋମ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଘରୋଇ ଡାକ୍ତରଖାନାରେ କୋଭିଡ୍ ରୋଗୀଙ୍କ ପାଇଁ ଅଧିକ ଶଯ୍ୟା ସଂରକ୍ଷିତ ରଖିବା, ଡାକ୍ତରଖାନା ଗୁଡିକରେ ଗୁଣାତ୍ମକ ସେବା ଯୋଗାଇବା ଏବଂ ଗୃହ ସଙ୍ଗରୋଧରେ ଥିବା ରୋଗୀମାନଙ୍କ ଚିକିତ୍ସା ତଦାରଖ କରିବା, ଗୋଷ୍ଠୀକୁ ସାଥିରେ ନେଇ ବିଭିନ୍ନ ଜୋନ୍ ଭିତ୍ତିକ ତଦାରଖ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ସରକାରୀ କର୍ମଚାରୀମାନେ ସଂକ୍ରମିତ ହେଉଥିବା ଖବରରେ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ସରକାରୀ ଅଫିସରେ କୋଭିଡ୍ ନିୟମାବଳୀକୁ ଆହୁରି କଡାକଡି ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ହଟ୍‌ସ୍ପଟ୍ ଜିଲ୍ଲାକୁ ଅଧିକ ଡାକ୍ତର ଏବଂ ପ୍ରଶାସନିକ ଅଧିକାରୀ ପଠାଯିବ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଥିଲେ। କୋଭିଡ୍ ପରିଚାଳନା ସମ୍ପର୍କରେ ସୂଚନା ଦେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟରେ ଆରୋଗ୍ୟ ହାର ୭୭.୮ ପ୍ରତିଶତ ରହିଛି, ଯାହାକି ଜାତୀୟ ହାରଠାରୁ ସାମାନ୍ୟ ଅଧିକ। ସେହିପରି ମୃତ୍ୟୁ ହାର ସାରା ଦେଶରେ ସର୍ବନିମ୍ନ ରହିଛି ଏବଂ ଏହା ୦.୪୩%। ଗୁରୁତର ରୋଗୀଙ୍କ ପାଇଁ ଷ୍ଟେପ୍-ଡାଉନ୍ ଆଇସିୟୁ ସୁବିଧା କରାଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ। ଖୋର୍ଦ୍ଧା ଓ କଟକ ଜିଲ୍ଲାର ପର୍ଯ୍ୟବେକ୍ଷକ ଦ୍ୱୟ ଏବଂ ଭୁବନେଶ୍ୱର-କଟକ ମ୍ୟୁନିସିପାଲ କର୍ପୋରେସନର କମିଶନର ଦ୍ୱୟ କୋଭିଡ୍ ପରିସ୍ଥିତି ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ ଏବଂ ପରିସ୍ଥିତିରେ ଉନ୍ନତି ପରିଲକ୍ଷିତ ହେଉଛି ବୋଲି କହିଥିଲେ। ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ପୋଲିସ ମହାନିର୍ଦ୍ଦେଶକ, ଭୁବନେଶ୍ୱର-କଟକର ପୋଲିସ କମିଶନର କୋଭିଡ ନିୟମ କଡାକଡି ପାଳନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନ, ସ୍ୱତନ୍ତ୍ର ରିଲିଫ କମିଶନ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗର ପ୍ରମୁଖ ସଚିବ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ବୈଠକ ସଞ୍ଚାଳନ କରିଥିଲେ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୪ - ୨୦ ସେପ୍ଟେମ୍ବର, ୨୦୨୦

# ଆଉ ପ୍ରତାରିତ କରାନଯାଉ

**କୋ**ଭିଡ ସମୟରେ ଦେଶ ତଥା ରାଜ୍ୟର ଅର୍ଥନୀତିକୁ ସନ୍ତୁଳିତ କରି ରଖିବା, ଆର୍ଥିକ ପ୍ରଗତିକୁ ଗୁରୁତ୍ୱ ଦେବା ସରକାରଙ୍କ ନିକଟରେ ବଡ ଆହ୍ୱାନ ସଦୃଶ। ବିପଦକୁ ଅତିକ୍ରମ କରି ଅର୍ଥନୀତିକୁ ସୁଦୃଢ଼ ନକଲେ ଆଗାମୀ ଦିନରେ ଏହା ଏଭଳି ସଙ୍କଟ ସୃଷ୍ଟି କରିବ ଯେଉଁଥିରେ ସବୁକିଛି ବିପର୍ଯ୍ୟସ୍ତ ହୋଇପଡିବାର ଆଶଙ୍କା ରହିଛି। ଶିଳ୍ପ ସହ କୃଷି ପ୍ରତି ଧ୍ୟାନ ଅଧିକ ନଦେଲେ ଦେଶରେ ବେରୋଜଗାରୀ ଏଭଳି ବୃଦ୍ଧି ପାଇବ ଯେ, ଏଥିରୁ ବର୍ତ୍ତିବାକୁ ଉପାୟ ପାଇବା ମୁସ୍କିଲ ହୋଇପଡିବ। ଏହାକୁ ଉପଲବ୍ଧି କରି ଭବିଷ୍ୟତ ଯୋଜନାକୁ ଠିକଣା ବାଟରେ ନେବା ପ୍ରକୃତ ଦାୟିତ୍ୱବାନ ଓ କର୍ତ୍ତବ୍ୟପରାୟଣ ସରକାରଙ୍କ ଲକ୍ଷ୍ୟ ହେବା ଉଚିତ। ଭୋଟ ରାଜନୀତି ପାଇଁ ବ୍ୟବସ୍ଥାକୁ ବିଗାଡି ଏଥିରୁ ସ୍ୱାର୍ଥ ହାସଲ କରାଯିବା ଆଦୌ ଗ୍ରହଣୀୟ ନୁହେଁ। ଦେଶ ପାଇଁ ଯେଉଁ ମୌଳିକ ସୁବିଧା ସୁଯୋଗର ଆବଶ୍ୟକତା ରହିଛି ଲୋକମାନଙ୍କୁ ତହିଁରୁ ବଞ୍ଚିତ କରାଗଲେ ଗଣତନ୍ତ୍ର ପ୍ରତି ଅବିଶ୍ୱାସ ସୃଷ୍ଟି ହେବ। ତେଣୁ ଭାରତ ପରି ଏକ ଜନବହୁଳ ରାଷ୍ଟ୍ରର ଗଣତନ୍ତ୍ର କିଭଳି ସଠିକ ମାର୍ଗରେ ପରିଚାଳିତ ହେବ ଏହା ଚିନ୍ତା ନକରି ଖାସ ରାଜନୀତି ପାଇଁ ବା ନିଜ ଦଳର ସ୍ୱାର୍ଥ ସାଧନ ପାଇଁ ସବୁକିଛି ସୁଚିନ୍ତିତ ବା ଯୋଜନାବଦ୍ଧ ଭାବେ କରାଯିବାକୁ ସାମୟିକ ଭାବେ ଦେଶବାସୀ ଗ୍ରହଣ କରିନେଲେ ବି ଏଥିରେ ଶାନ୍ତି ରହିନଥାଏ। ଅସନ୍ତୋଷର ନିଆଁ ଅଧିକ ଦିନ ଧରି ଲୋକଙ୍କ ଭିତରେ ସୁପ୍ତ ରହିଲେ ପରେ ଏହା ଭୀଷଣ ରୂପ ଧାରଣ କରିବାର ସମ୍ଭାବନା ଯଥେଷ୍ଟ। କେବଳ ନିଜ ହାତରେ କ୍ଷମତାକୁ ଜାବୁଡି ଧରି ଶାସନ ଓ ପ୍ରଶାସନକୁ ଭୁଲ ବାଟରେ ନେବାକୁ ସଫଳତା କୁହାଯାଇ ନପାରେ। ବରଂ ଏହାକୁ ଚଞ୍ଚକତା ବୋଲି କୁହାଯିବ। ତେଣୁ ସବୁବେଳେ ବା ସବୁ କ୍ଷେତ୍ରରେ ଚଞ୍ଚକତା କରି କେହି ଆଜୀବନ ଶାସନ କ୍ଷମତାରେ ରହିପାରେନାହିଁ। ଏଥିପାଇଁ ଜନମତ ସରକାରଙ୍କ ବିପକ୍ଷରେ ଯିବାକୁ ଅଧିକ ସମୟ ଲାଗିବ ନାହିଁ। ସରକାର ସର୍ବଦା ଭାବିବା ଉଚ୍ଛିତ ନୁହେଁ ଯେ, କିଛି ଗରିବଙ୍କୁ ମାଗଣାରେ କିଛି ଦେଇଦେଲେ କ୍ଷମତା ବଜାୟ ରହେ ବୋଲି। ଏଭଳି ଭାବନା ଦ୍ୱାରା ହୁଏତ ଭୋଟ ରାଜନୀତିରେ ସଫଳତା ମିଳିପାରେ, କିନ୍ତୁ ଏହା ଦେଶର ସାମଗ୍ରିକ ବିକାଶ ପାଇଁ ସହାୟକ ହୁଏନାହିଁ। ଏହାଦ୍ୱାରା ବିକାଶର ଉନ୍ମୁକ୍ତ ପଥ ଧୀରେ ଧୀରେ ସଂକୁଚିତ ହୋଇପଡେ। ଏହାର ପ୍ରଭାବ ସଭ୍ୟତା ଓ ସମାଜ ଉପରେ ପଡିଥାଏ। ଗଣତାନ୍ତ୍ରିକ ରାଷ୍ଟ୍ରରେ ସାମାଜିକ ମୂଲ୍ୟବୋଧ ବୁଝି ସବୁ ବର୍ଗର ଉନ୍ନତି ନିମନ୍ତେ ସରକାର ପ୍ରଯତ୍ନ ନହେଲେ ବିଦ୍ରୋହ ଦାନାବାନ୍ଧେ। ଛୋଟ ଛୋଟ ଅସନ୍ତୋଷ ବଡ ଆକାର ଧାରଣ କଲେ ଦେଶରେ ବିଦ୍ରୋହର ସ୍ୱର ଭିନ୍ନ ଭିନ୍ନ ଦିଗ ପ୍ରତି ଅଙ୍ଗୁଳି ଦେଖାଇଲା ଭଳି ପରିସ୍ଥିତି ଉପୁଜେ। ଏଥିରୁ ବିରୋଧୀ ରାଜନୈତିକ ଦଳମାନେ ସ୍ୱର ଉଠାଇବାର ଉପାଦାନ ସଂଗ୍ରହ କରି ଶାସକ ଦଳ ବିରୋଧରେ ବିଶୋଦ୍‌ଗାର କରିବାରେ ଲାଗିପଡନ୍ତି। ଏଭଳି ବି ହୋଇପାରେ ଏହା ସରକାର ବିରୋଧୀ ଜନମତକୁ ପୁଞ୍ଜି କରି ସରକାର ବଦଳାଇବା ଦିଗରେ ମଧ୍ୟ ସଫଳ ହୋଇପାରନ୍ତି। ଏ କଥାଟିକୁ ଶାସନ କ୍ଷମତାରେ ଥିବା ନେତୃବୃନ୍ଦ ସହଜରେ ବୁଝିବା ଦରକାର। ଏକତରଫା ନିଷ୍ପତ୍ତି ଯେ କେତେ ମାରାତ୍ମକ ସେ କଥା ସେତିକିବେଳେ ଜଣାପଡେ। ଲୋକଙ୍କ ଅସୁବିଧା ବେଳେ



ସମ୍ବାଦକୀର୍ତ୍ତି
ତାରକ ମହାନ୍ତି

ଲୋକଙ୍କୁ ବର୍ଗୀକରଣ ନକରି ସବୁ ବର୍ଗର ଲୋକଙ୍କୁ ସମାନ ସୁବିଧା ସୁଯୋଗ ଦେବା ପ୍ରକୃତ ଶାସକର କର୍ତ୍ତବ୍ୟ। ରାଷ୍ଟ୍ରହିତ ସହ ଜନସାଧାରଣଙ୍କ ଚିନ୍ତା ମଧ୍ୟ ସରକାରଙ୍କ ଉପରେ ଥାଏ। ତେଣୁ ଦେଶ ପାଇଁ ଯାହା ବାସ୍ତବ ଆବଶ୍ୟକତା ତାହାକୁ ପୂରଣ ନକରି ଅନ୍ୟକୁ ଅନ୍ଧ ଅନୁକରଣ କଲେ ଭାରତର ଭବିଷ୍ୟତ ସୁଦୃଢ଼ ହେବନାହିଁ। ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ସଂସ୍ଥାକୁ ଅନୁଗୃହିତ କରି କୋଟି କୋଟି ଲୋକଙ୍କ ସ୍ୱପ୍ନରେ ପାଣି ପକାଇବା ଆଜି ନହେଲେ ଆସନ୍ତାକାଲି ନିଶ୍ଚୟ ଜଣାପଡିବ। ହୁଏତ ଆଜିର କ୍ଷମତା ନଥିବ, କିନ୍ତୁ ଇତିହାସ କେବେ ଏହାକୁ କ୍ଷମା ଦେବନାହିଁ। ବରଂ ଏହା ଦେଶ ଇତିହାସର ଏକ କଳଙ୍କମୟ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇଯିବ। ତେଣୁ ଶାସନ କ୍ଷମତାରେ ରହୁଥିବା ନେତାମାନେ ଜନସାଧାରଣଙ୍କୁ ଉପେକ୍ଷା ନକରି ସେମାନଙ୍କ ସେବକ ବା ସତ ପ୍ରତିନିଧି ଭାବେ କାର୍ଯ୍ୟ କରିପାରିଲେ ଦେଶ ତଥା ରାଜ୍ୟର ମଙ୍ଗଳ ହେବ। କ୍ଷମତା ବଳରେ ଅନ୍ୟାୟ, ଅନୀତି କରିବା ସହଜ ହୋଇପାରେ, ମାତ୍ର ଏଥିରୁ ନିବୃତ୍ତ ରହି ଲୋକଙ୍କ କାମକଲେ ସବୁ ହୃଦୟରେ ସ୍ଥାନ ପାଇବେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଭାରତର ଅର୍ଥନୀତି ଦେଖିଲେ ଯେ କେହି କ୍ଷୋଭ ପ୍ରକାଶ କରିବା ସ୍ୱାଭାବିକ ହୋଇପାରେ। ମାତ୍ର ଆର୍ଥିକ ଅବନତି ପଛରେ କେଉଁ କାରଣ ରହିଛି ବା ଏଥିପାଇଁ କେଉଁ କେଉଁ ବିଫଳତା ରହିଛି ତା'ର ଅନୁଶୀଳନ ଓ କାର୍ଯ୍ୟାନୁଷ୍ଠାନ ସଠିକ୍ ନହେବା ପର୍ଯ୍ୟନ୍ତ ବିଶେଷ ପରିବର୍ତ୍ତନ ହେବାର ଆଶା ନାହିଁ।

ତେଣୁ ମହାମାରୀ କରୋନା ସମୟରେ ସରକାର ସବୁ ପରିବାରର ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ସମସ୍ତେ କିଭଳି ଜୀବନ ବଞ୍ଚାଇବା ସହ ଜୀବିକା ସୁରକ୍ଷିତ କରିପାରିବେ ତାହା ଆଜିର ବଡ ପ୍ରଶ୍ନ। ଧନୀକ ଗୋଷ୍ଠୀ ଯଦିଓ ଆର୍ଥିକ ଦୃଷ୍ଟିରୁ ସାମାନ୍ୟ କ୍ଷତି ସହିଛନ୍ତି ତଥାପି ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ଯେଭଳି କ୍ଷତିଗ୍ରସ୍ତ ତାହା ଚିନ୍ତାର ବିଷୟ। ଗରିବଙ୍କ ପାଇଁ କିଛି କିଛି ଯୋଜନା ହେଉଛି, ହେଲେ ନିମ୍ନ ମଧ୍ୟବିତ୍ତ ଯେଭଳି ସ୍ୱପ୍ନହରା ହୋଇଗଲେଣି ସେଥିପ୍ରତି କାହାର ଧ୍ୟାନ ନାହିଁ। ଅଥଚ ବିକାଶ ନାଁରେ ସ୍ୱାଧୀନତା ପରଠାରୁ ଯୋଜନା ପରେ ଯୋଜନା ଚାଲିଛି। କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଦାରିଦ୍ର୍ୟ ଦୂରୀକରଣ ଭଳି ମୌଳିକ ସମସ୍ୟାର ଶେଷ ହୋଇପାରିନାହିଁ। ଆଜି ବି ଆମ ଦେଶରେ ଭୋକିଲା ରହୁଛନ୍ତି, ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଓ ଉତ୍ତମ ସ୍ୱାସ୍ଥ୍ୟ ସେବା ସରକାରୀ ସ୍ତରରେ ମିଳିପାରୁନାହିଁ। ଆମେ କିନ୍ତୁ ବିକାଶର ଡିଣ୍ଡିମ ପିଟି ଶାସନ କରିଆସୁଛୁ। ବ୍ୟତିକ୍ରମ କେଉଁଠି ରହୁଛି, ସେଥିପ୍ରତି ଶାସକ, ପ୍ରଶାସକ କେହି ଗୁରୁତ୍ୱ ଦେଉନାହାନ୍ତି। ଯୋଜନାରଅର୍ଥ ବାଟମାରଣା ହେଉଛି, ଲୋକ ନିଜ ଅଧିକାର ମଧ୍ୟ ପାଇପାରୁନାହାନ୍ତି। ପ୍ରତ୍ୟେକ ସ୍ତରରେ ଦୁର୍ନୀତି ରାକ୍ଷସ ଯୋଜନା ଅର୍ଥ ସହ ସାଧାରଣ ଲୋକଙ୍କ କଷ୍ଟାର୍ଜିତ ଟଙ୍କା ମଧ୍ୟ ଲାଞ୍ଚ ଆକାରରେ ଚାଲିଯାଉଛି। ବିନା ଲାଞ୍ଚରେ କୌଣସି କାର୍ଯ୍ୟ ହେଉନାହିଁ। ବେକାରୀ ବଢ଼ିଚାଲିଛି। କୃଷି ଓ କୃଷକର ସେଭଳି କିଛି ଉନ୍ନତି ହୋଇପାରିନାହିଁ। କିନ୍ତୁ ପ୍ରତିବର୍ଷ ଯୋଜନା ଏଥିପାଇଁ ହେଉଛି। ସଂକ୍ଷେପରେ କହିବାକୁ ଗଲେ ଯେଉଁ ବିକାଶର ଛବି ସରକାର ଲୋକଙ୍କୁ ଦେଖାଉଛନ୍ତି ତାହା କେବଳ ଭଲ ଭାଷଣ ଭିତରେ ସୀମିତ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଲୋକ ଯେଉଁ ସୁବିଧା ସୁଯୋଗ ପାଇବା କଥା ତାହା କେବଳ କତିପୟ ମୁଷ୍ଟିମେୟ ବ୍ୟକ୍ତିଙ୍କ ପାଖକୁ ଯାଉଛି। ପ୍ରତି ପରିବାରକୁ ରୋଜଗାର ଦେବା ଭଳି ଏକ ସରକାର ଏଯାଏ ଶାସନ କ୍ଷମତାକୁ ଆସିନଥିବା ସମସ୍ତେ ଅନୁଭବ କରୁଥିଲେ ବି ସାଧାରଣ ଲୋକଙ୍କ ପାଖରେ କିଛି କ୍ଷମତା ନାହିଁ। ଭୋଟ ଖଣ୍ଡେ ଦେଇ ଦେଶର ନାଗରିକ ପରିବର୍ତ୍ତନ ପାଇଁ ବର୍ଷ ପରେ ବର୍ଷ ଅପେକ୍ଷା କରିଚାଲିଛି। ସମାନତା ଏକ ଦିବାସ୍ୱପ୍ନ ଭଳି କେବେ ରଙ୍ଗୀନ ଓ କେବେ କଳାଧଳା ସିନେମା ହୋଇ ଆଶ୍ୱାସନା ଦେଇଚାଲିଛି ହେଲେ ସମସ୍ୟାର ସମାଧାନ ନାହିଁ। ଏବେ ସବୁ ଯେମିତି ଟଙ୍କା ଦେଇ ସୁବିଧା କିଣିବାର ସମୟ ବୋଲି ଅନୁଭବ ହେଉଛି। ଏଭଳି ପରିସ୍ଥିତିରେ ଆମେ କେବେ ଆମର ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ଅଧିକାର ପାଇପାରିବା ସେ ନେଇ ମନ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୬୭

# ସବୁଠାରୁ ବଡ଼ କିଏ ?

## ପଙ୍କଜ କୁମାର ପାଣିଗ୍ରାହୀ

ସେକାଳର କଥା । ପ୍ରାଚୀନ ଭାରତର ପ୍ରକୃତିଭରା ପରିବେଶରେ ଲୋକଙ୍କ ଚଳଣି ମଧ୍ୟ ଅତ୍ୟନ୍ତ ପ୍ରାକୃତିକ ଥିଲା । ଗମନାଗମନ ପ୍ରାୟତଃ ପାଦଚଲା କିମ୍ବା ଦୂର ସ୍ଥାନକୁ ଶଗଡ଼ରେ ଯିବା ଆସିବା ହେଉଥାଏ । ସମ୍ପୂର୍ଣ୍ଣ ପ୍ରାକୃତିକ ଖାଦ୍ୟ ବ୍ୟତୀତ କୌଣସି ରାସାୟନିକ ପଦାର୍ଥର ବ୍ୟବହାର ହେଉନଥିଲା । ଅନ୍ୟତ୍ର ଯାତ୍ରା କଲେ ବନ୍ଧୁ ବାନ୍ଧବଙ୍କ ଘରେ କିମ୍ବା କୌଣସି ମନ୍ଦିରରେ ଭୋଜନ କରିବା ବ୍ୟବସ୍ଥା ଥାଏ । ଅଥବା ନିଜେ କିଛି ଶୁଖିଲା ଖାଦ୍ୟ ସାଥିରେ ନେଇଯାଇ ଜଳାଶୟ / ଝରଣା କୂଳରେ ବସି ଭୋଜନ, ପାନୀୟ ବ୍ୟବସ୍ଥା କରାଯାଉଥିଲା । ରାସ୍ତାଘାଟ କିମ୍ବା ଗ୍ରାମ, ସହର ମାନଙ୍କରେ ଭୋଜନ ବିକ୍ରି କରାଯିବା ଦୋକାନ (ହୋଟେଲ) ବ୍ୟବସ୍ଥା ନଥିଲା । ତେଣୁ ପ୍ରାୟତଃ ଯେଉଁମାନେ ଦୂର ସ୍ଥାନ ଭ୍ରମଣ କିମ୍ବା କୌଣସି କାର୍ଯ୍ୟରେ ଯାତ୍ରା କରୁଥିଲେ ସେମାନେ ନିଜେ ନିଜର ଖାଦ୍ୟ ବ୍ୟବସ୍ଥା କରି ବାହାରୁଥିଲେ ।

ଆମ ରାଜ୍ୟ ଓଡିଶା ପ୍ରଦେଶ ଅନେକ କ୍ଷେତ୍ରରେ ଆଗୁଆ ତଥା ଅନେକ ଚତୁର ମଣିଷ ମାନଙ୍କ ବାସସ୍ଥଳି ଥିଲା, ଯେଉଁମାନେ ପ୍ରାୟତଃ ଭାରତର ଅନ୍ୟାନ୍ୟ ରାଜ୍ୟର ଲୋକଙ୍କ ଠାରୁ ଅପେକ୍ଷାକୃତ ଉନ୍ନତ ଥିବା କିମ୍ବଦନ୍ତୀରୁ ଜଣାଯାଏ । ବିଭିନ୍ନ ବର୍ଗ, ଜାତି, ପ୍ରଜାତିର ଓଡ଼ିଆଙ୍କ କାର୍ଯ୍ୟ କୁଶଳତା ଏବଂ ପାରିବାପଣିଆ ନିଆରା ଥିଲା । କଳା, ବାଣିଜ୍ୟ, ଧର୍ମ ତଥା ଜାତି ପ୍ରୀତିରେ ଭରପୁର ଓଡ଼ିଆଙ୍କୁ ପ୍ରାୟତଃ ସମସ୍ତେ ଏକ ଭିନ୍ନତମ ସମ୍ମାନ ଦେଉଥିବା ଅନୁମାନ କରିହେଉଛି ସେହି ପ୍ରାଚୀନ ସଂସ୍କୃତି ଗୁଡିକୁ ଲକ୍ଷ୍ୟକଲେ, ଯାହା ଆଜି ସବୁଠାରୁ ଅର୍ଥାତ ପୃଥିବୀର ସବୁ ମଣିଷଙ୍କ ତୁଳନାରେ ନ୍ୟୁନତମ ଅବସ୍ଥାରେ ଗତି କରୁଛି କହିଲେ ଅତ୍ୟୁକ୍ତି ହେବନାହିଁ ! ଆଜିର ଓଡ଼ିଆ ଆଉ ସେକାଳର ଜୀବନଧାରା ଉପରେ ପର୍ଯ୍ୟବେସିତ ନହୋଇ ଅଧା ଆଧୁନିକ ଅଧା ଭାରତୀୟ ଜୀବନଶୈଳୀ ମଧ୍ୟରେ ଏକ ରକମ ଉବୁଟୁବୁ ହେଉଥିବା ଦେଖିବାକୁ ମିଳୁଛି ! ହେଲେ ସମସ୍ତଙ୍କ ଆଶା କେବଳ ମୁଁ ବଡ ହେବି ମଧ୍ୟରେ ସନ୍ନିବେଶିତ ଯାହା ସେମାନଙ୍କୁ ଅନ୍ଧ କରି ଅଜ୍ଞାନ କରିଦେବାରେ ଯଥେଷ୍ଟ ସକ୍ଷମ ହୋଇ ପାରିଛି । ଅର୍ଥାତ କାହାକୁ ବଡ ବୋଲି କୁହାଯାଏ ବାସ୍ତବିକ କାହାର ଜ୍ଞାତସାର ମଧ୍ୟରେ ନଥିବା ବେଳେ କେବଳ ଧନକୁହିଁ ବଡ ବୋଲି ମାନୁଥିବା ମଣିଷର ଆକଳନ କେତେଦୂର ଠିକ ସମ୍ପୃକ୍ତ ଆଲେଖ୍ୟରୁ ଖୁବ ଅନୁମାନ କରିହେବ !

ଜଣେ ଗ୍ରାମୀଣ ଓଡ଼ିଆ ବ୍ୟବସାୟୀ ପ୍ରାୟତଃ ଅନେକ ସମୟରେ ସହରକୁ ଯାଇ ବିଭିନ୍ନ ସାମଗ୍ରୀ କିଣିଆଣି ନିଜ ଗ୍ରାମରେ ବ୍ୟବସାୟ କରୁଥା'ନ୍ତି । ସେହି ବ୍ୟବସାୟର ଲାଭାଂଶରେ ତାଙ୍କର ଧନସମ୍ପତ୍ତି ବହୁତ ବଢ଼ିବାରେ ଲାଗିଥାଏ । ସେତେବେଳେ ଆମଦେଶରେ ଟଙ୍କା ପ୍ରଚଳନ ହେଉନଥାଏ । କେବଳ କଣା ପଇସା କିମ୍ବା ସ୍ୱର୍ଣ୍ଣ, ରୌପ୍ୟ ମୁଦ୍ରା ମାଧ୍ୟମରେ ବ୍ୟବସାୟ କାରବାର ହେଉଥାଏ । ତେଣୁ ବ୍ୟବସାୟୀ ଜଣକ ସହରକୁ ଗଲାବେଳେ ଅତ୍ୟଧିକ ମୂଲ୍ୟବାନ ସ୍ୱର୍ଣ୍ଣ ମୁଦ୍ରା କେବଳ ନେଇ ଯାଇଥା'ନ୍ତି ଜିନିଷ କିଣିବା ପାଇଁ । ଗ୍ରାମରେ ଖୁଚୁରା ବ୍ୟବସାୟ ପ୍ରାୟତଃ କଣା ପଇସାରେ ହେଉଥିବାବେଳେ ବଡ ବ୍ୟବସାୟ ସ୍ୱର୍ଣ୍ଣ କିମ୍ବା ରୌପ୍ୟ ମୁଦ୍ରା ମାଧ୍ୟମରେ ହେଉଥାଏ । ବ୍ୟବସାୟୀ ଜଣଙ୍କ କଣା ପଇସା ଅପେକ୍ଷା ସ୍ୱର୍ଣ୍ଣ, ରୌପ୍ୟ ମୁଦ୍ରାର ମୂଲ୍ୟ ଅଧିକ ଥିବା ହେତୁ ସେଗୁଡିକୁ ପ୍ରାୟତଃ ସଂଚୟ କରିବାରେ ଲାଗିଥା'ନ୍ତି । ଏମିତି ଗୋଟିଏ ଦିନ ଆସିଲା ଯେ ତାଙ୍କ ପାଖରେ ସ୍ୱର୍ଣ୍ଣ ଆଉ ରୌପ୍ୟ ମୁଦ୍ରା ପର୍ଯ୍ୟାପ୍ତ ପରିମାଣର ସଂଚିତ ହୋଇ ରହିଲା ତାଙ୍କ ବ୍ୟବସାୟର ଲାଭାଂଶରୁ । ସେଗୁଡିକ ଦେଖି ସେ ଦିନକୁ ଦିନ ଲୋଭାସକ୍ତ ହେବାକୁ ଲାଗିଲେ । ପରବର୍ତ୍ତୀ ସମୟରେ ସେଗୁଡିକୁ ସଂଚୟ କରି ରଖି ଜଣେ ବହୁତ ବଡ଼ ଲୋକ ହେବାର ସ୍ୱପ୍ନ ଦେଖିବାକୁ ଲାଗିଲେ । ତାଙ୍କ ମନରେ ଗୋଟିଏ ଧାରଣା ସୃଷ୍ଟି ହେଲାଯେ ପାଇସା ହେଉଛି ସଂସାରର ସବୁଠାରୁ ଶକ୍ତିଶାଳୀ ଏବଂ ବଡ ମୂଲ୍ୟବାନ ଜିନିଷ ! କାରଣ ତାହା ମାଧ୍ୟମରେ ସବୁକିଛି କରିବା ସମ୍ଭବ ହୋଇପାରେ ! ତେଣୁ ପଇସା ସଂଚୟ କରି ରଖିଲେ ସେମଧ୍ୟ ଦିନେ ତାହାର ପ୍ରଭାବରେ ବଡ଼ଲୋକ ହୋଇଯିବେ ! ଏହି ସ୍ୱପ୍ନ ଦେଖିବା ସାଙ୍ଗକୁ ନିଜ ସହଧର୍ମିଣୀଙ୍କୁ ମଧ୍ୟ ସମଭାବାପନ୍ନ ପ୍ରେରଣା ଦେବାକୁ ଲାଗିବାରେ ତାଙ୍କ ଧର୍ମପତ୍ନୀ ମଧ୍ୟ ତାଙ୍କର ସାଥୀଦେଇ ଯଥେଷ୍ଟ କ୍ରିୟାଶୀଳ ହୋଇପଡିଲେ ସେଗୁଡିକୁ ସଂଚୟ କରି ଦିନେ ସମସ୍ତଙ୍କ ଠାରୁ ବଡ଼ଲୋକ ହେବାର ସ୍ୱପ୍ନ ସାକାର କରିବା ପାଇଁ !

ବ୍ୟବସାୟୀ ଜଣକ ତାଙ୍କର ବ୍ୟବସାୟକୁ ତ୍ୱରାନ୍ୱିତ କରିବାକୁ ଲାଗିଲେ । ସେ ଅନେକ ସମୟ ସହରକୁ ଜିନିଷ ଆଣିବାକୁ ଯାଉଥିବାବେଳେ ଧର୍ମପତ୍ନୀ ଗାଁରେ ବ୍ୟବସାୟ ସମ୍ଭାଳନ୍ତି । ଦିନେ ସକାଳୁ ବ୍ୟବସାୟୀ ଜଣକ କିଛି ସ୍ୱର୍ଣ୍ଣ ମୁଦ୍ରା ଗଣ୍ଠିଲିରେ ବାନ୍ଧି ଯଥାରୀତି ତାଙ୍କର ପତ୍ନୀଙ୍କ ଦ୍ୱାରା ବନ୍ଧା ଯାଇଥିବା ଶୁଖିଲା ଖାଦ୍ୟ ମୁଣିଟିକୁ ନେଇ ସହରାଭିମୁଖେ ଯାତ୍ରା ଆରମ୍ଭ କଲେ ନିଜ ଶଗଡ଼ ଗାଡ଼ିରେ । ଶଗଡ଼ ବାହାନ (ହଳିଆ) ଗାଡି ଆରମ୍ଭ କରନ୍ତେ ପଛରୁ ସହଧର୍ମିଣୀ ଯଥାରୀତି କହିଲେ ଭଲରେ ଯାଇ ଶୀଘ୍ର ଲେଉଟି ଆସିବ । ବ୍ୟବସାୟୀ ଜଣକ ନିଜ ସାଥିରେ ଥିବା ସ୍ୱର୍ଣ୍ଣ ମୁଦ୍ରାର ବଡପଣକୁ ଆଖିଆଗରେ ରଖି ଅହଂକାରରେ ଅନ୍ଧ ହୋଇଥାନ୍ତି, କହିଲେ ହଁ ଚେଷ୍ଟା କରିବି ଯଥାଶୀଘ୍ର ଆସିବା ପାଇଁ, ଆଉ ଅସୁବିଧା କଣ ହେବ ?! ଶଗଡ଼ ଚାଲିଲା ! ଶଗଡ଼ିଆ ଯଥାରୀତି ତାହାର ଗୀତ ଗାଇ ଗାଇ ବଳଦକୁ ଅଡାଇ ଚାଲିଥାଏ । ଧୀରେ ଧୀରେ ସଂଜ ନଇଁ ଆସିଲା । ଶଗଡ଼ିଆ ଦୈନନ୍ଦିନ ଅଭ୍ୟସ୍ତ ପହଁଚିଥିବା ସେହି ଗ୍ରାମର ସୁଦୂର ମନ୍ଦିରରେ ଶଗଡ଼ ଲଗାଇ ପୂଜାରୀଙ୍କୁ ଦୁଇଜଣଙ୍କ ପାଇଁ ପ୍ରସାଦ ବରାଦ କରିଦେଲେ । ବ୍ୟବସାୟୀ ଜଣକ ନିକଟରେ ଥିବା ଝରଣା ନିକଟକୁ ଯାଇ ସନ୍ଧ୍ୟା ଶୌଚ ସାରି ମନ୍ଦିର ଟୁଙ୍ଗିରେ ଯୋଗଦେବା ପାଇଁ ପ୍ରସ୍ତୁତ ହେଲେ । ଦେଖୁ ଦେଖୁ ସନ୍ଧ୍ୟା ଆକାଶ କଳା ମେଘରେ ଘୋଡାଇ ହୋଇଗଲା ! ଅବିଳମ୍ବେ ମୁଷଳ ଧାରାରେ ବର୍ଷା ସାଙ୍ଗକୁ ଅଣଚାଶ ବେଗରେ ପବନ ବହିଲା ! ଧୀରେ ଧୀରେ ମହାବାତ୍ୟା ଚତୁର୍ଦ୍ଦିଗ ଅଦୃଶ୍ୟ କରିଦେଲା ! ପୂଜାରୀ ସମସ୍ତଙ୍କ ପାଇଁ ଆଣିବାକୁ ଥିବା ସୌଦା ଆଣିପାରିଲେ ନାହିଁ ! ମଣିଷଙ୍କ ସାଙ୍ଗରେ ଠାକୁରଙ୍କ ପାଇଁ ମଧ୍ୟ ପ୍ରସାଦ ରୋଷେଇ ହୋଇପାରିଲା ନାହିଁ ! ମନ୍ଦିର ମୁଖ୍ୟ ଫାଟକ ବନ୍ଦ କରି ସମସ୍ତେ କେବଳ ଆତଙ୍କିତ ହୋଇ ସେହି ମହାବାତ୍ୟାର ଗର୍ଜନ ଶୁଣୁଥା'ନ୍ତି ! ଆସ୍ତେ ଆସ୍ତେ ରାତ୍ରିର ଆଗମନରେ ସମସ୍ତେ ପ୍ରାୟ କ୍ଷୁଧାତୁର ! ପୂଜାରୀଙ୍କ ସମେତ ତାଙ୍କର ୩/୪ ଜଣ ସହଚର ଏବଂ ଶଗଡ଼ିଆଙ୍କ ସହିତ ବ୍ୟବସାୟୀ ସମସ୍ତେ ଭୋକରେ ! ପରିସ୍ଥିତି ଅଣାୟତ୍ତ ! ବାହାରକୁ ବାହାରି ହେବନି ! ସମସ୍ତେ ଖାଇବେ କଣ ? ବ୍ୟବସାୟୀ ଜଣଙ୍କ ରାସ୍ତାରେ ଖାଇବାକୁ ଧରିଥିବା ଶୁଖିଲା ଖାଦ୍ୟ ଥଳୀରୁ ବାହାର କଲେ, ଏବଂ ସମସ୍ତଙ୍କୁ ଖାଇବାକୁ ଦେଲେ ! ସବୁଦିନିଆ ସମ୍ପର୍କ ହେତୁ ସେମାନଙ୍କୁ ଅଣଦେଖା କରି ସମସ୍ତଙ୍କ ଗହଣରେ ନିଜେ ଖାଇଦେବା ସମ୍ଭବ ନୁହେଁ ! ଚାରିଦିନ ପାଇଁ ଗଚ୍ଛିତ ଥିବା ଖାଦ୍ୟ ସରିଗଲା ! କେମିତି ରାତ୍ରି ଯାପନ କରି ସକାଳୁ ଦେଖନ୍ତେ ରାସ୍ତାଘାଟରେ ଗଛ ପଡିବା ସହିତ ସମ୍ପୂର୍ଣ୍ଣ ରୋଧ ! କୁଆଡେ ଯାଇହେବନାହିଁ କି କିଛି ଖାଇବାକୁ ନାହିଁ ! ବ୍ୟବସାୟୀଙ୍କ ପାଖରେ କିନ୍ତୁ ପର୍ଯ୍ୟାପ୍ତ ପରିମାଣର ସ୍ୱର୍ଣ୍ଣ ମୁଦ୍ରା ମହଜୁଦ ଅଛି ! ହେଲେ ଗୋଟିଏ ସ୍ୱର୍ଣ୍ଣମୁଦ୍ରାରେ ଏକ ମାସର ଖାଦ୍ୟ ମିଳୁଥିଲେ ମଧ୍ୟ ସ୍ୱର୍ଣ୍ଣମୁଦ୍ରା ଖାଇ କଣ ମଣିଷ ବଂଚି ପାରିବ ? ମଣିଷ ବଂଚିବାକୁ ପ୍ରାକୃତିକ ଖାଦ୍ୟ ଆବଶ୍ୟକ ଯାହା ବର୍ତ୍ତମାନ ସେମାନଙ୍କ ପାଖରେ ନାହିଁ କିମ୍ବା କୋଉଠାରୁ ଆଣିବାକୁ ଯିବା ମଧ୍ୟ ସମ୍ଭବ ନାହିଁ ! ବ୍ୟବସାୟୀ ବାରମ୍ବାର ସମସ୍ତଙ୍କୁ କହୁଥା'ନ୍ତି ମୋ ପାଖରେ ଏତେ ବଡ଼ କ୍ଷମତାପୁର୍ଣ୍ଣ ସ୍ୱର୍ଣ୍ଣମୁଦ୍ରା ଅଛି ଯାହାର ଗୋଟିଏ ଆମକୁ ଏକମାସ ଖାଦ୍ୟ ଯୋଗାଇବା କ୍ଷମତା ରଖିଥାଏ ! କିନ୍ତୁ ବର୍ତ୍ତମାନ ପ୍ରାକୃତିକ ଖାଦ୍ୟ ଦେବ କିଏ ? ଅର୍ଥାତ ସ୍ୱର୍ଣ୍ଣମୁଦ୍ରା ବାସ୍ତବିକ ମଣିଷକୁ ଖାଦ୍ୟ ଦେଇପାରିବ ନାହିଁ କିମ୍ବା ତାକୁ ଖାଇ ମଣିଷ ବଂଚିପାରିବ ନାହିଁ ! ତାହେଲେ ସ୍ୱର୍ଣ୍ଣମୁଦ୍ରା ସଂସାରର ସବୁଠାରୁ ବଡ ବୋଲି ଥିବା ତାଙ୍କ ଧାରଣା ସେହିମୁହୂର୍ତ୍ତରେ ବଦଳିଗଲା ! ସେ ଭାବିଲେ ଯେ ଏଗୁଡାକ କେବଳ ମଣିଷ ମନର ଭୋକକୁ ମେଣ୍ଟାଇ ଆଶ୍ୱାସନା ଦେବାରେ ସବୁଠାରୁ ବଡ଼ ! କିନ୍ତୁ ପ୍ରାକୃତିକ ମଣିଷର ବାସ୍ତବ ଜୀବନ ବଂଚାଇବାକୁ କେବଳ ପ୍ରାକୃତିକ ଆଧାରହିଁ ସବୁଠାରୁ ଶ୍ରେଷ୍ଠ ! ତେଣୁ ସ୍ୱର୍ଣ୍ଣମୁଦ୍ରା କୌଣସି ପ୍ରକାରେ ବଡ ହୋଇନପାରେ କେବଳ ମଣିଷର ମାନସିକ କ୍ଷୁଧା ମେଣ୍ଟାଇବା ଛଡା !

ଚାରିଦିନ ଭୋକ ଉପାସରେ ରହି କୌଣସିମତେ ସେଠାରୁ ଆସିବା ପରବର୍ତ୍ତୀ ସମୟରେ, ସେ ମଣିଷ ଜୀବନର ମୂଲ୍ୟବୋଧ ବୁଝିପାରିବା ସଂଗେ ସଂଗେ ଦୁନିଆର ବଡ଼ କିଏ ବୋଲି ପଚାରନ୍ତେ କହିବାକୁ ଲାଗିଲେ, ବାସ୍ତବିକ ଦୁନିଆରେ ବଡ ବୋଲି କିଛି କିମ୍ବା କେହି ନୁହନ୍ତି ! ସବୁ ସମୟର ଅବବାହିକାରେ ଭାସିଯାଉଥିବା ସ୍ରୋତର ଗୋଟିଏ ଗୋଟିଏ ବସ୍ତୁ ଯାହା ସୁନେଲି କିରଣରେ ଆମକୁ ଚମକିତ କରୁଛି / କରୁଛନ୍ତି ! ଏବଂ ସମସ୍ତେ ସେହି ମାୟାରେ ପଡି ବାୟା ! କେବଳ ନିଜ ଜୀବନକୁ ସରଳ ସୁଗମ କରି ସମୟର ସ୍ରୋତରେ ନିଜକୁ ଚଳାଇ ଶିଖି ପାରିଲେ ନିଜ ଜୀବନକୁ ସରସ ସୁନ୍ଦର କରିପାରିବା ହିଁ ସଂସାରର ସବୁଠାରୁ ବଡ଼ କାର୍ଯ୍ୟ ! ପରବର୍ତ୍ତୀ ସମୟରେ ସେ ତାଙ୍କ ଧର୍ମପତ୍ନୀଙ୍କୁ ସବୁ ବୁଝାଇ କହିଲେ ! ଏବଂ ତାହାପରେ ଉଭୟଙ୍କ ମନରୁ ଧନ ସଂଚୟ କରି ନିଜକୁ ବଡ କରିବାର ସ୍ୱପ୍ନ ଦେଖିବା ଭୁଲିଯାଇ ନିଜ ଜୀବନର ସୀମିତ ସମୟକୁ ସୁଖରେ କଟାଇବା ପାଇଁ ଚିନ୍ତା କଲେ !

ଗଳ୍ପଟିରୁ ଅନୁଭବ ହୁଏ କି ବାସ୍ତବିକ ସଂସାରରେ ଧନ, ସମ୍ପଦ ପ୍ରାଧାନ୍ୟତା, ସମ୍ମାନ କେବେ କାହାକୁ ବଡ କରିପାରେନାହିଁ ଯେତେବେଳ ପର୍ଯ୍ୟନ୍ତ ମଣିଷ ନିଜର ଚତୁରତା ଏବଂ ଅନ୍ତର୍ଜ୍ଞାନ ଉଦୟ ନକରିପାରିଛି ! କାରଣ ଅସମୟରେ ନିଜସ୍ୱ ବୁଦ୍ଧି, ଏବଂ ଅନ୍ତର୍ଜ୍ଞାନହିଁ ମଣିଷକୁ ସୁରକ୍ଷା ଦେଇଥାଏ ଯାହା ସାମାଜିକ ସମ୍ମାନ କିମ୍ବା ଧନ ଦୌଲତ ଦେଇ ପାରିବ ନାହିଁ ! କାରଣ ସମ୍ପୃକ୍ତ ବ୍ୟବସାୟୀ ଯଦି ଘାଟଣ / ଅଘଟଣ ଗୁଡିକୁ ଆଖିଆଗରେ ରଖି ପର୍ଯ୍ୟାପ୍ତ ଖାଦ୍ୟପଦାର୍ଥ ପାଖରେ ମହଜୁଦ ରଖି ଯାତ୍ରା ଆରମ୍ଭ କରିଥା'ନ୍ତେ ହୁଏତ ଚାରିଦିନ ଭୋକ ଉପାସରେ ରହିବାକୁ ପଡିନଥା'ନ୍ତା ! କିନ୍ତୁ ତାଙ୍କର ପର୍ଯ୍ୟାପ୍ତ ସ୍ୱର୍ଣ୍ଣମୁଦ୍ରା ଉପରେ ଥିବା ଭରସା ଜନିତ ଅହଂକାର ତାଙ୍କୁ ସୁଖ ପରିବର୍ତ୍ତେ ଅଜସ୍ର ଦୁଃଖଦେଲା ଏଇଥିରେ ତିଳେହେଲେ ଶଙ୍କା ନାହିଁ ! ତେଣୁ ଧନ ସମ୍ପତ୍ତିର ମୂଲ୍ୟାଙ୍କନ କେବଳ ପ୍ରାକୃତିକ ଉତ୍ପାଦିତ ଖାଦ୍ୟ ପଦାର୍ଥରେ ଥାଏ ଯାହାକୁ ଆମେ ହେୟଜ୍ଞାନ ନକରି ସଂଚୟ ସଦୁପଯୋଗ କରିବା ବିଚାର କରିବା ମାନବିକତାର ପରିଚୟ ଦେବ ଯାହା ଟଙ୍କା, ସୁନା କେବେହେଲେ ଦେଇପାରିବ ନାହିଁ ! ତେଣୁ ମଣିଷ ଜୀବନ ସାର୍ଥକ କେବଳ ହୁଏ ଉତ୍ତମ ବିଚାରଶକ୍ତି ଏବଂ ସମୟୋପଯୋଗୀ ବିଚାର ଜ୍ଞାନରେ ଯାହା ଆମେ ଭୁଲି ଗଲେଣି ଆଜିର ମାରାଥନ ଦୌଡ଼ରେ, କେବଳ ଟଙ୍କା ଉପାର୍ଜନ କରିବା ପାଇଁ ଯାହା ଆମର ଏକ ଭ୍ରମ କଳ୍ପନା ! ଟଙ୍କା, ସୁନା, ସମ୍ପତ୍ତି କେବଳ ଗୋଟିଏ ବିନିମୟ ଗଣନାଙ୍କ ମାତ୍ର ! ତାହାଛଡ଼ ତାହାର କୌଣସି ବଡପଣ କିମ୍ବା ମୂଲ୍ୟ ନାହିଁ !! ଚତୁର ବୁଦ୍ଧି, ଅନ୍ତର୍ଜ୍ଞାନହିଁ ସବୁଠାରୁ ବଡ଼ ଯାହା ମଣିଷକୁ ଉଚ୍ଚସ୍ଥାନସିକ୍ତ କରିଥାଏ ଯାହା ଆମେ ଇତିହାସରୁ ଜାଣିପାରୁଛେ ଯେ ଧନଶାଳୀ ମାନଙ୍କ ନାମ କେବେ ଇତିହାସର ପୃଷ୍ଠା ମଣ୍ଡନ କରିନାହିଁ ବରଂ ଜ୍ଞାନୀ ସଦା ସର୍ବତ୍ର ପୁଜ୍ୟନ୍ତି !

*ସୋସିଆଲ ଫୋରୁମ (ଭାରତ)*
*ଛତ୍ରପୁର, ଗଞ୍ଜାମ.*
*ଦୁରଭାଷ-୯୪୩୭୭୩୨୪୯୧୭*

# ରାବଣର ଶେଷ ଇଚ୍ଛା



## ପଣ୍ଡିତ ହରେକୃଷ୍ଣ ପତି

ରାମାୟଣର ଏକଅଭିନ୍ନ ଅଙ୍ଗ ରାବଣ ତାର ଚିରା ଚରିତଇତିହାସର ଏକପରବ୍ର ଜନ ମାନସକୁ ଆଣିବା ପାଇଁଧୃଷ୍ଟତା କରାଯାଇଛି ।ଯେଉଁରାବଣ ୫୬ଗଣ୍ଡା ଯୁଗ ବଂଚିବାପାଇଁବ୍ରହ୍ମାଙ୍କଠାରୁବର ପ୍ରାପ୍ତ ହୋଇଥିଲେ । ମାତ୍ର ୪୨ଗଣ୍ଡା ଯୁଗରେସମାପ୍ତ ହେବାରକାରଣ କଣ ?ରାଣୀ ମନ୍ଦୋଦରୀରଅବସ୍ଥାର କିପ୍ରକାର ବ୍ୟବସ୍ଥା ର ପ୍ରଭୁଙ୍କୁ ଭକ୍ତି ପୂର୍ବକ ନିବେଦନ କରିଥିଲେ। ଏକଦା ମା ମହାଲକ୍ଷ୍ମୀଙ୍କର ଶ୍ରେଷ୍ଠ ବ୍ରତ ଗୁରୁବାର ବ୍ରତ ପାଇଁ ତରବର ହୋଇ ଯିବା ସମୟରେ ଶ୍ରୀବିଷ୍ଣୁଙ୍କର ଦ୍ୱାର ରକ୍ଷକ ଜୟ ଓ ବିଜୟ ମାତାଙ୍କର ପଥ ଅବରୋଧ କଲେ । ଏତଦ୍ୱାରା ମାତା କ୍ରୋଧିତ ହୋଇଥିଲେ । ବିଷ୍ଣୁ ମନୋରମା ରମା ,ଏକାନ୍ତରେ ସ୍ଥିତି ଏକବେଦ ବାଦୀ ସନକାଦି । ଅନେକ ଲେଖକଙ୍କ ମତରେ ସନକ,ସନନ୍ଦ, ସନତକୁମାର, ସନତ, ଗଡୁ, ଆଶୁରୀ, ପଂଚଶିଖ ଓ କପିଳ ଆଦି ଋଷି ମାନଙ୍କ ଅଭିଶାପ ପାଇଁ ଜୟଓ ବିଜୟ ଅସୁର ଜନ୍ମ ପାଇଥିଲେ ।ବୈକୁଣ୍ଠ ନମାନୁ ଆମ୍ଭେ, ବୈକୁ ଣ୍ଠେ ପାଳିତ ।ବୈକୁଣ୍ଠ ଦ୍ୱାରସ୍ଥ ଜୟ ବିଜୟ ଆମେ ବେନିଭାଇ, ବିରୋଧୁ ବିରୋଧୁ ଦ୍ୱାର ଆରେ, ଅମାନୁଷେ ମାନିରେ ।ପ୍ରଭୁଙ୍କ ଉଭବ କଲ ଭାଇ ବେନିରେ ।।ବୋଇଲେ ସୁର ସୁରମହା ବେନି ଭ୍ରାତରେ, ବୋଲାଇବ ବିଷ୍ଣୁଦାସ ଏ ଦୈବ କୃତ୍ୟରେ । ସେଥି ଉତାରୁ ଜୟ ଓ ବିଜୟ ମୁରା, ଦାରୁଣ, ରାବଣଓକୁମ୍ଭକର୍ଣ୍ଣ ,ଶାଲ୍ୱ ଓ ଶିଶୁପାଳ ନାମରେ ଧରା ପୃଷ୍ଠରେ ଅବତୀର୍ଣ୍ଣ ହୋଇଥିଲେ । ସତୀ ସ୍ୱାଧୀ ନାରୀମାନଙ୍କର ଅଭିଶାପ ତୁରନ୍ତ ଫଳି ଯାଇଥାଏ ।ପ୍ରବାଦ ଅଛି ସାମାନ୍ୟ ନୁହେଁ ପତି ବ୍ରତାର ମହିମା ,ରଖାଇଦିଏନାହିଁ କାହାରି ଗରିମା । ପ୍ରତାପି ରାବଣ ମାତା ସୀତାଙ୍କୁ ପଂଚବଟିରୁ ଚୋରାଇ ନେଇ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କର ଶତ୍ରୁତା ଆଚରଣ କରିଲେ । ରାମଚନ୍ଦ୍ର, ହନୁମାନ, ସୁଗ୍ରୀବ, ଜାମ୍ବୁବାନ, ଅଙ୍ଗଦ, ନଳନୀଳଓଅନ୍ୟାନ୍ୟ କପି ମାନଙ୍କୁ ସେତୁବନ୍ଧ ପ୍ରତିଷ୍ଠା କରି ରାବଣ ବିରୁଧିରେ ଯୁଦ୍ଧ କଲେ ।ଏ ମହା ସମରରେ ରାବଣ ମହା ପ୍ରତାପୀ ପୁତ୍ର ମେଘନାଦ, ପ୍ରହସ୍ତ, ଓଭ୍ରାତା କୁମ୍ଭକର୍ଣ୍ଣ ଆଦିଙ୍କର ମୃତ୍ୟୁ ଘଟିଲା । ଶେଷରେ ପ୍ରତାପୀ ରାବଣ ଶ୍ରୀରାମ ସହ ସମର ପାଇଁ ରଣାଙ୍ଗୀନ ହେଲେ । ପ୍ରଭୁ ରାମଚନ୍ଦ୍ର ଭଲ୍ଲୁକି ବାଣରେ ରାବଣର ଶିର କାଟିଲେ ମଧ୍ୟ ରାବଣର ଶିର ବାରମ୍ବାର ଯୋଡ଼ି ହୋଇଯାଉଥାଏ । ତାପରେ ରାବଣର ନାଭି କୁ ଲକ୍ଷ୍ୟ ଭେଦକରି ଅମୃତ କୁଣ୍ଡକୁ ଶୁଖାଇ ଦେଲେ ଏବଂ ବ୍ରହ୍ମଶର ଦ୍ୱାରା ରାବଣ ମୋକ୍ଷ ପ୍ରଦାନ କଲେ । ସନ୍ଥ ତୁଳସୀ ଦାସକହେ- ଯାସୁ କୃପାସୁଭ୍ରମ ମିଟିଯାଇ, ଗିରିଜା ଶୋଇକୃପାଲୁ ରଘୁରାଇ ।ଜଗତ୍ ପ୍ରକାଶ ପ୍ରକାଶ କରାସୁ ,ମାୟାଧୀଶ ସକଲ ଗୁଣଧାସୁ। ପ୍ରଭୁ ଧୀରେଧୀରେ ରାବଣ ପାଖକୁ ଯାଇ ତାର ଶେଷ ଇଛା ପୂରଣ କରିବାକୁ ରାବଣକୁ କହିଥିଲେ ।ରାବଣ ମୃତ୍ୟୁ ମୂଖରେ ଥାଇ ଶ୍ରୀରାମଙ୍କୁ ଭସ୍‌ଛନାକରି ଥିଲେ ତୁମେ ବାସହରା,ପତ୍ନୀ ହରାଓ ରାଜ୍ୟହରା ଅକାରଣେ ମୋତେହତ୍ୟା କରିଛ ।ଦଣ୍ଡେ ନିମିଷ ଥିଲେ ପ୍ରାଣ ,ନେଇ ନପାରେ ଜନ୍ତୁରାଣ ।।ହେପ୍ରଭୁ ଦୟା ପୂର୍ବକ କୁହନ୍ତୁ ବ୍ରହ୍ମାମୋତେ ୫୬ଗଣ୍ଡାଯୁଗ ବର ଦେଇଥିଲେ ।ଏବେ କେତେ ଗଣ୍ଡା ଯୁଗ ହୋଇଛି ମୋତେ ହତ୍ୟାକଲ କିପରି ?୫୬ଗଣ୍ଡା ଯୁଗ ବ୍ରହ୍ମା ଦେଇଥିଲେ ବର ,୪୨ଗଣ୍ଡା ଯୁଗ ଆୟୁ ମୋର କେଉଁଆଡ଼େ ଗଲା ,ରଘୁପତି ଶ୍ରୀରାମ ଉତର ଦିଅନ୍ତୁ ଭଲା ।ପ୍ରଭୁ ଉତର ରଖିଲେ ହେ ରାବଣ ତୋର ସବୁ କଳା କର୍ମର ପତ୍ର ଦେଖିଛି -ପାପଭାରାରେ ତୋର ଆୟୁ କମିଛି । ଅଗ୍ନିଧ ଗରଦ ଶ୍ଚୈବ ଶସ୍ତ୍ରବାଣୀ ଧନାପ୍ରହା କ୍ଷେତ୍ରଦାରା ବୃହଦାଛ। ତୁମେ ଦୋଷ ପରେ ଦୋଷ କରିଛ ।ଅଗ୍ନି ଲଗାଇବା, ବିଷଦେବା , ଧନ ଯୋରଜବରଦସ୍ତ ଛଡ଼ାଇବା, ପର ସ୍ତ୍ରୀ ହରଣ କରିବା, ଅସ୍ତ୍ରଧରି ପରରଜୀବନ ନେବା ଓ ଅନ୍ୟଘର ଯୋର ଜବରଦସ୍ତ ଛଡ଼ାଇନେବା ।ରାବଣ ଯୁକ୍ତି ବା ଢିଲା ପ୍ରଭୁ ମୁଁ ମାତ୍ର ଗୋଟିଏ ଦୋଷ କରିଛି ଆଉ ସେଇଟା ହେଲା ସୀତା ହରଣ ।ଏ ଚୋରୀ ପାଇଁ ସୀତା ନିଜେ ହିଁ ଦାୟୀ ।ହେ ସୀତା ଜଙ୍ଗଲରେ କିଛି ଅପୂବ୍ର ଦ୍ରବ୍ୟ ମାଗିବୁ ନାହିଁ ବୋଲି କୌଶଲ୍ୟା ଆସିବା ବେଳରେ ସୀତାଙ୍କୁ କହିଲେ । ଏତିକି ସମୟରେ ରାବଣ ପତ୍ନୀ ମନ୍ଦୋଦରି ସ୍ୱାମୀ ପାଖରେ କାନ୍ଦିବାକୁ ଲାଗିଲେ ହେ ନାଥ ମୋତେ ବୈଧବ୍ୟ ଯନ୍ତ୍ରଣା ରେ ଅସତୀ କରାଇଲ ।ସ୍ୱାମୀ ଚରଣେ ସରବତୀର୍ଥ, ତୀର୍ଥଭ୍ରମଣେନାରିବ୍ୟର୍ଥ । ନିଜକର୍ମଫଳ ଭୋଗକରେ ନର, ଏଡ଼ି ନପାରନ୍ତି ବ୍ରହ୍ମାହରିହର। ମର୍ମାହତ ରାବଣ ଶ୍ରୀରାମଙ୍କୁ ପ୍ରାଥନା କଲେ-କି ମାଗିବି ନମାଗିବି ନଜାଣଇ, କି ତୋତେମାଗିବିହରି। ଶେଷ ବେଳେ ମୋତେ ପାରି କରିଦେବୁ ଏତିକି ମାଗେ ଗୁହାରୀରେ।

ହରି -----।ସତୀ ହୋଇବମୋ ମନ୍ଦଦରୀରେ ।।ପ୍ରଭୁ ଶ୍ରୀରାମ ରାବଣର ଶେଷ ଇଛାକୁ ସମ୍ମା ଦେଇ ରାବଣକୁ ମୋକ୍ଷ ଓ ମନ୍ଦଦରୀକୁ ତାରା ,ଅହଲ୍ୟା, ସହିତସତୀ ରୂପେ ଆଖ୍ୟାୟିତ କରିଥିଲେ।

*୯୯୩୮୫୧୬୪୯୬*





ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା

ଅନୁବାଦ- ଉପାଳୀ ଦାଶ



**କ୍ଷମା : -**

ରାଜ ସେବକ କୌତୁହଳ ବଶ ଡାକୁକୁ ପଚାରିଲେ, 'ଆପଣଙ୍କର ଜୟଦେବ ମହାରାଜାଙ୍କ ସାଥିରେ ଚିହ୍ନା ଜଣା କିପରି ହେଲା? ଡାକୁ ଉତ୍ତର ଦେଲା ଆରେ କେଉଁଠାର ମହାରାଜ? ସେଇଟା ଗୋଟେ ଧୂର୍ତ୍ତ ପାଖଣ୍ଡି ଅଟେ। ପ୍ରକୃତରେ ଆମେ ଦୁଇଜଣ ଗୋଟିଏ ରାଜା ପାଖରେ ରହି ସେବା କରୁଥିଲୁ। ସେ ଘୋର ଦୁଷ୍କର୍ମ କରିବାରୁ ରାଜା ତାକୁ ମୃତ୍ୟୁଦଣ୍ଡ ଆଦେଶ ଦେଇଥିଲେ। ମୃତ୍ୟୁଦଣ୍ଡ ବେଳେ ହାଣିବା ପାଇଁ ଉପସ୍ଥିତ ଲୋକଟି ତା ହାତ ଗୋଡ କାଟି ତାକୁ ଛାଡି ଦେଇଥିଲେ। ଏବେ ନିଜ ଗୁମର ଖୋଲିଯିବା ଭୟରେ ମୋର ସମ୍ମାନ କରାଉଛି। ଡାକୁ ଏପରି ମିଥ୍ୟା କହିବା ସମୟରେ ଭୂମି ଫାଟି ଯାଇ ସେ ଭୂମିରେ ପୋତି ହୋଇଗଲା। ରାଜା ସେବକ ଧନ ଦୌଲତ ସାଥିରେ ରାଜ ଦରବାରରେ ସବୁକଥା ଆସି କହିଲେ। ଏକଥା ଶୁଣି ଜୟଦେବ କଟା ହାତଗୋଡ ଯୋଡି ଭଗବାନଙ୍କୁ ଡାକୁ ପାଇଁ କ୍ଷମା ଯାଚନା କରି ଆତ୍ମା ଶାନ୍ତି ପାଇଁ ପ୍ରାର୍ଥନା କଲେ। ଚମତ୍କାର ଘଟିଲା ଯେ ଜୟଦେବଙ୍କର କଟା ହାତ ଗୋଡ ଠିକ୍ ହୋଇଯାଇଥିଲା। ପୁରା ରାଜ୍ୟସଭା ଆଶ୍ଚର୍ଯ୍ୟ ଚକିତ ହୋଇ ଯାଇଥିଲେ। ଏହି ଚମତ୍କାର କ୍ଷମାର ଶକ୍ତି ଥିଲା। ଏହା କେବଳ ଏକ କିମ୍ବଦନ୍ତୀ ନୁହେଁ। ଅଷ୍ଟପଦୀ ଗୀତଗୋବିନ୍ଦ ଭଳି ଶୃଗାର ଜ୍ଞାନରେ ମାଧୁର୍ଯ୍ୟପୂର୍ଣ୍ଣ ଅଦ୍‌ଭୁତ କାବ୍ୟର ରଚନାକର ପ୍ରଭୁ ଜଗନ୍ନାଥଙ୍କ ଭକ୍ତ ଜୟଦେବଙ୍କର ଜୀବନର ଏକ କଥା ଥିଲା।

କ୍ଷମା ସାଧାରଣ ଗୁଣ ନୁହେଁ। ଯେତେବେଳେ ହୃଦୟ କରୁଣାରେ ଓତପ୍ରୋତ ହୋଇଯାଏ ବା ଭରିଯାଏ ତେବେ ଅପରାଧି ପ୍ରତି ପ୍ରଭୁ ପ୍ରୀତିର ଭାବ ଉପୁଜି ପାରେ। ବିଦେଶରେ ଥିବା ଜଣେ ସାଧୁ ସେପରି ପୂଜ୍ୟ ଗୁରୁ ମହାରାଜ ଚିଦାନନ୍ଦ ସରସ୍ୱତୀଙ୍କ ବିଷୟରେ ଅନେକ ଓଲଟା ସିଧା ଲେଖି ସବୁଆଡେ ପଠାଇଲେ। ଲୋକମାନେ ସ୍ୱାମିଜୀଙ୍କୁ ସାଧୁ ଜଣକ ଉପରେ କେସ କରିବା ପାଇଁ କହିଲେ। ମାତ୍ର ସ୍ୱାମିଜୀ ଦୁଇବର୍ଷ ପର୍ଯ୍ୟନ୍ତ ମୌନ ରହି ସେ କଥାକୁ ଗୁରୁତ୍ୱ ଦେଇ ନଥିଲେ। ଯେତେବେଳେ ସେହି ସାଧୁଙ୍କର ଷଷ୍ଠୀପୂର୍ତ୍ତୀ ଆସିଲା ପୂଜ୍ୟ ସ୍ୱାମିଜୀ ତାଙ୍କ ନିମନ୍ତେ 'ଡିଭାଇନ୍ ଲାଇଫ୍'ରେ ଏକ ଲେଖା ଲେଖି ସେଥିରେ ସେହି ସାଧୁଙ୍କର ଖୁବ୍ ପ୍ରଶଂସା କରିଥିଲେ। ଲେଖାର ଶେଷରେ କହିଥିଲେ ଯେ, ଆପଣ ସତ୍ୟ ହିଁ କହିଛନ୍ତି। ପ୍ରକୃତରେ ମୁଁ ଦିବ୍ୟଜୀବନ ସଂଘର ଅଧ୍ୟକ୍ଷ ହେବାର ଯୋଗ୍ୟ ନୁହେଁ। ତେଣୁ ବିନତି ବିଦେଶରୁ ଆସି ସଂଘର ଅଧ୍ୟକ୍ଷ ହୋଇ ଯାଆନ୍ତୁ। କିଭଳି ଅଦ୍‌ଭୁତ ଉତ୍ତର ଥିବା ଯାହା ଆମ ମାନଙ୍କ ପାଇଁ ସମ୍ଭବ ନୁହେଁ।

(କ୍ରମଶଃ)



ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।

କ୍ଷୀରୋଦ ଦାସ

ଭାଗ-୨୫

# ସମ୍ପର୍କର ସୂତା ଖିଅ

– "ମୋ ଡ୍ୟାଡି ହାତଖର୍ଚ୍ଚ ପାଇଁ ମତେ ଯେତେବେଳେ ପାଞ୍ଚ ଦଶହଜାର ଦିଅନ୍ତି, କେବେ ବି ପଚାରନ୍ତି ନାହିଁ ଯେ ଟଙ୍କା ନେଇ ମୁଁ କ'ଣ କରିବି? ଆଉ ତମେ ପଚାରିବାର ଅର୍ଥ? -ମମତା କହିଲା ବିଦ୍ରୁପର ସହିତ।

– "ଅର୍ଥ ଆଉ କ'ଣ? ତମ ଡ୍ୟାଡି ଆଉ ମୋ ଭିତରେ ଆକାଶ ପାତାଳ ପ୍ରଭେଦ। ତାଙ୍କ ପରି ମୋର କଳା ଟଙ୍କା କୁଆଡୁ ଆସିବ? ସେ ଦୃଷ୍ଟିରୁ ମୁଁ ଅନେକ ପଛରେ ଅଛି। ତେବେ, ତମକୁ କିଛି ପଚାରିବାର ଅଧିକାର କ'ଣ ମୋର ନାହିଁ? -ସୁରେନ୍ଦ୍ର ପଚାରିଲା।

ଲାଲ୍ ହୋଇଗଲା ମମତାର ମୁହଁ। ସୁରେନ୍ଦ୍ରକୁ ସିଧା ଚାହିଁ ସେ କହିଲା- "ମୋ ଡ୍ୟାଡିଙ୍କ ବିରୁଦ୍ଧରେ କିଛି କହିବା ପୂର୍ବରୁ ହଜାରେ ଥର ଚିନ୍ତା କର। ନ ହେଲେ ପସ୍ତେଇବ। ଓ.କେ., ଦଶହଜାର ଟଙ୍କା ନେଇ ମୁଁ କିଛି ଗହଣା କିଣିବି।"

ଗମ୍ଭୀର ହୋଇଗଲା ସୁରେନ୍ଦ୍ର। ଏ କଥାର ଅନେକ ଉତ୍ତର ତା' ପାଖରେ ଗଚ୍ଛିତ ଥିଲେ ମଧ୍ୟ ସେ କହିଲା -" ଏତେ ଟଙ୍କା ଏମେ ମୋ ପାଖରେ କାଇଁ? ତମ ଗହଣା କିଣାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖ। ପରେ ଦେଖିବା"

– 'ଟଙ୍କା ଆସିବ କୁଆଡୁ? ସବୁ ତ ନେଇ ଉଡ଼େଇ ଦେଇ ଆସିଲ ଗାଁ'ରେ। ମୋ ବେଳକୁ କ'ଣ ବାହାରିବ? -ମମତା ବଡ଼ପାଟିରେ କହିଲା- 'କଣ ନା ପରେ ଦେଖିବା! ପରେ ସବୁ ଯେ ତାଡ଼ି ପକେଇବେ!"

ମମତାର କଥା ଯେ ତା' ମୃତବାପାଙ୍କ ପ୍ରତି ଇଙ୍ଗିତ କରୁଥିଲା, ଏକଥା ଶୁଣି ହତାବାକ୍ ହୋଇଗଲା ସୁରେନ୍ଦ୍ର। ଧାରୁଆ ଛୁରୀଟିଏ ଚାଲିଗଲା ତା କଲିଜାରେ। ନିଜକୁ ସମ୍ଭାଳି ସେ କହିଲା- "ଦେଖ ମମତା, ସବୁବେଳେ ଏପରି କଥାବାର୍ତ୍ତା କରିବା ଠିକ୍ ନୁହେଁ। ଅନ୍ୟର ମନୋଭାବକୁ ଜଗି ରଖି କଥାବାର୍ତ୍ତା କର।"

'ମାଇଁ ଫୁଟ୍! ହାକିମଙ୍କୁ ବାଧି ଯାଉଛି ପରା!' -ମମତା ଯୋଖିଲା ଆଉ ଏକ ଶର।

ତୀବ୍ର ଏକ ଅପମାନବୋଧ ଆଘାତ ଦେଲା ସୁରେନ୍ଦ୍ରର ଅନ୍ତସ୍ଥଳୀକୁ। ଖିନ୍‌ଭିନ୍ ହୋଇଗଲା ମନ। ତଥାପି ନିଜ ଭିତରର କ୍ରୋଧକୁ ଆୟତ୍ତ କରି ସେ କହିଲା- ଏମିତି କଥାବାର୍ତ୍ତା କରିବାକୁ ତୁମ ବିବେକ ତୁମକ ବାରଣ କରୁନାଇଁ? କମନ୍‌ସେନ୍‌ସ ବୋଲି ଜିନିଷଟି ଅଛି ଟି ତୁମ ପାଖରେ?

'ମତେ କମନ୍‌ସେନ୍‌ସ ଶିଖାଇବାର ଯୋଗ୍ୟତା ଅଛି ଟି ତୁମର!' ଓଲଟି ତାଚ୍ଛଲ୍ୟପୂର୍ଣ୍ଣ ପ୍ରଶ୍ନ କଲା ମମତା - "ଯାଅ, ନିଜ ଘର ଲୋକମାନଙ୍କୁ ଶିଖାଇବ। ମଫସଲୀ ଗୁଡା ତ! ଶିଖି ନଥିବେ ଯେ ଶିଖିବେ।

"ତମ ମୋ ଭିତରର ଏ ଆଲୋଚନାର ପରିସର ଭିତରକୁ ମୋ ଘର ଲୋକଙ୍କୁ କାହିଁକି ଟାଣୁଛ? ତମର କ'ଣ ଅସୁବିଧା କରିଛନ୍ତି ସେମାନେ? ମନେରଖ, ମୋର ଘର ଲୋକ ଦରିଦ୍ର ହୋଇପାରନ୍ତି, ହେଲେ ତମ ଘର ଲୋକଙ୍କ ପରି ଉଦ୍ଧତ ଓ ଅହଙ୍କାରୀ ନୁହନ୍ତି। କାହା ତଣ୍ଟି ଚିପି ଟଙ୍କା ରୋଜଗାର କରିବା ସେମାନଙ୍କ ଆଦତ୍ତ ନୁହେଁ। ତେଣୁ ବାଜେ କଥା ନ କହି ମୁଁ ଯାହା ପଚାରୁଛି ସେ କଥାର ଉତ୍ତର ଦିଅ।" -ଆଖି ଲାଲ୍ ପଡିଯାଇଥିଲା ସୁରେନ୍ଦ୍ରର।

'ମାଇଣ୍ଡ ଇୟୋର ଲାଙ୍ଗୁଏଜ୍!' -ମମତା ଚିତ୍କାର କଲା- 'ମୋ, ଡ୍ୟାଡିଙ୍କ ବିରୁଦ୍ଧରେ ପଦଟିଏ ଶୁଣିବା ମୋ ଧୈର୍ଯ୍ୟର ବାହାରେ। କ'ଣ ନାଇଁ କଣ କରି ପକାଇବି। ହଁ, ମୁଁ ତୁମ ଛାତ୍ରୀ ନୁହେଁ ଯେ ତୁମର ସବୁ କଥାରେ 'ହଁ ସାର୍'- 'ଜୀ ସାର୍' କହି ହେଉଥିବି। ତା' ଛଡା ମୋ ପରି ଜଣେ ଲକ୍ଷପତିର ଝିଅକୁ ଜବାବ ସୱାଲ କରିବାର ଅଧିକାର ତୁମକୁ ଦେଲା କିଏ ମିଷ୍ଟର...ସୁରେନ୍ଦ୍ର...!"

ସାବାଡ୍ ହୋଇଗଲା ସୁରେନ୍ଦ୍ର। ତା' ତଣ୍ଟି ପାଖରେ ଛନ୍ଦି ହୋଇପଡ଼ିଲା କିଛି ଶବ୍ଦ। ଅଳ୍ପ ସମୟ ନିରବ ରହି କହିଲା- "ଲକ୍ଷପତିର ଝିଅ ତମେ କେବେ ଥିଲ ମମତା। ବର୍ତ୍ତମାନ ତମେ ମୋ ସ୍ତ୍ରୀ। ସେଇ ଅଧିକାରରେ ପଚାରିଦେବାଟା ମୋର ବୋଧହୁଏ ଭୁଲ୍ ହେଇଗଲା!!'

"-ଅଧିକାର ଫଧିକାର କଥାଗୁଡ଼ା ମତେ କହିବନି ଆଦୌ। ସେଗୁଡାକୁ ମୁଁ କେୟାର କରେନା-" ମମତାର ସ୍ୱର ରୂପାନ୍ତରିତ ହେଉଥିଲା ଘଡ଼ଘଡିରେ- "ସବୁଠୁ ବଡ଼ କଥା ହେଉଛି ମୁଁ ରୁନ୍ଧି ହୋଇପଡୁଛି ଏ ପରିବେଶ ଭିତରେ। ଲାଗୁଛି, ଜଣେ ଅପହରଣକାରୀ ମତେ ଜବରଦସ୍ତ ବନ୍ଦୀ କରି ରଖିଛି ନିଜର ହୀନସ୍ୱାର୍ଥ ଲୋଭରେ!"

ଆଉ ଅଧିକ କ'ଣ ଦରକାର ପୌରୁଷକୁ ଘାୟଲ କରିବାକୁ? ସୁରେନ୍ଦ୍ରର ସାରା ଶରୀରରେ ପ୍ରବାହିତ ହୋଇଗଲା ଉଚ୍ଚଶକ୍ତି ସମ୍ପନ୍ନ ଏକ କରେଣ୍ଟ। ଯନ୍ତ୍ରଣାଦଗ୍ଧ କ୍ଷତଟେ ସୃଷ୍ଟି ହୋଇଗଲା ମନରେ। ମମତାର ଏଇ କଥା ପଦକ ବିଧ୍ୱସ୍ତ କରିପକାଉଥିଲା ତା' ସ୍ୱାମୀତ୍ୱର ସବୁ ଦମ୍ଭ, ସବୁ ଅହଙ୍କାର। କ୍ରୋଧରେ ପାଟଳ ପଡ଼ିଗଲା ତା' ମୁହଁ। ଅଥଚ ସେ ନିଜକୁ ପ୍ରକାଶିତ କଲା ଅନ୍ୟ ପ୍ରକାର- "ମମତା, ଦୁଇବର୍ଷ ତଳର କଥା ତୁମେ ଭୁଲିଗଲଣି କି? ତମେ ମତେ ଆଗେ ଭଲ ପାଇଥିଲ। ମୋର ଯାବତୀୟ ବାରଣ ସତ୍ତ୍ୱେ, ଏଥିପାଇଁ ତମେ ମତେ ଏକରକମ ବାଧ୍ୟ କରିଥିଲ। ଅଥଚ ଏବେ? କେତେଥର କହିଲଣି ଏପରି କଥାବାର୍ତ୍ତା କରିବ ନାହିଁ ବୋଲି?"

-"ଅଲବତ୍ କରିବି। ଥରେ ନୁହେଁ, କୋଟିଏ ଥର କରିବି। ବଞ୍ଚିଥିଲା ପର୍ଯ୍ୟନ୍ତ କରିବି। ତମେ କ'ଣଟା କରିଛ ମୋ ପାଇଁ? କି ସୁଖ ଢାଳିଦେଇଛ ମୋ ଉପରେ? କ'ଣ ମୁଁ ଥିଲି, ଏଠି କ'ଣ ହୋଇଛି? ଆସି ବେଠି ଏବେ ଖଟୁଛି। ଏଇଆ ତ!" -ମମତାର ସ୍ୱରରୁ ସ୍ପଷ୍ଟ ବାରି ହୋଇପଡୁଥିଲା ମୁକାବିଲାର ଗନ୍ଧ।

ପରାସ୍ତ ମଣିଷଟିଏ ପରି ବସି ପଡିଲା ସୁରେନ୍ଦ୍ର। ଟାଉଲରେ ପୋଛିଲା ଝାଳୁଆ ମୁହଁ - "ମମତା, ଅତୀତକୁ ବହୁ ପଛରେ ପକାଇ ଜୀବନ ରାସ୍ତାରେ ଆମେ ଅନେକ ବାଟ ଚାଲି ଆସିଲେଣି। ପଛକୁ ଫେରି ଚାହିଁଲେ ଭଲ ଭାବେ ଆଉ କିଛି ଦେଖାଯାଉନି। ଏବେ ସେସବୁକୁ ଭାବିବା ନିରର୍ଥକ। ସେସବୁ ଭାବି ଅଶାନ୍ତି ସୃଷ୍ଟି କରିବା ଆହୁରି ନିରର୍ଥକ। ସାଧାରଣ ଘଟଣାରେ ଏତେ ଉତ୍‌କ୍ଷିପ୍ତ ହୋଇ ଏ ଘରକୁ ଆଉ ଛାରଖାର କରନା.... ମମତା... ପ୍ଲିଜ୍।"

ସୁରେନ୍ଦ୍ର ଉଠିଲା ବାହାରକୁ ପଳେଇଯିବା ପାଇଁ।

'ଶୁଣ!' -ଶୁଭିଲା ଗୋଟେ ଆଦେଶ- "ଚୋରଙ୍କ ପରି କଥା ମଝିରୁ ଏମିତି ଉଠିଯାଉଛ କାଇଁକି? ବସ୍। କ'ଣ କହିଲ? ସାଧାରଣ ଘଟଣା! ମୋ ଜୀବନ ନଷ୍ଟ ହୋଇଯିବା ତମ ପାଇଁ ଗୋଟେ ସାଧାରଣ ଘଟଣା? ମାମୁଲି କଥା? ବାଃ...।" ମମତା ଠିଆହୋଇପଡ଼ିଲା- "ଗୀତ ବୋଲି ବୋଲି ମୋ ପରି ଜଣେ ସରଳା ଝିଅକୁ ଫସେଇ ଆଣିଲ, ଏକରକମ ଛଡ଼େଇ ଆଣିଲ ମୋ ଡ୍ୟାଡି ମମିଙ୍କ ଠାରୁ। ଏଠି ମତେ ଚାକରାଣୀ ପରି ଖଟେଇ ଖଟେଇ ମାରି ସାରିବା ପରେ କହୁଛ କ'ଣ ନା ସାଧାରଣ ଘଟଣା!! ... ନନ୍‌ସେନ୍‌ସ...।"

(କ୍ରମଶଃ)

# କିଛି ପାର୍ଥକ୍ୟ ନାହିଁ



**ଡ. ମାଙ୍ଗଳିକା ମହାପାତ୍ର**

ଅନୂଢ଼ା କିଶୋରୀର ମନ ନେଇ ...
ଯେବେ ମୁଁ ଯାଏ ଗୀତ ଗାଇ ଗାଇ
ଲାଗେ ଯେମିତି ଏକ ଦିଗହରା ନଈ
ଯାଏ ବହି ବହି... ତାର ଇପ୍‌ସିତ..
ସାଗରରେ ମିଶିବା ପାଇଁ
ବାଟରେ କେବେ ସମତଳ ଭୂଇଁ
ଚାହେଁ ତାକୁ ନେବାକୁ କୋଳେଇ
ତ.. କେବେ ରାସ୍ତାର ପଥର
ଦିଏ ତାର ବାଟ ଭୁଲାଇ
ହେଲେ ବି ସେ ଫୁଲେଇ ନଈ
କେବେ ଯାଏନା ତା ଲକ୍ଷ୍ୟରୁ ଦୂରେଇ
ନିଜ ଭାବନାକୁ ପଣତେ ଜଡାଇ
ବାଧା ବିଘ୍ନକୁ ଦେଇ ପାଦରେ ଆଡେଇ
ଯାଏ ସେ ପ୍ରିୟକୁ ମନେଇବା ପାଇଁ
ସତରେ...ନଦୀ ଆଉ ନାରୀ ଭିତରେ
ପାର୍ଥକ୍ୟ ତ କିଛି ନାହିଁ..!
ଦୁହେଁ ଚାହାନ୍ତି ମନର ମଣିଷ ସହ
ମିଶିବା ପାଇଁ
ସେଥିରେ ବାଧା ଦେବାକୁ କେହି
ସାହସ କରନ୍ତି ନାହିଁ...
ହଁ... ନଦୀ ଆଉ ନାରୀ
ଦୁହେଁ ତ ଫୁଲେଇ... ଗେହ୍ଲେଇ ...
ଭଲ ଯେ ପାଆନ୍ତି ସଭିଙ୍କୁ ମନ ପ୍ରାଣ ଦେଇ...

# ମୁଁ ଅସହାୟ ବାପା

**ସରୋଜ କୁମାର ଜେନା**



ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ଅଧିନସ୍ଥ ମହିଧରପୁର ଗାଁର ବିଜୟ ମୁଦୁଲି। ପରିବାର କହିବାକୁ ଗଲେ ଦୁଇଟି ପୁଅ ଆଉ ସ୍ତ୍ରୀକୁ ନେଇ ତାର ପରିବାର। ବଡ ପୁଅ ନବମ ଶ୍ରେଣୀରେ ପାଠ ପଢୁଥାଏ। ସାନ ପୁଅ ମାତ୍ର ଚାରିବର୍ଷର। ଗୋଟେ ଦିନ ସକାଳୁ ସକାଳୁ ବିଜୟ କାମକୁ ବାହାରୁଥାଏ। ତାର ସ୍ତ୍ରୀ ରଞ୍ଜୁ କହିଲା ଆରେ ଶୁଣୁଚ। ପିଲାଟିର ଏବେ ଦୁଇଦିନ ପରେ କ'ଣ ଗୋଟିଏ ତାଙ୍କ ବିଦ୍ୟାଳୟରେ ହେବ କହୁଥିଲା। ଆଉ ସେଥିପାଇଁ କିଛି ପଇସା ମାଗୁଥିଲା ନୂଆ ଜାମା କିଣିବ ବୋଲି। ଏହାଶୁଣି ବିଜୟ କହିଲା ହଉ ରାତି ହେଲା ଘରକୁ ଆସିଲା ବିଜୟ କାମ ସାରି। ସ୍ତ୍ରୀ ତାର ପଚାରିଲା ମୁଁ କଣ ସକାଳେ କହିଥିଲି। କିଛି ମନେ ଅଛି ନା ନାଇଁ। ବିଜୟ କହିଲା ହଁ ରଞ୍ଜୁ ମନେ ଅଛି ସବୁ ମୋର। ସକାଳ ପାଇଲା ବଡ ପୁଅ ସମ୍ବିତ ବୋଉକୁ କହିଲା ବୋଉ ତୋତେ କ'ଣ କହିଥିଲି। ବୋଉ ତାର କହିଲା ହଁ ବାପାଙ୍କୁ ମୁଁ ଜଣେଇଛିରେ। ବାପା କିଛି ପଇସା ରଖିଛନ୍ତି ମୋତେ ଦେବେ ବୋଲି କହିଛନ୍ତି। ଏଇ ଗାଁ ମୁଣ୍ଡ ଆଡେ କୁଆଡେ ଯାଇଛନ୍ତି। ଆସିଲେ ଦେବେ ତୁ ନୂଆ ଜାମା କିଣିବୁ। ଏପଟେ ରଞ୍ଜୁ ମନେ ମନେ ଭାରି ଭାବୁଥାଏ। ପିଲାଟିର ବିଦ୍ୟାଳୟରେ କଣ ହେଉଛି ଯେ ଏମିତି ପୁଅ ନାକେଦମ୍ କରି ସାରିଲାଣି। ଗାଁ ମୁଣ୍ଡ ଆଡୁ ବିଜୟ ଆସି ରଞ୍ଜୁଙ୍କୁ କହିଲା। ଶୁଣ ପୁଅକୁ ନେଇ ଛକକୁ ଯାଇ ଶିବ ଡ୍ରେସ ଦୋକାନରୁ ମୋ ନାଁ କହି ପୁଅ ପାଇଁ ଜାମା କିଣି ଆଣିବ। ଏପଟେ ଏହି କଥା ଶୁଣି ରଞ୍ଜୁ କହିଲା ସେ କଣ ମୋତେ ଦବ ତ। ବିଜୟ କହିଲା ହଁ ଦେବ। ତୁମେ ଯାଇ ପୁଅକୁ ନେଇ ଆଣିବ ଜାମା।

ଏମିତିରେ ସେହିଦିନ ଗୋଟେ ଚିଠି ଆସି ଘରେ ପହଞ୍ଚିଲା ଗାଁ ବିଦ୍ୟାଳୟ ପିଅନ ଦ୍ୱାରା। ଚିଠିରେ ଲେଖା ଥାଏ ଆସନ୍ତାକାଲି ଆମ ମହିଧରପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ। ଏଥିନିମନ୍ତେ ସମସ୍ତ ଅଭିଭାବକ ଜଣାଇ ଦିଆଯାଉଛି ସମସ୍ତେ ନିଜ ନିଜ ପିଲାଙ୍କ ସହିତ ଉପସ୍ଥିତ ରହିବେ। ସକାଳ ପାଇଲା ପୁଅ ନୂଆ ଜାମା ପିନ୍ଧି ବାହାରି ପଡିଲା। ଆଉ ବୋଉକୁ କହିଲା ବୋଉ ବାପା କୁଆଡେ ଗଲେ। ଆଜି ବା ଆମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ। ମୋ ସାଥିରେ ଯିବେ। ବୋଉ କହିଲା ରହ କୁଆଡେ ଯାଇଥିବେ ଆସିବେନି। ଏତେ ଅତରଛିଆ କଣ ପାଇଁ ହେଉଛୁ। ସମ୍ବିତ କହିଲା ବ୍ୟସ୍ତ ହେବିନି। ବାପା ପଛେ ଗଲେ ଯାଉଥାନ୍ତୁ କିନ୍ତୁ ମୋତେ କିଛି ଟଙ୍କା ଦେଇଥାନ୍ତେ ଖର୍ଚ୍ଚ କରିବାକୁ। ଏଇତ ମା ପୁଅ କଥା ହଉ ହଉ ଇତି ମଧ୍ୟ ବିଜୟ ଆସି ପହଞ୍ଚିଲା। ଆଉ ସବୁ କଥା ଶୁଣି ପୁଅକୁ ଶହେ ଟଙ୍କା ଦେଇ ପୁଅକୁ କହିଲା ତୁ ଆଗରେ ଯାଉଥା ମୁଁ ଯାଉଛି ଟିକିଏ ବିଳମ୍ବ ହେବ। ସମ୍ବିତ କହିଲା ହଉ ବାପା। ଏମିତିରେ ବାଟରେ ଯାଉ ଯାଉ ସାଇକେଲ ଧରି ବିଜୟ ହଠାତ୍ ଶିବ ଡ୍ରେସ ଦୋକାନୀ ତା'ର ବାପା ବିଜୟକୁ ଅଟକେଇ କହିଲା ବେଜିତ୍ କରି ଦୁଇଦିନ ହୋଇଗଲାଣି କ'ର ତୋ ବା ଥୋଇଥିଲା ସ୍ତ୍ରୀକୁ ପଠେଇ ପୁଅ ପାଇଁ ଜାମା କିଣି ନେଲୁ। ଏମିତି କହି କହିଲା ତୋ ପାଖରେ ଯାହା ଟଙ୍କା ଅଛି ଦେଇଯା। ଏମିତି କହି ପକେଟ ଭିତରୁ ପଚାଶ ଟଙ୍କା ଛଡେଇ ନେଇ ଗଲା ଆଉ କହିଲା ବାକି ଟଙ୍କା ଆଜି ସଂଧ୍ୟା ସୁଦ୍ଧା ଆଣି ଫେରେଇବୁ।

ଲୋକଙ୍କ ଆଗରେ ବେଜିତ୍ ହୋଇ ଭାରି ମନ ଦୁଃଖରେ ପୁଅର ବିଦ୍ୟାଳୟ ଅଭିମୁଖେ ଗଲା। ଯାଇ ପହଞ୍ଚିଲା ବେଳକୁ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆରମ୍ଭ ହେଉଥାଏ। ବିଜୟ ଯାଇ ବସି କିଛି ସମୟ ଉତ୍ସବ ଉପଭୋଗ କଲା। କିନ୍ତୁ ମନକୁ ମାରି ବସିଥାଏ। କିଛି ସମୟ ଗଲା ପରେ କିଛି ସମୟ ପାଇଁ ବାର୍ଷିକ ଉତ୍ସବ ବିରତି ହେଲା। ବିରତି ପରେ ଦ୍ୱିତୀୟ ଅର୍ଦ୍ଧ ହେବ। ଏହି ସମୟରେ ସମ୍ବିତ ଆସି କହିଲା ବାପା କେତେବେଳକୁ ଆସିଲଣି ଏହି କଥା ସମ୍ବିତର ବାପା ଶୁଣି କହିଲେ ହଁରେ ମୁଁ ବହୁତ ସମୟ ହେଲା ଆସିଲିଣି। କିଛି ସମୟ ଗଲା ପରେ ସମସ୍ତେ ଯାଇ ବାହାରେ ବୁଲା ବୁଲି କଲେ। ବିଦ୍ୟାଳୟର ବାହାର ପାର୍ଶ୍ୱରେ ଭଲ ଭଲ ଖାଇବା ଷ୍ଟଲ ଲାଗିଥାଏ। ଠିକ୍ ଏହି ସମୟରେ ଆସି ନଜର ପଡିଲା ବିଜୟର ଏକ ଯୁବତୀ ତରୁଣୀ ଉପରେ। ଏମିତିରେ ଭଲ ଭାବେ ଦେଖିଲା ବେଳକୁ ଠିକ୍ ନଜର କରି ଦେଖେତ ନିଜର ଦୀର୍ଘଦିନର ଚିର ଶତ୍ରୁ ପ୍ରେମିକା ମୀନା। ବିଜୟ ତାକୁ ଦେଖି ମନରେ ବିଦ୍ୟୁତ୍ ମାରିଲା ଭଳି ଲାଗିଲା। ତାର ପାଦ ତଳୁ ମାଟି ଖସିଯାଉଥାଏ। ବିଶ୍ୱାସ କରି ପାରିଲା ନାହିଁ ଦୀର୍ଘବର୍ଷ ପରେ ଦେଖି ମନେ ପଡିଲା ସେହି ୧୫ ବର୍ଷ ତଳର କଥା। ଯାହା ପାଇଁ ମୁଁ ଆଜି ଏମିତି ଅବସ୍ଥା। ଯାହାତ ମନ ଦୁଃଖ ଲାଗିଥିଲା। ଏହା କଟା ଘାରେ ଚୂନ ବୋଳିଲା ଭଳି ଆହୁରି ହେଲା। ମନମାରି ବସିଥାଏ। ଠିକ୍ ଏହି ସମୟରେ ପହଞ୍ଚିଲା ସାହିର ଉଦିଆ ଭାଇ। କହିଲା ଶୁଣିଲୁ ବିଜୟ ଗୋଟେ ପାନ ଟେ ଦେ ଖାଇବା। ବିଜୟ କହିଲା ନାଇରେ ଉଦିଆ ଭାଇ ଆଜି ପାଖରେ କିଛି ନାଇ। ଉଦିଆ ଏହି କଥା ଶୁଣି କହିଲା କହିଲା ହଉ ନାହିଁ ତ ନାହିଁ ମନ ଦୁଃଖରେ ଏମିତି କାହିଁ ବସିଛୁ। ବିଜୟ କହିଲା ନାଇଁମ ସେ କିଛି ନୁହଁ। ଏମିତିରେ ଉଦିଆ ଭାଇ ବିଜୟକୁ କହି ସେଠାରୁ ଗଲା। କହିଲା ଘରକୁ ଗଲା ବେଳେ ସାଥି ହୋଇ ଘରକୁ ଯିବା। ବିଜୟ କହିଲା ହଉ ଠିକ୍ ଅଛି ଭାଇ। ଏମିତି କହି ତା' ପାଖରୁ ଉଦିଆ ଚାଲିଗଲା।

ଆଉ ଠିକ୍ ଏହି ସମୟରେ ସମ୍ବିତ ଆସି ମାଗିଲା ବାପା ବାପା ପାଇସା ଦେଉନ ଚାଉମିନି ଖାଇବି। ଏହା ଶୁଣି ବିଜୟ କହିଲା ମୁଁ ବା ତୋତେ ଶହେ ଟଙ୍କା ଦେଇଥିଲି କ'ଣ କଲୁ। ସମ୍ବିତ କହିଲା ମୁଁ ଖର୍ଚ୍ଚ କରିଦେଇଛି। ଏହା ଶୁଣି କହିଲା ହଉ ତୁ ଟିକିଏ ରହ। ଆଉ ଟିକିଏ ପରେ ଖାଇବୁ। ଠିକ୍ ଏହି ସମୟରେ ସମ୍ବିତର ସାଙ୍ଗ ଅଭି ଆସି ଡାକିଲା ସମ୍ବିତ ସମ୍ବିତ ଆ ଯିବା କଣ କିଛି ଖାଇବା। ଏହା ଶୁଣି ସମ୍ବିତ କହିଲା ବାପା ମୁଁ ଯାଉଛି ଖାଇବି। ତୁମେ ଯାଇ ପଇସା ଦେଇ ଦେବ। ଏତିକି କହି ସେହିଠାରୁ ଉଭୟେ ଚାଲିଗଲେ। ଆଉ ଯାଇ ଖାଇବା ପାଇଁ ଠିଆ ହୋଇଥାନ୍ତି କିଛି ସମୟ ପରେ ସମ୍ବିତର ବାପା ବିଜୟ ଯାଇ ପହଞ୍ଚିଲା ବେଳକୁ ସଠିକ୍ ସମୟରେ ଅଭି ମମି ଖୋଜି ଖୋଜି ସେହି ସ୍ଥାନରେ ବି ପହଞ୍ଚି ଗଲେ। ଆଉ ଏହି ସମୟରେ ସମ୍ବିତ କହିଲା ବାପା ଏ ହେଉଛନ୍ତି ଅଭିର ମମି। ଅଭି ମମି ଦୀର୍ଘଦିନ ପରେ ବିଜୟକୁ ଦେଖି ଆଚମ୍ବିତ ହୋଇଗଲା। ଠିକ୍ ଏହି ସମୟରେ ବିଜୟ ବାହାନା କରି ସେଠାରୁ ସମ୍ବିତକୁ ନେଇ ଆସିଲା। ଏହି ସମୟରେ ଅଭି କହୁଥାଏ ଆରେ ସମ୍ବିତ କୁଆଡେ ଯାଉଛୁ ଖାଇବାପରା। କିନ୍ତୁ ସମ୍ବିତ ବାପା ସେହିଠାରୁ ତାକୁ ନେଇ ଆସିଲେ। ଅତି ଜିଦ୍ କରି ସମ୍ବିତ କାନ୍ଦି କାନ୍ଦି ଖାଇବା ପାଇଁ କହୁଥାଏ। ଲୋକ ଗଦା ହୋଇଥାନ୍ତି ରାଗିକି ବିଜୟ ଦୁଇ ଚଟକଣା ବାଡେଇ ଥିଲା ସମ୍ବିତକୁ। ଆଉ ଏହି ସମୟରେ ଉଦିଆ ଆସି ପହଞ୍ଚିଥିଲା। ଆଉ ବିଜୟକୁ କହିଲା ଆରେ ତୁ ଏ କଣ କରୁଛୁ ପିଲାଟିକୁ କାହିଁକି ମାରୁଛୁ। ଏମିତି ମନ ଦୁଃଖ କରି ସେହିଠାରୁ ସମ୍ବିତ ପଳେଇଥିଲା ବିଦ୍ୟାଳୟ ଭିତରକୁ। କିନ୍ତୁ ଉଦିଆ ଆଉ ବିଜୟ ମିଶି ଘରକୁ ସାଇକେଲ ଧରି ଚାଲି ଆସିଲେ। ଆସିଲା ବେଳେ ବାଟରେ ବହୁତ ମନ ଦୁଃଖରେ କାନ୍ଦି ବିଜୟ ସବୁ କଥା ଉଦିଆକୁ କହିଲା। ମୁଁ ଜଣେ ଭଲ ଛାତ୍ର ହୋଇ ଆଜି ଦିନ ମଜୁରିଆ। କାହା ପାଇଁ ତୁ କହ ସେହି ମୀନା ପାଇଁ। ମୁଁ ଗରିବ ବୋଲି ମୋତେ ଆଡେଇ ଦେଇ ଆଜି ଧନୀ ଘରେ ବିବାହ ହୋଇ ଅୟେସ କରୁଛି। ଆଉ ମୋତେ ମନେ ପଡିଯାଉଛି ସେହି ଧିକାର କରିଥିବା ମୋତେ ଯେଉଁ ସବୁ ଗାଳି। ତୁ କହ ଯାହା ପାଇଁ ଆଜି ମୁଁ ଏତେ କଷ୍ଟ ଭୋଗୁଛି ସେ ଆଜି ମୋ ସାମ୍ନାରେ ଠିଆ ହୋଇଥିଲା, ମୋତେ ଭଲ ଲାଗିଲା ନାହିଁ ସେଥିପାଇଁ ମୁଁ ସେଠାରୁ ସମ୍ବିତକୁ ନେଇ ଆସିଲି। କିନ୍ତୁ ଉଦିଆ କହିଲା ତୋର ତାକୁ ବାଡେଇବାର ନଥିଲା। ଅସଲ କଥା କିନ୍ତୁ ଖୋଲି କହୁ ନଥାଏ ଯେ ତା ପାଖରେ ପଇସା ନଥିଲା ବୋଲି। ଏମିତିରେ ଆସି ମନ ଦୁଃଖରେ ଗାଁ ବନ୍ଧ ଆଡେ ସଂଧ୍ୟା ବେଳେ ବୁଲିବାକୁ ଗଲା ଆଉ ଆସି ରାତିରେ ଦେଖେତ ସମ୍ବିତ ଶୋଇଛି। ନିଜ ସ୍ତ୍ରୀକୁ ବିଜୟ ପଚାରିଲା ବଡ ପୁଅ ଖାଇ ଶୋଇଛି। ଇଆଡେ କହୁଥାଏ କିନ୍ତୁ ଆଖିରୁ ଗଳ ଗଳ ଲୁହ ଝରି ଆସୁଥାଏ। ରଞ୍ଜୁ ଦେଖି ପଚାରିଲା ଆରେ କ'ଣ ହୋଇଛି। କାହିଁକି ଏମିତି କାନ୍ଦୁଛ। ବିଜୟ କହିଲା ପୁଅ କୋଉ ପଟେ ଘରେ ଅଛି। ରଞ୍ଜୁ କହିଲା ସେ ଏକେଣା ଘରେ ଶୋଇଛି। ଆଉ ତୁମେ ଖାଇବନି କି? ବିଜୟ କିଛି ନ କହି ନିଦ୍ରାରେ ସମ୍ବିତିକୁ ଆଉଁସି ତାକୁ ଛାତିରେ ଯାକି କାନ୍ଦି କାନ୍ଦି ନିଜ ସ୍ତ୍ରୀକୁ ବିଜୟ କହୁଥାଏ ହେ ରଞ୍ଜୁ ତୁମେ ଦେଖ ମୁଁ ଏମିତି ହତ ଭାଗାଟେ ନିଜ ପିଲାମାନଙ୍କ ମୁହଁରେ ହସ ଟିକିଏ ଭରି ପାରୁନି। ସମ୍ବିତ ଆମର ଭଲ ପଢୁଛି। ଆଉ ଆଜି ମୁଁ ତାକୁ ଟିକଏ ଭଲରେ ଖାଇବାକୁ ଦେଇ ପାରୁନି କି ଭଲରେ ପିନ୍ଧିବାକୁ ଦେଇପାରୁନି। ଏହି କଥା ନିଜ ସ୍ତ୍ରୀ ଶୁଣି କହିଲା ତୁମେ ଏ କ'ଣ କହୁଛ। ବିଜୟ କାନ୍ଦି କାନ୍ଦି ହଁ ମୁଁ ସତ କହୁଛି ମୁଁ ଆଜି ପାଲଟିଛି ଗୋଟେ ଅସହାୟ ବାପା।

*ବାଲିଝରୀ, ନରସିଂହପୁର, କଟକ*
*ଦୂରଭାଷ : ୯୩୪୮୭୮୩୭୯୧*

# ଟ୍ରେନ୍



**ଡଃ ତୃପ୍ତି ରଞ୍ଜନ ଦାସ**



ରାସ୍ତା କଡକୁ ଫିଙ୍ଗି ପୁଞ୍ଜାଏ ଟିଣ ବାକ୍ସ
ଚାଲିଗଲା ମୋ ଦେହକୁ ନେଇ
ଆତ୍ମାକୁ ରଖି ମୋ ବୋଉ ପଣତରେ,
ମୁଁ କମ୍ପୁଥାଏ ଦ୍ୱିତୀୟ ଶ୍ରେଣୀ
ଶୀତ କୋଠରୀରେ
ଗାଁରେ ଲୁହ ଝରେ କାହାର
ହଂସୁଆ ନଈ ସେପଟରେ।
ମାଟି ଚିରି ଯେଉଁ ଲୁହା
ଶୋଇଛି ଦିଗନ୍ତ ବିସ୍ତାରି
ଠେଲିଦିଏ ଦୂର ପ୍ରବାସକୁ
ଧଳା ଧଳା ମେଘରେ ଆକାଶ ଭାରି,
ଖଟେଇ ହୁଅନ୍ତି ଝର୍କା ବାହାରେ ନାନା ରୂପକରି।
ଅଚିହ୍ନା ବ୍ୟାଗ ମାନେ ଗପୁଥାନ୍ତି
କିଏ କେତେ ସୁଖ-ଦୁଃଖ ବୋହିଛନ୍ତି
ଦିନ ରାତି କାହାରି ପିଠିରେ,
ସିଏ ଯିଏ ଶୋଇଗଲା
ମୋ କାନ୍ଧକୁ ଆଉଜି
ଜାଣିନି ମୁଁ କେବେ ଛୁଇଁଥିଲି ତାକୁ,
କେଉଁ ଜନମରେ।
ସେମାନେ କିଛି ଘୋଷା ଶବ୍ଦକୁ ଉଚାରି ଚଢୁଥିଲେ
ପେଟରେ କମ୍ପାସ ରଖି
ସରଳ ରେଖାରେ ଚାଲୁଥିଲେ,
ହଜିଗଲେ ଧରା ଧରି ହେଇ ପାହାଚ ତଳେ
କାହା ହାତ ଲମ୍ବିଥିଲା ପ୍ଲାଟଫର୍ମ ସରିବା ଯାଏଁ
ଜୀବନ ଝୁଲୁଥିଲା କାହାର ବେକରେ।
ଫେରିଥିଲେ ଗାଁ ଛାଡ଼ି, ନାଁ'ରେ କାଳି ବୋଲି
ବଗିର ଅନ୍ଧାରରେ ଜହ୍ନ ଶୋଇଯାଏ
ଟି.ଟି.ଆଇ ଲୁଚି ଯାଏ ତା କଳା କୋଟରେ
ହାତ ଗୁଞ୍ଜାରେ ଲିଭିଯାଏ ଛାତି ତଳ ଦିହୁଡି
ଆଶଙ୍କା-ବିଶ୍ୱାସରେ ହାତ ଧରିଥାଏ ଭିଡି
ସବୁ ଚୁପ୍, ଏବେ ରାତି ଦୁଇ ଘଡି
କାଲି କଥା କାଲିକି ଦେଖିବା, ଶୋଇପଡ
ସିଏ ତାର ସମୟ ପରି ଯାଉ ଗଡି...

*କାଦୁଅପଡା, ଜଗତସିଂହପୁର*

# ବର୍ଷା ଆସିଲେ



**ରଶ୍ମିତା ବେହେରା**



ଆକାଶ ରାଇଜେ ମେଘ ଡାଙ୍କେ ଯେବେ
ଥରା ଉଠେ ଆମ ଛାତିରେ
ଭାଙ୍ଗିଯିବ କାଳେ ଅଧା ଭଙ୍ଗା ଚାଳ
ଇନ୍ଦ୍ରଙ୍କ ବରଷା ବାଣରେ।
ଜୀବନ ଜଞ୍ଜାଳ କରେ ଅସମାଳ
ନୀରବି ଯାଏ ଯେ ମନ
ଖୋଲା ଆକାଶରେ ତାରକା ମେଳରେ
ତାସଲ୍ୟ କରଇ ଜହ୍ନ।
ବର୍ଷା ଆସିଲେ...
ଆମେ ଘର କୋଣରେ ଆଉଜି ବସୁ
ଭୟରେ ଛାତି ଥରେ
ଚାଳରୁ ଟପ୍‌ଟପ୍ ହୋଇ
ନିଗୁଡୁ ଥିବା ପାଣିଟୋପାକୁ
ସଂହ କରୁ କଂସା ତାଟିଆରେ।
ବହିପତ୍ର ଭିଜିଯାଏ ବରଷା ପାଣିରେ
ପତ୍ରଜାଳି ରାନ୍ଧେ ବୋଉ
ସେଇ ଓଦା ଚୁଲିରେ,
ବାପାଙ୍କର ଲୁହ ସବୁ ଲହୁ ହେଇଯାଏ
ବନ୍ଧ ବାଡ ଭାଙ୍ଗି ସିଏ ନୀରବରେ ବହେ।
ସେ ବର୍ଷା କିନ୍ତୁ ବୁଝେନି କି ଥମେନି,
ସେ ଦାଉସାଧେ ଆମରି ଉପରେ
ଆମ ଭଙ୍ଗା କୁଡିଆକୁ
ପରସ୍ତ ପରସ୍ତ କରି ଭିଜାଇଚାଲେ
ତା ବରକୋଳିଆ ବରଷା ଟୋପାରେ।
ବର୍ଷା ଆସିଲେ...
କାହା ଘରୁ ପକୁଡିର ମହମହ ବାସ୍ନା ଆସେ ତ
କେଉଁଠାରେ ତାଜା ହୁଏ କବିର କଲମ,
କିନ୍ତୁ ଆମଘରେ ଦାରିଦ୍ର୍ୟତା ଏତେ କ୍ଷତ ଦିଏ
ତା ପାଇଁ ଖୋଜା ହୁଏ ରଣର ମଲମ।
ଆମକୁ ବୁଝାଇବାକୁ ବୋଉ କୁହେ
ଦେଖ ନାଲି ଟୁକୁଟୁକୁ ସାଧବ ବୋହୁକୁ
ସେ କେମିତି ଲାଜେଇ ଚାଲୁଛି
ମୋର ସେଥିପ୍ରତି ଧ୍ୟାନ ନଥାଏ
କାରଣ ମୁଁ ଦେଖେ
ଆମ ଘର ନିଦାଘ ଦାରୁଣ
ଲୋତକରେ ଭିଜି ଆମକୁ ବି ଭିଜାଉଛି,
ବୋଧହୁଏ ସେ ଇନ୍ଦ୍ରଙ୍କ ସହ ସାଲିସ କରିଛି।

*ସାମ୍ବାଦିକା*
*ନିହଳପ୍ରସାଦ, ଢେଙ୍କାନାଳ*
*ଦୂରଭାଷ : ୭୩୨୫୯୬୦୨୭୮*








ଐଶାନୀ ମିଶ୍ର
ଷ୍ଟାଣ୍ଡାର୍ଡ-୪
କେନ୍ଦ୍ରୀୟ ବିଦ୍ୟାଳୟ-୧
ଭୁବନେଶ୍ୱର

### ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ସମ୍ପର୍କୀତ ୱେବିନାର

# ଅର୍ଥ ନେଣ ଦେଣରେ ସ୍ୱଚ୍ଛତା ଆଣିଛି ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା

**ଭୁବନେଶ୍ୱର, (ପିଆଇବି):** ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ସମାଜରୁ ଦାରିଦ୍ର୍ୟ ଦୂରକରିବା ସହ ହିତାଧିକାରୀମାନଙ୍କୁ ଅର୍ଥ ନେଣ ଦେଣରେ ସ୍ୱଚ୍ଛତା ରକ୍ଷା ଓ ସର୍ବୋପରି ଦୁର୍ନୀତି ରୋକିବାରେ ସଫଳ ହୋଇଛି ବୋଲି ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର କୁମରବର ଦାସ କହିଛନ୍ତି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ଭୁବନେଶ୍ୱର (ଆରଓବି) ପକ୍ଷରୁ ଆୟୋଜିତ ୱେବିନାରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ଦାସ ଏହା କହିଛନ୍ତି । ଶ୍ରୀ ଦାସ ଆହୁରି କହିଛନ୍ତି ଯେ, ସାମାଜିକ ବିକାଶ ଆର୍ଥିକ ଉନ୍ନୟନର ଆଧାରଶୀଳା ହୋଇଥିବା ବେଳେ ସାଧାରଣ ଲୋକଙ୍କ ସମସ୍ୟାକୁ ବାଦ ଦେଇ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଚିନ୍ତା କରାଯାଇପାରିବ ନାହିଁ । ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ସାମାଜିକ ବିକାଶ ଘଟାଇବା ସହ ଦେଶର ଆର୍ଥିକ ବିକାଶରେ ମଧ୍ୟ ସହାୟକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧିନ ସରକାର ଲୋକମାନଙ୍କ ସାମାଜିକ ଓ ଆର୍ଥିକ ବିକାଶ ପ୍ରତି ବିଶେଷ ଧାନ ଦେଇଛନ୍ତି । ଗତ ୬ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ଦାରିଦ୍ର୍ୟ ହ୍ରାସ କରିବାରେ ସହାୟକ ହୋଇଛି ବୋଲି ସେ କହିଛନ୍ତି । ୱେବିନାରରେ ଯୋଗଦେଇ ଗଞ୍ଜାମ ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଶ୍ରୀ ଅଶୋକ କୁମାର ପଣ୍ଡା କହିଥିଲେ ଯେ, ବ୍ୟାଙ୍କ ଖାତା ନଥିବା ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ବ୍ୟାଙ୍କିଂ ସୁବିଧା ଯୋଗାଇଦେବ । ଏହା ଦେଶର ଆର୍ଥିକ ସ୍ଥିତି ମଜବୁତ କରିବା ସହ ସାମଗ୍ରୀକ ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ । ଗତ ୬ ବର୍ଷ ମଧ୍ୟରେ ଦେଶରେ ୪୦ କୋଟିରୁ ଊର୍ଦ୍ଧ୍ୱ ବ୍ୟାଙ୍କ ଖାତା ଖୋଲାଯିବା ସହ କେବଳ ଗଞ୍ଜାମ ଜିଲ୍ଲାରେ ୫.୮୫ ଲକ୍ଷ ଅଧିକ ଖାତା ଖୋଲାଯାଇଛି । ଏହା ବ୍ୟତିତ ଯୋଜନା ଅଧିନରେ ରୁପେ କାର୍ଡ, ପେନସନ ଓ ଜୀବନ ବୀମା ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି । ଘରକୁ ଘର ଯାଇ ଜନ ଧନ ଖାତା ଖୋଲିବା ପାଇଁ ସୁବିଧା କରାଯାଇଥିବା ସେ କହିଛନ୍ତି । ଏଥିରେ ଅନ୍ୟତମ ଅତିଥି ଭାବେ ଅଂଶଗ୍ରହଣ କରି ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ଶାଖା ମୁଖ୍ୟ ପ୍ରବନ୍ଧକ ଶ୍ରୀ ଶ୍ରୀକାନ୍ତ କୁମାର ବେହେରା କହିଥିଲେ ଯେ, ଗ୍ରାମାଂଚଳରେ ଜନ ଧନ ଖାତା ଖୋଲିବା ପାଇଁ ଜନସେବା କେନ୍ଦ୍ରମାନ ଖୋଲାଯାଇଛି । ଅତି ଜରୁରୀ ଆବଶ୍ୟକତା ମେଂଟାଇବା ପାଇଁ ଜନ ଧନ ଖାତାଧାରୀମାନଙ୍କୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଓଭର ଡ୍ରାଫ୍ଟ ସୁବିଧା ମଧ୍ୟ ପ୍ରଦାନ କରାଯାଇଛି । ଦୁର୍ଘଟଣା ଜନିତ ପ୍ରାଣହାନୀ ପାଇଁ ଜନ ଧନ ଖାତାଧାରୀଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି । କରୋନା ମହାମାରୀ କାଳରେ ମହିଳା ଜନ ଧନ ଆକାଉଣ୍ଟଧାରୀଙ୍କୁ ମାସକୁ ୫୦୦ ଟଙ୍କା ଲେଖାଏଁ ମଧ୍ୟ ଦିଆଯାଇଛି ବୋଲି ସେ କହିଥିଲେ । ୱେବିନାର ଅଧ୍ୟକ୍ଷ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଓଡିଶା ଓ ବିହାର ପ୍ରାନ୍ତର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଶୈଳେଶ କୁମାର ମାଲବ୍ୟ ହିତାଧିକାରୀମାନଙ୍କୁ ଶୀଘ୍ର ଟଙ୍କା ପଠାଇବା ସହ ଦୁର୍ନୀତି ରୋକିବାରେ ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ବେଶ ସହାୟକ ହୋଇଛି ବୋଲି କହିଥିଲେ । ଆରଓବି ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ମଣିଷ ଜୀବନ ଜୀବିକା ସହ ଓତଃପ୍ରୋତଃ ଭାବେ ଜଡିତ ଥିବାରୁ ଏହି ଯୋଜନା ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ବିଶେଷକରି ଗ୍ରାମାଂଚଳରେ ସେମାନଙ୍କ ଆଶା ଆକାଂକ୍ଷା ପୁରଣ ଦିଗରେ ମଧ୍ୟ ସହାୟକ ହୋଇଛି ବୋଲି କହିଥିଲେ । ସରପଂଚ, ବିଭିନ୍ନ ଖାଉଟୀ ମହାସଂଘର ସଭ୍ୟ ଓ ବୁଦ୍ଧିଜୀବିମାନେ ଏହି ୱେବିନାରରେ ଅଂଶଗ୍ରହଣ କରି ସେମାନଙ୍କ ମତାମତ ରଖିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଜାରରେ ମିଳିବ ...

ଉପଲବ୍ଧ ହେବ। ଯେଉଁଠାରେ ଡାକ୍ତରଖାନା କିମ୍ବା ନର୍ସିଂହୋମରେ ଘରୋଇ ଖୁଚୁରା ଔଷଧ ଦୋକାନ ନଥିବ, ସେଠାରେ ଡ୍ରଗ ଇନ୍ସପେକ୍ଟରଙ୍କ ଦ୍ୱାରା ଚିହ୍ନିତ ଔଷଧ ଦୋକାନରେ ଏହି ଔଷଧ ଉପଲବ୍ଧ ହେବ। ତେବେ ଔଷଧର ଦାମ ନେଇ ଡ୍ରଗ କଣ୍ଟ୍ରୋଲ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ମାମିନା ପଟ୍ଟନାୟକ କହିଛନ୍ତି ଯେ ବର୍ତ୍ତମାନ ଫେଭିପିରାଭିର୍ ଔଷଧ ବିଭିନ୍ନ ଦାମରେ ସ୍ୱୀକୃତିପ୍ରାପ୍ତ ମେଡିକାଲ ଷ୍ଟୋରରେ ଉପଲବ୍ଧ ହେବ। ଗ୍ଲେନମାର୍କ, ଆଲକେମ, ଲୁପିନ ଓ ସନଫାର୍ମା ପରି ଔଷଧ ନିର୍ମାତା କମ୍ପାନୀମାନେ ବିଭିନ୍ନ ଦରରେ ଏହାକୁ ବଜାରରେ ଉପଲବ୍ଧ କରାଉଛନ୍ତି। ଗ୍ଲେନମାର୍କ ଦ୍ୱାରା ପ୍ରସ୍ତୁତ ଫେଭିପିରାଭିର୍ ଟାବ୍ଲେଟର ପ୍ରଥମ ଲଟ୍‌ରେ ବଜାର ମୂଲ୍ୟ ଟାବ୍ଲେଟ(୨୦୦ ମିଲିଗ୍ରାମ) ପ୍ରତି ୬୫ ଟଙ୍କା ଥିବାବେଳେ ଦ୍ୱିତୀୟ ଲଟ୍‌ରେ ଏହା ୩୫ ଟଙ୍କାରେ ଉବଲବ୍ଧ ହେବ। ସେହିପରି ଆଲ୍‌କେମ୍ କମ୍ପାନୀର ଦ୍ୱାରା ପ୍ରସ୍ତୁତ ଟାବ୍ଲେଟର ଦାମ୍ ୭୨ ଟଙ୍କା ରଖାଯାଇଥିବା ବେଳେ ଲୁପିନ ଦ୍ୱାରା ପ୍ରସ୍ତୁତ ଟାବ୍ଲେଟ ଗୋଟାକୁ ୪୯ ଟଙ୍କାରେ ବିକ୍ରି କରାଯିବ ବୋଲି ଶ୍ରୀମତି ପଟ୍ଟନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ କେବଳ କୋଭିଡ ହସ୍ପିଟାଲ ଏବଂ ସରକାରଙ୍କଠାରୁ କରୋନା ଚିକିତ୍ସା ପାଇଁ ସ୍ୱୀକୃତିପ୍ରାପ୍ତ ଘରୋଇ ହସ୍ପିଟାଲରେ ଉପରୋକ୍ତ ମେଡିସିନର ବ୍ୟବହାର କରାଯାଉଥିଲା। ତେବେ କୋଭିଡ ହସ୍ପିଟାଲରେ ବେଡ ଅଭାବ ଏବଂ ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ସାଧାରଣରେ ଉପରୋକ୍ତ ଔଷଧ ବିକ୍ରି ପାଇଁ ଡିସିଜିଆଇ ଅନୁମତି ଦେଇଥିବା ବେଳେ ଏହାକୁ ରାଜ୍ୟ ସରକାର ଲାଗୁ କରିଛନ୍ତି ବୋଲି ଶ୍ରୀମତି ପଟ୍ଟନାୟକ କହିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ କରୋନା ଆକ୍ରାନ୍ତଙ୍କୁ ଠିକ୍ ସମୟରେ ଚିକିତ୍ସା କରିବାରେ ଏହା ବେଶ୍ ସହାୟକ ହେବ ବୋଲି କୁହାଯାଇଛି। ଯେ କୌଣସି ବ୍ୟକ୍ତି ଜ୍ୱର, ଥଣ୍ଡା, କାଶ କିମ୍ବା କରୋନା ଲକ୍ଷଣ ଦେଖା ଦେଲେ କିମ୍ବା କରୋନା ଆକ୍ରାନ୍ତ ଚିହ୍ନଟ ହେଲେ ଘରେ ରହି ଏହି ଔଷଧ ଖାଇପାରିବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି।

### ବ୍ରହ୍ମପୁର ହେବ ...

ମୁଖ୍ୟମନ୍ତ୍ରୀ କହିଥିଲେ, ଦକ୍ଷିଣ ଓଡ଼ିଶାରେ ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଏବଂ କମର୍ସିଆଲ୍ ହବ୍‌ରେ ବ୍ରହ୍ମପୁର ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସରକାରଙ୍କ ସ୍ୱତନ୍ତ୍ର ଫୋକସ୍ ପାଇବାକୁ ଏହା ଯୋଗ୍ୟ। ଏକ ଆଧୁନିକ ସହର ଭାବେ ବ୍ରହ୍ମପୁରକୁ ପରିବର୍ତ୍ତନ କରିବା ପାଇଁ ଅନେକଗୁଡ଼ିକ ପଦକ୍ଷେପ ନିଆଯାଉଛି। ଇଞ୍ଜିନିୟରିଂ ସ୍କୁଲ ଛକ-ଲାଞ୍ଜିପଲ୍ଲୀ ରେଳ ଓଭର ବ୍ରିଜ୍ ନିର୍ମାଣ ପାଇଁ ୨୦୧୫ରେ ୨୭କୋଟି ୪୨ଲକ୍ଷ ଟଙ୍କା ଖର୍ଚ୍ଚ ବ୍ୟୟରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ଖର୍ଚ୍ଚ ମିଶାଇ ମୋଟ୍ ୪୩କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ବ୍ୟୟବହୁଳ ରେଳ ଓଭରବ୍ରିଜ୍ ଜିଲାବାସୀଙ୍କ ଆଶା ଆକାଂକ୍ଷାକୁ ପୂରା କରିବ ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। ସେହିପରି ଦିଗପହଣ୍ଡିର କପା ପ୍ରକ୍ରିୟାକରଣ କଳ ୧୦୦କୁଶଳୀ ଏବଂ ଅଣକୁଶଳୀ ଶ୍ରମିକଙ୍କୁ ନିଯୁକ୍ତି ଦେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। କୋଭିଡ୍ ସ୍ଥିତିରେ ଗଞ୍ଜାମ ଧୀରେ ଧୀରେ ସ୍ୱାଭାବିକ ଅବସ୍ଥାକୁ ଫେରୁଛି। କିନ୍ତୁ ଏପର୍ଯ୍ୟନ୍ତ ବିପଦ ଟଳିନି। ତେଣୁ ସମସ୍ତେ ସତର୍କ ରହିବା ସହ କୋଭିଡ୍ ଗାଇଡ୍‌ଲାଇନ୍‌କୁ ଯୁଦ୍ଧ ଶେଷ ହେବା ପର୍ଯ୍ୟନ୍ତ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ଅପିଲ୍ କରିଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଖଣି ଏବଂ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମହାମାରୀ ସମୟରେ ଅର୍ଥନୈତିକ କାର୍ଯ୍ୟକଳାପକୁ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। ଇଞ୍ଜିନିୟରିଂ ସ୍କୁଲ ଛକ ଠାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ, ବ୍ରହ୍ମପୁର ଉପଜିଲ୍ଲାପାଳ ସିନ୍ଧେ ଦତାତ୍ରୟ ଭାଉସାହେବ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱର ଠାରେ ୫-ଟି ସଚିବ ଭି.କେ ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଢେଙ୍କାନାଳରୁ ଭିଡିଓ କନ୍‌ଫେରେନ୍ସିଂ ଜରିଆରେ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ଭୁବନେଶ୍ୱରରୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଡ଼ି ହୋଇଥିଲେ। ଜିଲ୍ଲାପାଳ ଶ୍ରୀ କୁଲାଙ୍ଗେ ସ୍ୱାଗତ ଭାଷଣ ଦେଇଥିଲେ। ସୂଚନାଥାଉକି, ଦିଗପହଣ୍ଡିରେ ପିପିପି ମୋଡରେ ୨.୧୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା କପା ପ୍ରକ୍ରିୟାକରଣ କଳ ଦ୍ୱାରା ଗଞ୍ଜାମର ୭ରୁ ଅଧିକ ବ୍ଲକ୍ ଯଥା ଦିଗପହଣ୍ଡି, ଧାରାକୋଟ, ସେରଗଡ଼, ପାତ୍ରପୁର, ଜଗନ୍ନାଥ ପ୍ରସାଦ, ଭଞ୍ଜନଗର, ସାନଖେମୁଣ୍ଡିର କପା ଚାଷୀ ଉପକୃତ ହେବେ। ଏହାସହ ପ୍ରତ୍ୟକ୍ଷ ଭାବେ ୧୦୦ଜଣ କୁଶଳୀ ଓ ଅଣକୁଶଳୀ ଶ୍ରମିକ କାମ କରିବେ। ଏହି କପା କଳରୁ ଦୈନିକ ୫୦କ୍ୱିଣ୍ଟାଲ କପା ଉତ୍ପାଦନ ପାଇଁ ଲକ୍ଷ୍ୟ ରହିଛି। ସେହିପରି ଏହି ରେଳ ଓଭରବ୍ରିଜ୍ ଦ୍ୱାରା ୪୦ହଜାରରୁ ଅଧିକ ଲୋକେ ଉପକୃତ ହୋଇପାରିବେ ବୋଲି ସାଂସଦ ଚନ୍ଦ୍ରଶେଖର ସାହୁ କହିବା ସହ ଏହି ମହାମାରୀ ସମୟରେ ମୁଖ୍ୟମନ୍ତ୍ରୀ ସହରବାସୀଙ୍କୁ ଦେଇଥିବା ଭେଟି ଯୋଗୁ ସହରବାସୀଙ୍କ ତରଫରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିବା କହିଥିଲେ। କାର୍ଯ୍ୟକ୍ରମରେ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଦାରୋ, ଜିଲ୍ଲା କୋଭିଡ୍ ପରିଚାଳନା ଦାୟିତ୍ୱରେ ଥିବା ଆଇଏସ୍ କୀର୍ତ୍ତିଭାସନ, ପୂର୍ତ୍ତ ବିଭାଗ ଅଧିକ୍ଷଣଯନ୍ତ୍ରୀ ତୁଷାରକାନ୍ତ ପଣ୍ଡା, ନିର୍ବାହୀଯନ୍ତ୍ରୀ ତପନ ପାଣିଗ୍ରାହୀଙ୍କ ସମେତ ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ମହିଳା ସଭାନେତ୍ରୀ ସଂଘମିତ୍ରା ଦଳାଇ, ତ୍ରମ୍ବନାଥ ପଣ୍ଡା, ବନମାଳୀ ସେଠୀ, ମୁକୁନ୍ଦ ଗୌଡ଼, ଆର୍.ମୂରଲୀମୋହନଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ବନ୍ୟା ସହାୟତା ...

ଦେବାକୁ ତୁରନ୍ତ ପଦକ୍ଷେପ ନିଆଯାଇଛି। ପ୍ରମାଣୀକୃତ ଗୁଣାତ୍ମକ ବିହନ ଉପରେ ଚାଷୀଙ୍କୁ ସ୍ୱତନ୍ତ୍ର ସହାୟତା ମାଧ୍ୟମରେ ସର୍ବାଧିକ ୭୫% ସବସିଡି ଯୋଗାଇ ଦିଆଯିବ। ବନ୍ୟା କ୍ଷତିଗ୍ରସ୍ତ ଜିଲ୍ଲାରେ ପ୍ରାୟ ୧୦ କୋଟି ଟଙ୍କାର ଚାଷ ଯନ୍ତ୍ରାଂଶ ଉପରେ ସବସିଡି ଦିଆଯିବ। ୧ ଲକ୍ଷ ଚାଷୀଙ୍କୁ ପନିପରିବା କିଟ୍ ଯୋଗାଇ ଦିଆଯିବ। ପ୍ରତ୍ୟେକ କିଟ୍‌ର ଦାମ ୧୩୦ ଟଙ୍କା ରଖାଯାଇଛି। ସେହିପରି ପ୍ରଭାବିତ ଜିଲ୍ଲାର ୭୫ ହଜାର ଚାଷୀଙ୍କୁ ଅମୃତଭଣ୍ଡା, କଦଳୀ ଓ ସଜନା ଛୁଇଁ ସମେତ ୧୦ଟି ଶୀଘ୍ର ଉତ୍ପାଦନ ହେଉଥିବା ଫଳ କିଟ୍ (ପ୍ରତ୍ୟେକ କିଟ୍ ୧୬୦ ଟଙ୍କା ଲେଖାଏଁ) ଯୋଗାଇ ଦିଆଯିବ। ଏହାସହିତ ଛତୁ ଚାଷୀଙ୍କୁ ନିଜର କ୍ଷତିଗ୍ରସ୍ତ ଚାଷ ପାଇଁ ୟୁନିଟ୍ ପିଛା ୫୦୦ ଟଙ୍କା ଯୋଗାଇ ଦିଆଯିବ। ପ୍ରାୟ ୧୦ ହଜାର ଛତୁ ୟୁନିଟ୍‌କୁ ସହାୟତା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଏସବୁ ବ୍ୟତୀତ ୩୩%ରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀଙ୍କୁ ସ୍ୱଳ୍ପ ମିଆଦୀ ଖରିଫ ଋଣକୁ ମଧ୍ୟମ ମିଆଦୀ ଋଣରେ ପରିବର୍ତ୍ତନ କରାଯିବ। ଏହି ସ୍ୱଳ୍ପ ମିଆଦୀ ଖରିଫ ଋଣର ପରିଶୋଧ ଅବଧିକୁ ୨୦୨୨ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କ୍ଷତିଗ୍ରସ୍ତ ଚାଷୀ ରବି ଋତୁ ଆରମ୍ଭରେ ପୁଣିଥରେ ଚାଷ ପାଇଁ ଋଣ ନେଇପାରିବେ। ସେହିପରି ଦୁହାଁଳିଆ ଗାଈ ଓ ମଇଁଷି ପ୍ରାଣ ହରାଇଥିଲେ ୩୦ ହଜାର ଟଙ୍କା (ପ୍ରତ୍ୟେକ), ବଳଦ ପିଛା ୨୫ ହଜାର ଟଙ୍କା (ସର୍ବାଧିକ ୩ଟି), ବାଛୁରୀ ପାଇଁ ୧୬ ହଜାର ଟଙ୍କା (ସର୍ବାଧିକ ୬ଟି), ଛେଳି ପାଇଁ ୩ ହଜାର ଟଙ୍କା (ସର୍ବାଧିକ ୩୦ଟି ଛେଳି) ଓ କୁଉଡା ପାଇଁ ୫୦ ଟଙ୍କା (ସର୍ବାଧିକ ୫ ହଜାର ଟଙ୍କା) ସହାୟତା ମିଳିବ। ସେହିପରି କ୍ଷତିଗ୍ରସ୍ତ ମାଛ ଚାଷୀଙ୍କୁ ସେମାନଙ୍କର ମାଛ ପୋଖରୀ ମରାମତି ନିମନ୍ତେ ହେକ୍ଟର ପିଛା ୧୨୨୦୦ ଟଙ୍କା ଆର୍ଥିକ ସହାୟତା ମିଳିବ। ମାଛ ଚାଷୀଙ୍କୁ ମଧ୍ୟ ସରକାର ହେକ୍ଟର ପିଛା ୮୨୦୦ ଟଙ୍କାର ଇନପୁଟ୍ ସବସିଡି ମଧ୍ୟ ଦେବେ। ଏସବୁ ବ୍ୟତୀତ ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ବୁଣାକାରଙ୍କୁ ଉପକରଣ ବା ଯନ୍ତ୍ରାଂଶ ନିମନ୍ତେ ୪୧୦୦ ଟଙ୍କାର ସହାୟତା ଓ କଞ୍ଚାମାଲ ପାଇଁ ୪୧୦୦ ଟଙ୍କାର ସହାୟତା ଦିଆଯିବ। ସେହିପରି ବନ୍ୟାଞ୍ଚଳରେ ବନ୍ୟା ପାଣି ଛାଡିବା ପରେ ମନରେଗା ଯୋଜନାରେ ବ୍ୟାପକ କାମ ଆରମ୍ଭ କରାଯିବ। ଏଥିରେ ପଞ୍ଚାୟତ ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ, ଖେଳପଡିଆ, କେନାଲ, ମାଟି ବନ୍ଧ, ଛେଳି ରହିବା ଘର, ଗୁହାଳ ଆଦି ନିର୍ମାଣ ଉପରେ ଫୋକସ୍ ଦିଆଯିବ ବୋଲି ଏହି ପ୍ୟାକେଜରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ, ଗତମାସରେ ଆସିଥିବା ବନ୍ୟାରେ ରାଜ୍ୟର ୨୦ଟି ଜିଲ୍ଲା ପ୍ରଭାବିତ ହୋଇଛନ୍ତି।

### ଓଡ଼ିଶାରେ ଲାଗୁ ହେଉ ...

ସ୍ୱାସ୍ଥ୍ୟ ଭିତ୍ତିଭୂମି ତିଆରି କରିବ। ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ ଦୂରଦୃଷ୍ଟିରେ ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଆଇଡି(ୟୁଏଚ୍‌ଆଇଡି) ମାଧ୍ୟମରେ ଇ-ଗଭର୍ଣ୍ଣାନ୍ସରେ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ନୂଆ ସ୍ତରକୁ ନେଇଯିବ। ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଆଇଡି ଦ୍ୱାରା ଦେଶର ପ୍ରତ୍ୟେକ ନାଗରିକମାନେ ସବୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଯଥା ମେଡିକାଲ ପରୀକ୍ଷା, ପୂର୍ବ ଔଷଧୀୟ ସୂଚି, ରୋଗ ନିରାକରଣ, ଚିକିତ୍ସା ଉପଚାର, ସବୁ ସ୍ୱାସ୍ଥ୍ୟସେବା ରେକର୍ଡର ସୁବିଧା ଇତ୍ୟାଦି ପାଇପାରିବେ। ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଆଇଡି ମାଧ୍ୟମରେ ଦେଶର ଲୋକମାନେ ଯେକୌଣସି ସ୍ଥାନରେ ଡାକ୍ତରଙ୍କୁ ଖୋଜି ପାଇପାରିବେ, ସେମାନଙ୍କ ଠାରୁ ସାକ୍ଷାତକାର୍ କରିବା ପାଇଁ ସମୟ ନେଇପାରିବେ, ପେମେଣ୍ଟ୍ କରିପାରିବେ, ପ୍ରେସ୍କ୍ରିପସନ୍‌କୁ ନେଇ ଡାକ୍ତରଙ୍କ ପରାମର୍ଶ ନେବା ସହ ଦେଖା ମଧ୍ୟ କରିପାରିବେ। ଏହା ଦ୍ୱାରା ସମସ୍ତେ ଟେକ୍ନୋଲୋଜି ମାଧ୍ୟମରେ ଉନ୍ନତରୁ ଉନ୍ନତମାନର ସ୍ୱାସ୍ଥ୍ୟସେବାର ଲାଭ ପାଇପାରିବେ। ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ନୂଆ ବିପ୍ଳବ ଆଣିବ ଓ ଏଥିରେ ସ୍ୱାସ୍ଥ୍ୟସେବା ପାଇବାରେ ସମସ୍ୟାର ସାମ୍ନା କରୁଥିବା ବ୍ୟକ୍ତିମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବାରେ ଟେକ୍ନୋଲୋଜି ଅଗ୍ରଣୀ ଭୂମିକା ଗ୍ରହଣ କରିବ। ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ କେବଳ ଦେଶରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ଦକ୍ଷତା, କାର୍ଯ୍ୟକାରିତା ଏବଂ ସ୍ୱଚ୍ଛତାକୁ ଉନ୍ନତ କରିବ ନାହିଁ ବରଂ ଆର୍ଥିକ ସଂକଟରୁ ରକ୍ଷା କରିବ। ଏହାସହ ଜାତି ସଂଘର ସଷ୍ଟେନେବୁଲ୍ ଡେଭଲପମେଣ୍ଟ୍ ଗୋଲ ୩.୮ରେ ସୂଚିତ ଥିବା ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା ଦିଗରେ ମଧ୍ୟ ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ ଅଗ୍ରସର ହେବ। ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି 'ସୁସ୍ଥ ଭାରତ' ଦ୍ୱାରା ଆତ୍ମନିର୍ଭର ଭାରତର ନିର୍ମାଣ ହେଉ; ବିଶେଷ ଭାବରେ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ପାଇଁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଆମ ସମସ୍ତଙ୍କ କଳ୍ପନା ରହିଛି। ସାମ୍ପ୍ରତିକ ସମୟରେ କୋଭିଡ-୧୯ ମହାମାରୀରେ ବାହାରେ କାମ କରୁଥିବା ଲୋକମାନେ ସାମାଜିକ କଲ୍ୟାଣକାରୀ ଯୋଜନା ପାଇବାରେ ଅସୁବିଧା ଭୋଗୁଛନ୍ତି। ଦେଶବ୍ୟାପୀ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ପରିଚୟ ପ୍ରବାସୀ ତଥା ବାହାରେ କାମ କରୁଥିବା ଲୋକଙ୍କୁ ଲାଭ ଦେବ। ଏହାଦ୍ୱାରା ସ୍ୱାସ୍ଥ୍ୟସେବା ପାଉନଥିବା ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକମାନେ ମଧ୍ୟ କମ୍ ମୂଲ୍ୟରେ ଉତ୍ତମ ସ୍ୱାସ୍ଥ୍ୟସେବାର ସୁବିଧା ପାଇପାରିବେ। ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଥିବା ସଂସ୍ଥାକୁ ମଧ୍ୟ ସଶକ୍ତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ବିଭାଗ (ଏନ୍‌ଏଚ୍‌ଏ) ଦ୍ୱାରା ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନକୁ ବିକଶିତ କରାଯାଇଛି। ଏହାକୁ କେନ୍ଦ୍ରଶାସିତ ଅଞ୍ଚଳ ଯଥା ଚଣ୍ଡିଗଡ଼, ଲଦାଖ, ଦାଦ୍ରା ଏବଂ ନଗରହାବେଳି, ଡାମନ ଏବଂ ଡିଉ, ପୁଡୁଚେରି, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ଲାକ୍ଷାଦୀପରେ ପାଇଲଟ୍ ମୋଡ୍‌ରେ ଲାଗୁ କରାଯାଉଛି। ରାଜ୍ୟରେ ଆୟୁଷ୍ମାନ ଭାରତ - ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗୁ କରାଗଲେ ଜାତୀୟ ଡିଜିଟାଲ୍ ସ୍ୱାସ୍ଥ୍ୟ ମିଶନ ସ୍ୱାସ୍ଥ୍ୟସେବା ଅଧିକରୁ ଅଧିକ ଲୋକଙ୍କୁ ଲାଭ ଦେବ। ପ୍ରଧାନମନ୍ତ୍ରୀଙ୍କ କହିବାନୁଯାୟୀ ଆୟୁଷ୍ମାନ ଭାରତ ବିଶ୍ୱର ସର୍ବବୃହତମ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଏବଂ ଗରିବଙ୍କ ପାଇଁ ସୁଯୋଗ ଓ ଗେମ୍ ଚେଞ୍ଜର ହେବ। ଏହି ଯୋଜନାରେ ଓଡ଼ିଶାର ୬୦ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ସମେତ ଦେଶର ୫୦ କୋଟି ହିତାଧିକାରୀଙ୍କୁ ଅନ୍ତର୍ଭୂକ୍ତ କରିବାର ଯୋଜନା ରହିଛି। ଶ୍ରୀ ପ୍ରଧାନ ଏବଂ ଓଡ଼ିଶାର ଜନପ୍ରତିନିଧି ମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ପୂର୍ବରୁ ଅନୁରୋଧ କରିଥିଲେ। ତେଣୁ ଏହି ଯୋଜନାକୁ ରାଜ୍ୟରେ ଲାଗୁ କରିବା ସହ ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନକୁ ଲାଗୁ କରିବା ପାଇଁ ସମର୍ଥନ ଦେବାକୁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମ ଲାଗୁ ହେଲେ ଓଡ଼ିଶାର ଲୋକମାନେ ସଠିକ୍ ସମୟରେ କମ୍ ମୂଲ୍ୟରେ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି।

### ଅର୍ଦ୍ଧନିର୍ମିତ ଗୃହକୁ ...

ସେଠାରେ କିଛି ଉଦ୍ୟମି ଯୁବକଙ୍କ ପ୍ରଚେଷ୍ଟାରେ ଏକ ଅସ୍ଥାୟୀ ବିଶ୍ରମାଗାର ନିର୍ମାଣ କରାଯାଇଛି । ବୋଡ଼କମହାଜୀବ ଛକରେ ଥିବା ବିଶ୍ରାମାଗାର ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି । ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ଏହା ନିର୍ମାଣ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇପାରି ନାହିଁ । ଅର୍ଥଶ୍ରାଦ୍ଧ କେବଳ ସାର ହୋଇଛି । ଅର୍ଦ୍ଧ ନିର୍ମିତ ଗୃହକୁ ନେଇ ସର୍ବଦା ଯାତ୍ରୀମାନେ ଚିନ୍ତାରେ ରହୁଛନ୍ତି । ବିଶ୍ରାମାଗାର ଗୁଡ଼ିକ କୌଣସି ସମୟରେ କୌଣସି ଯାତ୍ରୀଙ୍କ କାର୍ଯ୍ୟରେ ଲାଗିପାରୁ ନାହିଁ । କେବଳ ସଂଧ୍ୟା ପରେ ମଦ୍ୟପ ତଥା ଅସାମାଜିକ ଲୋକଙ୍କ ଏଠାରେ ଆଡ୍ଡା ଜମୁଥିବାର ପରିଲକ୍ଷିତ ହେଉଛି । ଯାତ୍ରୀମାନଙ୍କ ସୁବିଧା ପାଇଁ ବିଶ୍ରାମାଗାର ଗୁଡିକୁ ସୁବ୍ୟବହାର କରାଯିବାକୁ ସ୍ଥାନୀୟ ଲୋକମାନଙ୍କ ପକ୍ଷରୁ ଦାବି ହେଉଛି।

# ସରକାରୀ ନିୟମ ଅଛି, ହେଲେ ମାନୁଛି କିଏ ?

### ବିଦ୍ୟାଳୟ ମାନଙ୍କରେ ବର୍ଷ ବର୍ଷ ଧରି ଅଧିଆ ପଡି ରହୁଛନ୍ତି ଶିକ୍ଷକ

**ଜଗତସିଂହପୁର :** ସରକାରି ନିୟମ ଅଛି କିନ୍ତୁ ଜଗତସିଂହପୁର ଜିଲ୍ଲା ର ସବୁ ବିଦ୍ୟାଳୟ ମାନଙ୍କରେ ଏହା କାର୍ଯ୍ୟକାରି ହେଉନାହିଁ। ଦିର୍ଘ ବର୍ଷ ଧରି ଗୋଟିଏ ଗୋଟିଏ ବିଦ୍ୟାଳୟମାନଙ୍କ ରେ ବା ଏକ ପଞ୍ଚାୟତ ଅର୍ନ୍ତଗତ ବିଦ୍ୟାଳୟମାନଙ୍କ ରେ ସ୍ୱାମି ଓ ସ୍ତ୍ରୀ ମଧ୍ୟ ରହୁଥିବାର ଦେଖିବାକୁ ମିଳୁଛି। ଏପରିକି ରାଜନୈତିକ ପତିଆରା ବଳରେ ଦୁଇବର୍ଷ ଧରି ରହିନଥିବା ଶିକ୍ଷକ ମାନଙ୍କର ଅନ୍ୟତ୍ର ବଦଳି ହେଉଥିବା ବେଳେ ଗୋଟିଏ ଗୋଟିଏ ସ୍କୁଲ ମାନଙ୍କ ରେ ୧୭-୧୮ବର୍ଷ ଧରି ଶିକ୍ଷକ ମାନେ ଅଧିଆ ପଡିରହୁଥିବାବେଳେ ସେମାନଙ୍କ ବଦଳି ନହେବାକୁ ନେଇ ସବୁଆଡେ ଚର୍ଚ୍ଚା ମଧ୍ୟ ହେଉଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ରେ ଦିର୍ଘବର୍ଷଧରି ପଡିରହିଥିବା କିଛି ବାହୁବଳି କିରାଣୀ ଓ ଶିକ୍ଷକ ମାନଙ୍କ ପକ୍ଷପାତିତାକୁ ନେଇ ବଦଳି ନହେବାର କାରଣ ବୋଲି କିଛି ଶିକ୍ଷକ କହୁଥିଲେ ବି ନାମ ପ୍ରକାଶ କରୁନାହାନ୍ତି। ସରକାରି ନିୟମ ଅନୁସାରେ ଜଣେ ଜଣେ ଶିକ୍ଷକ ବା ଶିକ୍ଷୟତ୍ରୀ ଗୋଟିଏ ବିଦ୍ୟାଳୟରେ ୬ ବର୍ଷ ଧରି ରହିବାପରେ ବଦଳିହେବା କଥା କିନ୍ତୁ କେଉଁଥିପାଇଁ ଅନ୍ୟତ୍ର ବଦଳି କରାଯାଉନାହିଁ ତାହା ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଭାବମୂର୍ତ୍ତୀ ଉପରେ ଅଙ୍କୁଶ ଲାଗିଲାପରି ମନେହେଉଛି। ଏପରିକି ଗୋଟିଏ ଗୋଟିଏ ବିଦ୍ୟାଳୟ ମାନଙ୍କରେ ଜଣେ ଜଣେ ପି.ଇ.ଟି ଶିକ୍ଷକ ଏନ୍. ସି. ସି. ଦାୟିତ୍ୱ ରେ ଥିବାରୁ ବର୍ଷ ବର୍ଷ ଧରି ଆସ୍ଥାନ ଜମାଇ ରହିଥିବାରୁ ନିଜକୁ ବିଦ୍ୟାଳୟ ର ସର୍ବେ ସର୍ବା ପାଲଟିଯାଇ ନିଜର ପକେଟ ସବୁ ଗରମ କରି ଚାଲିଛନ୍ତି। ଏମାନଙ୍କ ବିରୁଦ୍ଧ ରେ ବହୁ ଅଭିଯୋଗ ହେଉଥିଲେବି ତା କାର୍ଯ୍ୟକାରି କରାଯାଉ ନାହିଁ। ସରକାର ଯୋଜନା ସବୁ ଆରମ୍ଭ କରି ୫-ଟି ଲଗାଇଥିଲେବି ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାସ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଗ୍ରସ୍ତ କରି ଶିକ୍ଷକ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ଜଗତସିଂହପୁର ଜିଲ୍ଲା ତାଙ୍କ ନଜର କୁ ନଆସିଲା ପରି ମନେ ହେଉଛି। ବିଭାଗୀୟ ମନ୍ତ୍ରୀ ଓ ସଚିବ ଜିଲ୍ଲା ଗ୍ରସ୍ତ କରି ଅରାଜକତା ଚଳାଇଥିବା ଶିକ୍ଷକ ମାନେ କେତେବର୍ଷ ଧରି କେଉଁ ବିଦ୍ୟାଳୟ ମାନଙ୍କରେ ଗାଦି ମାଡିବସିଛନ୍ତି ତାର ଅନୁଧ୍ୟାନ କରି ଏଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ହାତୀଆ ପାହାଡ଼ ନିଲାମ ବନ୍ଦ କରିବା ପାଇଁ ଦାବି

**ଖୋର୍ଦ୍ଧା :** ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଧିନରେ ଥିବା ହାତୀଆ କ, ଖ ଏବଂ ଗ ପାହାଡ଼ଟି ଏକ ଐତିହ୍ୟ ପାହାଡ଼ ହୋଇଥିବା ବେଳେ ଏହାର ମୁକ ସାକ୍ଷୀ ତାପଙ୍ଗ ଗ୍ରାମରେ ଥିବା ହାତୀଆଣୀ ଠାକୁରାଣୀଙ୍କ ମନ୍ଦିର। ତେଣୁ ନିଲାମ ଦିଆଯାଇଥିବା ହାତୀଆ ପାହାଡ଼ଟି ପୁନର୍ବାର ନିଲାମ ଦେବା ଦ୍ୱାରା ପାହାଡ଼ରେ ଥିବା ଔଷଧୀୟ ଗଛ ସହିତ ପାହାଡ଼ଟିର ସୌନ୍ଦର୍ଯ୍ୟ ନଷ୍ଟ ହେବ। ଏହି ପାହାଡ଼ଟିକୁ ଲାଗି ରହିଥିବା ଗ୍ରାମ୍ୟ ନିର୍ମାଣ ବିଭାଗର ରାସ୍ତା ଯେଉଁ ରାସ୍ତା ଦେଇ ଦୈନିକ ୨୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକମାନେ ଯାତାୟତ କରିଥାନ୍ତି। ଏହି ରାସ୍ତାଟି ତାପଙ୍ଗ ଛକ ଠାରୁ ମନ୍ଦାରବସ୍ତ ଦେଇ ପୁରୀ ପର୍ଯ୍ୟନ୍ତ ଲୋକମାନେ ଯିବା ଆସିବା କରନ୍ତି। ଏହି ରାସ୍ତା ଦେଇ ଯାତ୍ରୀବାହୀ ଘରୋଇ ବସ, ଆମ୍ବୁଲାନ୍ସ, ବିଦ୍ୟାଳୟ ଗୁଡ଼ିକର ବସ, ଯାତାୟତ କରିଥାଏ। ତେଣୁ ଏହି ପାହାଡ଼ଟିକୁ ନିଲାମ ଦିଆଗଲେ ଲୋକମାନେ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହିତ ବ୍ଲାଷ୍ଟିଂ ସମୟରେ ପଥର ଖଣ୍ଡମାନ ପଡ଼ି ପାହାଡ଼ର ଆଖ ପାଖ ଅଞ୍ଚଳରେ ଥିବା ଚାଷ ଜମି ଗୁଡ଼ିକ ନଷ୍ଟ ହୁଏ। ତାପଙ୍ଗ ଗ୍ରାମରୁ ହାତୀଆ ପାହାଡ଼ଟି ଏକ କିଲୋମିଟର ଦୂର ହୋଇଥିବା ବେଳେ ଗ୍ରାମରେ ଥିବା ଗୃହପାଳିତ ପଶୁ ଯଥା-ଗାଈ ଗୋରୁ, ଛେଳି ମେଣ୍ଢା ଏହି ପାହାଡ଼ ନିକଟରେ ଚରାବୁଲା କରନ୍ତି। ମାତ୍ର ଏହି ପାହାଡ଼ଟିରୁ ପଥର ଖନନ ସମୟରେ ବ୍ଲାଷ୍ଟିଂ କରିବା ଦ୍ୱାରା ସେମାନଙ୍କ ଦେହରେ ପଥର ଖଣ୍ଡମାନ ବାଜି ଅକାଳ ମୃତ୍ୟୁ ବରଣ କରିବା ସହିତ ଆଖ ପାଖରେ ଥିବା ଘର ଗୁଡ଼ିକର କାନ୍ଥ ଗୁଡ଼ିକ ବ୍ଲାଷ୍ଟିଂ ଦ୍ୱାରା ଫାଟ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ଏହି ପାହାଡ଼ର ବ୍ଲାଷ୍ଟିଂ ସମୟରେ ଉଡୁଥିବା ଧୂଳି କଣା ଗୁଡ଼ିକ ଲୋକମାନେ ନିଶ୍ୱାସ ପ୍ରଶ୍ୱାସ ନେବା ସମୟରେ ଦେହ ଭିତରକୁ ଯିବା ଦ୍ୱାରା ଯକ୍ଷ୍ମା,ଶ୍ୱାସ, କ୍ୟାନସର ଏବଂ ହୃଦରୋଗ ଭଳି ମାରାତ୍ମକ ରୋଗର ଏମାନେ ଶିକାର ହୋଇ ମୃତ୍ୟୁ ବରଣ କରିଥାନ୍ତି। ଏ ସମସ୍ତ ବିଷୟଗୁଡ଼ିକ ସମ୍ପର୍କରେ ବାରମ୍ବାର ପ୍ରଶାସନିକ ଅଧିକାରୀମାନଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ସ୍ଥାନୀୟ ଅଧିବାସୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପାହାଡ଼ଟିର ନିଲାମ ବନ୍ଦ କରିବା ନିମନ୍ତେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଦୁଇଟି ପୃଥକ ପୃଥକ ଜନ ସ୍ୱାର୍ଥ ମାମଲା ଯାହାର ନମ୍ବର ଡ଼ବ୍ଲୁ.ପି (ସି) ପି.ଆଇ.ଏଲ ସଂଖ୍ୟା-୭୯୩୯/ ୨୦୧୬ ମସିହାରେ ବିଚାରାଧିନ ଅଛି। ଉପରୋକ୍ତ ଘଟଣା ଗୁଡ଼ିକୁ ଦୃଷ୍ଟିରେ ରଖି ହାତିଆ ପାହାଡ଼ଟିକୁ ନିଲାମ ଦିଆଯିବା ନିମନ୍ତେ ସମ୍ମିଳିତ କର୍ମଜୀବି ସାମ୍ବାଦିକ ମହାସଂଘର ଖୋରଧା ଜିଲ୍ଲା ଶାଖା ସଭାପତି ପ୍ରକାଶ କୁମାର ହାତୀ ଲିଖିତ ଭାବରେ ଖୋରଧା ଜିଲ୍ଲାପାଳ ପ୍ରଶାସକ ପୁରୀ ଶ୍ରୀମନ୍ଦିର ପ୍ରଶାସନ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଉପଜିଲ୍ଲାପାଳ ଏବଂ ତହସିଲଦାର, ଖୋରଧାଙ୍କ ନିକଟରେ ତାପଙ୍ଗ ହାଇସ୍କୁଲ ଖେଳ ପଡ଼ିଆ ଠାରେ ଅନୁଷ୍ଠିତ ଏକ ଜନ ଶୁଣାଣି ଶିବିରରେ ଅଭିଯୋଗ ଦାଖଲ କରିଥିବା ଜଣାପଡ଼ିଛି।

# ଦଲାଲମାନଙ୍କ କବ୍‌ଜାରେ ଜଗତସିଂହପୁର ଆରଟିଓ ଅଫିସ୍



**ଜଗତ୍‌ସିଂହପୁର :** ରାଜ୍ୟରେ ନୁତନ ମୋଟରଯାନ ଆଇନଲାଗୁ ହେବା ପରଠାରୁ ଲୋକମାନଙ୍କ ମନରେ ଅତ୍ୟଧିକ ଫାଇନ ଦେବାରୁ ବଞ୍ଚିତ ହେବା ପାଇଁ ଆରଟିଓ ଅଫିସରେ ଲମ୍ବା ଲାଇନ ଲାଗି ରହିଥିବାରୁ ଦଲାଲ ମାନଙ୍କ ପାଦୁର୍ଭାବ ବଢିବଢି ଚାଲିଛି। ଏପରିକି ଅଫିସ କାର୍ଯ୍ୟାଳୟ ନିକଟରୁ କିଛିଦୂରରେ ଥିବା ଜେରକ୍ସ ଓ କମ୍ପୁଟର ଦୋକାନ ମାନଙ୍କରେ ଦଲାଲ ରାଜ ଦେଖିବାକୁ ମିଳୁଛି। ଏହି କାର୍ଯ୍ୟାଳୟରେ ଦୀର୍ଘ ଦିନ ଧରି ରହିଥିବା ଆରଟିଓ ଜଣଙ୍କ ସ୍ଥାନୀୟ ବାସିନ୍ଦା ହୋଇଥିବାରୁ ତାଙ୍କର ସହମତି ବଳରେ ଦଲାଲ ମାନଙ୍କର ରାତି ଅଧିଆ କାର୍ଯ୍ୟ ମଧ୍ୟ ଚାଲିଛି। ଲାଞ୍ଚ ନଦେଲେ ଡ୍ରାଇଭିଂ ଲାଇସେନ୍ସ ହେବା ସମ୍ଭବପର ହେଉନାହିଁ। ଘଣ୍ଟା ଘଣ୍ଟା ଧରି ମେଘ ପବନରେ ଅପେକ୍ଷା କରୁଥିବା ଲୋକମାନେ ବାଧ୍ୟ ହୋଇ ଦଲାଲ ମାନଙ୍କୁ ଧରି ହାତ ଗଣତି ମାଲ ଧରାଇଦେଲେ ଡ୍ରାଇଭିଂ ଲାଇସେନ୍ସ, ଫିଟନେସ ଓ ନୂତନ ଗାଡି ପଞ୍ଜିକରଣ ଇତ୍ୟାଦି କାମ ସହଜରେ ହୋଇଯାଉଛି। ଏପରିକି ଏହି କାର୍ଯ୍ୟାଳୟରେ ବହୁ ବର୍ଷ ଧରି କିଛି କିରାଣୀ ମାନଙ୍କ ମଧୁ ଚନ୍ଦ୍ରିକା ଯୋଗୁ ଦଲାଲ ମାନଙ୍କ ରାଜୁତି ବଢି ବଢି ଚାଲିଛି। ଏଠାରେ ଦୀର୍ଘ ବର୍ଷଧରି ରହିଥିବା ପରିବହନ ବିଭାଗର କିଛି କର୍ମଚାରୀ ମୁନାଫାଖୋର ଭାବେ ହାତଗୁଞ୍ଜା ନେଇ କାର୍ଯ୍ୟ ସବୁ କରିଦେଉଥିବାର ଦେଖିବାକୁ ମିଳୁଥିବା ବେଳେ ଜିଲ୍ଲାପାଳଙ୍କ ନିୟନ୍ତ୍ରଣରେ ଥିବା କିଛି କର୍ମଚାରୀ ମାନଙ୍କ ଅଦଳ ବଦଳ କରାଯାଉ ନାହିଁ, ଫଳରେ ଆରଟିଓ ଅଫିସ କାର୍ଯ୍ୟାଳୟଟି ପିସି କାରବାର କରିବାରେ ସର୍ବାଗ୍ରେ ଥିବାର ଜଣା ପଡିଛି। ଆମ ପ୍ରତିନିଧି କାର୍ଯ୍ୟାଳୟରେ ପହଞ୍ଚି ଆରଟିଓଙ୍କୁ ପଚାରିବାକୁ ଗଲା ବେଳକୁ ରୁମରେ ତାଲା ଝୁଲୁଥିବାର ଦେଖିବାକୁ ମିଳୁଥିଲା। ତାଙ୍କ ମୋବାଇଲ ଫୋନରେ ଯୋଗାଯୋଗ କଲେବି ଉଠାଇ ନଥିଲେ। ଏପରିକି ତାଙ୍କ କାର୍ଯ୍ୟାଳୟର ଲ୍ୟାଣ୍ଡ ଫୋନ ନଂ-୦୬୭୨୪୨୨୨୭୫ ରେ ଲଗାଇଥିଲେ ବି ଏହା କାର୍ଯ୍ୟକାରୀ ହେଉନାହିଁ ବୋଲି ଶୁଣିବାକୁ ମିଳିନଥିଲା। ଆରଟିଓ ଅଫିସ୍ କାର୍ଯ୍ୟାଳୟ ଦଲାଲ ମୁକ୍ତ ଅଞ୍ଚଳ କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ ଯେତେ ପ୍ରକାର ବ୍ୟବସ୍ଥା କରୁଥିଲେ ବି ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଜଗତସିଂହପୁର ଜିଲ୍ଲାରେ ବହୁ ବୁଦ୍ଧିଜୀବିମାନେ ପ୍ରଶ୍ନ ଉଠାଉଛନ୍ତି ଯେ ଦଲାଲମୁକ୍ତ କାର୍ଯ୍ୟାଳୟ କରିବା ପାଇଁ ସରକାର ଯେଉଁ ଯୋଜନା କଲେ ତାହା କେତେ ଦୂର ସଠିକ୍ ଭାବେ ପାଳନ ହେବ କି ନାହିଁ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରକାଶ ରଙ୍ଗରାଜ୍ ହଠାତ୍ କାର୍ଯ୍ୟାଳୟରେ ପ୍ରବେଶ କରିପାରିଲେ ସମସ୍ତ ଗୁମର ଫିଟିଯିବ ବୋଲି ପ୍ରକାଶ କରିବା ସହିତ ଦୀର୍ଘ ବର୍ଷ ଧରି ରହିଯାଇଥିବା କର୍ମଚାରୀମାନଙ୍କ ଯଥା ଶୀଘ୍ର ବଦଳି କରିଦେଇ ପାରିଲେ ଦଲାଲମାନଙ୍କ ରାଜ୍ ବନ୍ଦ ହୋଇଯିବା ସହିତ ସାଧାରଣ ଲୋକ ସୁବିଧାରେ ଗାଡିର ପ୍ରମାଣ ପତ୍ର ସହିତ ଡ୍ରାଇଭିଂ ଲାଇସେନ୍ସ ପାଇପାରିବେ।

# ଭାଗବତ ପ୍ରାପ୍ତିର ଦଶମାର୍ଗ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମନୁଷ୍ୟ ଜୀବନର ଉଦ୍ଦେଶ୍ୟ ଭଗବାନଙ୍କୁ ପାଇବା। ଶାସ୍ତ୍ର ଓ ସନ୍ଥ ମହାତ୍ମାମାନେ ଏଥିପାଇଁ ଅନେକ ନିୟମ ବତାଇଛନ୍ତି। ନିଜ ନିଜ ଅଧିକାର ଓ ରୁଚି ଅନୁସାରେ କୌଣସି ଶାସ୍ତ୍ରୋକ୍ତ ଉପାୟକୁ ନିଷ୍କାମ ଭାବରେ ଅର୍ଥାତ୍ ସାଂସାରିକ ସୁଖ ପାଇବା କାମନା ଛାଡ଼ି କେବଳ ଭଗବତ ପ୍ରାତ୍ୟର୍ଥେ କାମରେ ଲଗାଇଲେ ଠିକ୍ ସମୟରେ ମନୁଷ୍ୟ ଭଗବାନଙ୍କୁ ପାଇ ନିଜର ଜନ୍ମ ଓ ଜୀବନକୁ ସାର୍ଥକ କରିପାରେ। ଭଗବାନ ଶ୍ରୀ ମନୁ ଧର୍ମର ଦଶ ଲକ୍ଷଣ ବତାଇଛନ୍ତି, ଏହି ଦଶ ଲକ୍ଷଣଯୁକ୍ତ ଧର୍ମର ନିଷ୍କାମ ଆଚରଣ କରୁଥିବା ମନୁଷ୍ୟ ମାୟାବନ୍ଧନରୁ ମୁକ୍ତ ହୋଇ ଭଗବାନଙ୍କୁ ପାଇପାରେ।

ଧୃତି : ଧୃତି ଅର୍ଥାତ୍ ଧୈର୍ଯ୍ୟ। କୌଣସି ପ୍ରକାର ସଙ୍କଟ ପଡ଼ିଲେ ମଧ୍ୟ ବା ଇଚ୍ଛିତ ବସ୍ତୁ ନପାଇଲେ ମଧ୍ୟ ଧୈର୍ଯ୍ୟ ଛାଡ଼ିବ ନାହିଁ। ଯେ ଧୈର୍ଯ୍ୟ ଧାରଣ କରି ରହେ, ତାହାର ଧର୍ମରକ୍ଷା ହୁଏ ଏବଂ ସେ ଐହିକ ଓ ପାରଲୌକିକ ସଫଳତା ପାଇପାରେ।

କ୍ଷମା : ନିଜର ମନ୍ଦ କରୁଥିବା ଲୋକକୁ ଦଣ୍ଡ ଦେବା ଓ ଦିଆଇବାର ପୁରା ଶକ୍ତି ଥିଲେ ମଧ୍ୟ ତାକୁ ଦଣ୍ଡଦେବା, ଦିଆଇବାର ଭାବନାକୁ ମଧ୍ୟ ମନରେ ନ ଆଣି ତାର ଅପରାଧକୁ ସହି ଯିବା ଏବଂ ତାହା ଯେପରି ସବୁକାଳ ପାଇଁ ଲୋପ ପାଇଯାଏ, ସେଥିପାଇଁ ଯଥୋଚିତ ଚେଷ୍ଟା କରିବାକୁ କ୍ଷମା କୁହାଯାଏ।

ଦମ : ସାଧାରଣତଃ ଇନ୍ଦ୍ରିୟ ସଂଯମକୁ ଦମ କୁହାଯାଏ, ପରନ୍ତୁ ଶ୍ଳୋକରେ ଇନ୍ଦ୍ରିୟ ସଂଯମ ଅଲଗା କୁହାଯାଇଛି, ଏଣୁ ଏଠାରେ ଦମ ଶବ୍ଦର



ଅର୍ଥ ଶମ ବା ମନ ସଂଯମ ବୋଲି ବୁଝିବା ଉଚିତ। ମନକୁ ବଶ ନ କରି ଭଗବାନଙ୍କୁ ପାଇବା ପ୍ରାୟ ଅସମ୍ଭବ। ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ମନର ବଶ ହେବା କଥା ଭଗବାନ ବତାଇଛନ୍ତି।

ଅସ୍ତେୟ : ଅସ୍ତେୟ କହିଲେ ସ୍ୱଚ୍ଛ ମନ, ସ୍ୱଚ୍ଛ ଭାବନା, ସ୍ୱଚ୍ଛ କର୍ମକୁ ବୁଝାଏ। ମନ, ବାଣୀ ଓ ଶରୀର ଦ୍ୱାରା କୌଣସି ପ୍ରକାର ଚୋରି ନକରିବା।

ଶୌଚ : ବାହ୍ୟ ଓ ଆଭ୍ୟନ୍ତର ଶୁଦ୍ଧି - ସତ୍ୟତାପୂର୍ବକ ଶୁଦ୍ଧ ବେପାର ଦ୍ୱାରା ଦ୍ରବ୍ୟକୁ, ତହିଁରୁ ପ୍ରାପ୍ତ ଅନ୍ନ ଦ୍ୱାରା ଆହାରକୁ, ଯଥାଯୋଗ୍ୟ କଥାବାର୍ତ୍ତା ଦ୍ୱାରା ଆଚରଣକୁ ଏବଂ ପାଣି, ମାଟି ଆଦି ଦ୍ୱାରା କରାଯାଉଥିବା ଶରୀରର ଶୁଦ୍ଧିକୁ ବାହ୍ୟ ଶୁଦ୍ଧି କୁହାଯାଏ। ରାଗ-ଦ୍ୱେଷ, ଦମ୍ଭ-କପଟ, ତଥା ବୈର-ଅଭିମାନ ଆଦି ବିକାରଗୁଡ଼ିକ ନାଶ ପାଇ ଅନ୍ତଃକରଣ ସ୍ୱଚ୍ଛ ହୋଇଯିବାକୁ ଆଭ୍ୟନ୍ତର ଶୁଦ୍ଧି କୁହାଯାଏ।

ଇନ୍ଦ୍ରିୟ-ନିଗ୍ରହ : ଇନ୍ଦ୍ରିୟ ମାନଙ୍କୁ ସେମାନଙ୍କର ବିଷୟରେ ଅର୍ଥାତ୍ ରୂପ, ରସ, ଗନ୍ଧ, ସ୍ପର୍ଶ ଆଦିରେ ଇଚ୍ଛାପୂର୍ବକ ଯିବାକୁ ନ ଦେଇ ଅନିଷ୍ଟକାରୀ ବିଷୟମାନଙ୍କରୁ ହଟାଇ ଆଣି କଲ୍ୟାଣକାରୀ ବିଷୟଗୁଡ଼ିକରେ ଲଗାଇ ଦେବା।

ଧୀ (ବୁଦ୍ଧି) : ସାତ୍ତ୍ୱିକୀ ଶ୍ରେଷ୍ଠ ବୁଦ୍ଧି, ଯାହା ସତ୍‌ସଙ୍ଗ, ସତ୍‌ଶାସ୍ତ୍ର ଅଧ୍ୟୟନ, ଭଗବତ୍ ଭଜନ ଓ ଆତ୍ମ ବିଚାରରୁ ଉତ୍ପନ୍ନ ହୋଇଥାଏ, ତଥା ଯାହାଦ୍ୱାରା ମନ ପରମାତ୍ମାଙ୍କ ଠାରୁ ଲାଗିଯାଏ ଏବଂ ଯଥାର୍ଥ ଜ୍ଞାନ ଉତ୍ପନ୍ନ ହୁଏ।

ବିଦ୍ୟା : ଅଧ୍ୟାତ୍ମବିଦ୍ୟା, ଯାହାକୁ ଭଗବାନ ନିଜର ସ୍ୱରୂପ ବୋଲି ବତାଇଛନ୍ତି ଏବଂ ଯାହା ମନୁଷ୍ୟକୁ ଅବିଦ୍ୟାରୁ ମୁକ୍ତ କରି ପରମାତ୍ମାଙ୍କ ପରମପଦ ଲାଭ କରାଏ।

ସତ୍ୟ : ଯଥାର୍ଥ ଓ ପ୍ରିୟ ଭାଷଣ। ଅନ୍ତଃକରଣ ଓ ଇନ୍ଦ୍ରିୟମାନଙ୍କ ଦ୍ୱାରା ଯେପରି ନିଶ୍ଚୟ କରାଯାଇଥିବା ପ୍ରିୟ ଶବ୍ଦ ଦ୍ୱାରା ସେପରି କହିବା ତଥା ଏହାଦ୍ୱାରା ଯେପରି କୌଣସି ନିର୍ଦ୍ଦୋଷ ପ୍ରାଣୀର କିଛି କ୍ଷତି ନହୁଏ, ସେଥିପ୍ରତି ଧ୍ୟାନ ରଖିବା। ଯାହା ଯଥାର୍ଥ ହୋଇଥିବ, ପ୍ରିୟ ହୋଇଥିବ, କପଟରହିତ ହୋଇଥିବ ଏବଂ ଯାହା କାହାରି ଅମଙ୍ଗଳ କରୁ ନଥିବ, ତାହାହିଁ ସତ୍ୟ ଅଟେ।



କ୍ରୋଧ ତ୍ୟାଗ : ନିଜର ମନ୍ଦ କରୁଥିବା ଲୋକ ପ୍ରତି ମଧ୍ୟ ମନରେ କୌଣସିପ୍ରକାର କ୍ରୋଧର ବିକାର ନହେବା। କ୍ରୋଧ ତ୍ୟାଗ ଓ କ୍ଷମା ମଧ୍ୟରେ ଭେଦ ଏହି ଯେ କ୍ରୋଧତ୍ୟାଗ ଦ୍ୱାରା କୌଣସି କ୍ରିୟା ହୁଏନାହିଁ ଯାହା କିଛି ହୁଏ, ତାହା ସବୁ ମନୁଷ୍ୟ ସହିଯାଏ ଏବଂ ତାହା ମନରେ ବିକାର ସୃଷ୍ଟି ହେବାକୁ ଦିଏ ନାହିଁ, ପରନ୍ତୁ ଏହାଦ୍ୱାରା ଆମରମନ୍ଦ କରୁଥିବା ଲୋକର ଅପରାଧର କ୍ଷମା ହୁଏନାହିଁ, ନ୍ୟାୟକାରୀ ଈଶ୍ୱରଙ୍କ ଦ୍ୱାରା ଇହ-ପରଲୋକରେ ତାହାର ଫଳ ତାକୁ ଅବଶ୍ୟ ମିଳେ। କିନ୍ତୁ କ୍ଷମାଦ୍ୱାରା ତାହାର ଅପରାଧର ମଧ୍ୟ କ୍ଷମା ହୋଇଯାଏ।

ନିଜ ଇଷ୍ଟଙ୍କୁ ପାଇବା ପାଇଁ ଉପରୋକ୍ତ ଦଶବିଦ୍ଧ ମାର୍ଗ ପ୍ରତିଟି ମନୁଷ୍ୟ ଜୀବନକୁ ଦିବ୍ୟମୟ କରିଥାଏ। ଭଗବତ୍ ଚିନ୍ତା କରି ଇଷ୍ଟଙ୍କ ଶରଣାପନ୍ନ ହୋଇ ସତ୍‌ମାର୍ଗରେ ଜୀବନ ନିର୍ବାହ କଲେ ନିଜ ଜୀବନ ନିର୍ଶ୍ଚିନ୍ତ ଦିବ୍ୟପଥଗାମୀ ହେବ।

ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ଦୀବ୍ୟବାଣୀରେ କହିଛନ୍ତି 'ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।'

*ସହପ୍ରତିରତ୍ବିକ ଓ ବିଭାଗୀୟ ମୁଖ୍ୟ.*
*ହେପାଟୋଲୋଜି ବିଭାଗ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୯୪୩୭୦୫୧୯୫୭*







# ଗୁଡୁଚିର ଉପକାରିତା ଓ ଚାଷ ପ୍ରଣାଳୀ



ନଳିନୀ କୁମାର ପଣ୍ଡା

**ଗୁଡୁଚି ର ଉପକାରିତା:**

ଆମ ଦେଶର ପ୍ରାୟ ସବୁ ସ୍ଥାନରେ ଗୁଡୁଚି ଲତା ଦେଖାଯାଏ ଓ ଏହାକୁ ଗୁଳୁଚି ଲତା ବା ଗିଲୟ ମଧ୍ୟ କୁହନ୍ତି ଓ ଆୟୁର୍ବେଦରେ ଏହାକୁ ଅମୃତ ବୋଲି କୁହାଯାଇଛି ଓ ଏହାର ପତ୍ର ଗୁଡ଼ିକ ଦେଖିବାକୁ ପାନପତ୍ର ଭଳିଆ ଓ ସାମ୍ପ୍ରତିକ କରୋନା ପରିସ୍ଥିତିରେ ସମସ୍ତେ ଏହା ବିଷୟରେ ଜାଣିବା ପାଇଁ ଚାହୁଁଛନ୍ତି, କାରଣ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଧିକାଂଶ ଲୋକ କାଢାରେ ଏହାର ବ୍ୟବହାର କରୁଛନ୍ତି ଓ ଆସନ୍ତୁ ଆମେ ଏହାର ଆଉ କେତେକ ଉପକାର ବିଷୟରେ ଜାଣିବା।

୧) ଗୁଡୁଚି ସହିତ କିଛି ମହୁ ମିଶାଇ ୭ ଦିନ ପର୍ଯ୍ୟନ୍ତ ପିଇଲେ ଆମର ଯାବତୀୟ ଜ୍ୱର ଭଲ ହୋଇଥାଏ ଓ ୨) ଗୁଡୁଚି ରସରେ ସାମାନ୍ୟ କିଛି ମିଶ୍ରି ଓ ହଳଦୀ ଗୁଣ୍ଡ ମିଶାଇ ଶିଶୁ ମାନଙ୍କୁ ଖାଇବାକୁ ଦେଲେ, ସେମାନଙ୍କର ସବୁପ୍ରକାର ଜ୍ୱର, ଦାନ୍ତରଗଡା, କୃମିଦୋଷ ଆଦି ଦୂର ହୋଇଥାଏ ଓ ୩) ଗୁଡୁଚି ରସରୁ ୨ - ୪ ବୁନ୍ଦା ନାକରେ ପକାଇଲେ ପିତ୍ତଜ୍ୱର, ଶିର ଶୁଳ, ଅଧକପାଳି ବିନ୍ଧା, ମୁଣ୍ଡ ବୁଲେଇବା ପ୍ରଭୃତି ଶିର ରୋଗ ଶୀଘ୍ର ଭଲ ହୋଇଥାଏ ଓ ୪) ଅଧକପାଳି ମୁଣ୍ଡବିନ୍ଧାରେ ୨ - ୪ ଟୋପା ଗୁଡୁଚି ରସକୁ ନାକରେ ପକାଇଲେ ଏଥିରୁ ତୁରନ୍ତ ଆରାମ ମିଳିଥାଏ ଓ ୫)ଗୁଡୁଚି ଲତାର ମୂଳକୁ ଆଣି ପାଣିସହ ମିଶାଇ ବାଟି ସାପ କାମୁଡିଥିବା ବ୍ୟକ୍ତିର କ୍ଷତ ସ୍ଥାନରେ ଲଗାଇଲେ ଓ ତାକୁ ପିଇବାକୁ ଦେଲେ ସର୍ପ ବିଷ ଶୀଘ୍ର ଛାଡ଼ିଯାଇଥାଏ ଓ ୬)ଯଦି କୌଣସି କାରଣରୁ ଶରୀରରେ ପ୍ଲେଟଲେଟ କମିଯାଏ ଗୁଡୁଚି ରସ, ଘିକୁଆଁରି ରସ ଏବଂ ଡାଳିମ୍ବ ରସକୁ ଏକତ୍ର ମିଶାଇ ପିଇଲେ ଏହା ଶରୀରରେ ପ୍ଲେଟଲେଟ ବଢାଇବାରେ ସହାୟକ ହୋଇଥାଏ ଓ ୭) ମଧୁମେହ ପାଇଁ ମଧ୍ୟ ଗୁଡୁଚିରସ ବହୁତ ଲାଭକାରୀ ସାବ୍ୟସ୍ତ ହୋଇଥାଏ ଓ ୮) ଏହା ଶରୀରରେ କ୍ୟାନ୍ସର କୋଷିକାକୁ ମଧ୍ୟ ନଷ୍ଟ କରିଦେଇଥାଏ ଓ ୯) ଗଣ୍ଠି ଦରଜରେ ଗୁଡୁଚିର କାଢା ସହିତ ୧୦-୨୦ମି.ଗ୍ରା. ଜଡ଼ା ତେଲ ମିଶାଇ ପିଇଲେ ଗଣ୍ଠି ଦରଜରେ ଉପକାର ମିଳିଥାଏ ଓ ୧୦) ମୂତ୍ର ରୋଗ ପାଇଁ ମଧ୍ୟ ଗୁଡୁଚିର କାଢା ବହୁତ ଲାଭକାରୀ ।

***ଗୁଡୁଚିର ଚାଷ ପ୍ରଣାଳୀ:***

***ନର୍ସରୀ ପ୍ରସ୍ତୁତି:-*** କଲମୀ ବା କଟିଙ୍ଗ ଗୁଡିକ ଚାରା କିଆରୀରେ ସିଧାସଳଖ ଲଗାଯାଏ ଓ କଲମୀ ଗୁଡିକ ବୟସ୍କ କାଣ୍ଡରୁ ଗଣ୍ଠି ସହିତ କାଟି ଅଣାଯାଏ ଓ ଗଛରୁ ଅଲଗା କରି ଆଣିବାର ୨୪ ଘଂଟା ମଧ୍ୟରେ କଲମୀ ଗୁଡିକୁ ପଟାଳିରେ ଲଗାଇ ଦିଆଯାଏ ଓ ପଟାଳିରେ ଲଗାଯିବ ପର୍ଯ୍ୟନ୍ତ କଲମୀ ଗୁଡିକୁ ପାଣିରେ ସିଧା ଭାବରେ ବୁଡାଇ ରଖାଯାଇଥାଏ ।

***ଚାରା:-*** ୧ ହେକଟର ଜମିରେ ଲଗେଇବା ପାଇଁ ପ୍ରାୟ ୨୫୦୦ କଲମୀ ବା କଟିଙ୍ଗ ଦରକାର ହୋଇଥାଏ ଓ କଲମୀ ଗୁଡିକୁ ପଟାଳିରେ ପୋତିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ପ୍ରାକ-ଉପଚାରର ଆବଶ୍ୟକତା ପଡେ ନାହିଁ ।

***ଜମି ପ୍ରସ୍ତୁତି ଓ ସାର ପ୍ରୟୋଗ:-*** ଜମିକୁ ଭଲ ଭାବରେ ହଳକରି ସେଥିରୁ ଅନାବନା ଘାସ ସବୁ ବାହାର କରିଦିଆଯାଏ ଇ ଜମି ପ୍ରସ୍ତୁତି ସମୟରେ ମୂଳସାର ହିସାବରେ ହେକଟର ପିଛା ୧୦ ଟନ ଗୋବର ଖତ ଏବଂ ଅଧା ଡୋଜ୍‌ର ୭୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରାଯାଏ ।

***ପରିରୋପଣ ଓ ଉପଯୁକ୍ତ ବ୍ୟବଧାନ:-*** ଭଲ ଅମଳ ପାଇଁ ଗଣ୍ଠିଯୁକ୍ତ କଲମୀ ଗୁଡିକୁ ଜମିରେ ସିଧାସଳଖ ୩ମି.ଘ୩ମି. ଦୂରତାରେ ଲଗାଯିବା ଉଚିତ ଓ ବଢିବା ପାଇଁ ଲତା ଗୁଡ଼ିକ ଅନ୍ୟ ଗଛର ସାହାଯ୍ୟ ଦରକାର କରନ୍ତି ।

***ଆନ୍ତଃ ଫସଲର ବ୍ୟବସ୍ଥା:-*** ଗୁଡୁଚି ଏକ ବଡ଼ ଲତା ହୋଇଥିବାରୁ ଏହା ଗୁଡଢ଼ଇହେବା ପାଇଁ ଏକ ସାହାରା ଆବଶ୍ୟକ କରେ ଏବଂ ଅଳ୍ପ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ସାହାରାଟିକୁ ଘୋଡ଼େଇ ଦିଏ ଓ ଯଦି ଏହି କଲମୀ ଗୁଡ଼ିକୁ ତାହାର ବାୟବୀୟ ଚେର ସହିତ କୌଣସି ଗଛ ଉପରକୁ ଫିଙ୍ଗିଦିଆଯାଏ, ତାହା ତଳକୁ ବଢ଼ିବାକୁ ଆରମ୍ଭ କରେ ଓ ତାହାର ଚେର ମାଟିକୁ ପଶିଯାଇଥାଏ ।

***ଉପଯୁକ୍ତ ଯତ୍ନ ଓ ରକ୍ଷଣାବେକ୍ଷଣ:-*** ଲତା ବଢିବା ପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ୧୦ ଟନ ଗୋବରଖତ ସହିତ ୭୫ କି.ଗ୍ରା. ଯବକ୍ଷାରଜାନ ସାର ପକାଯିବା ସହ ପାଖାପାଖି ୨ ରୁ ୩ ଥର ଘାସ ବଛାବଛି ଦରକାର ହୁଏ ଓ ଦୁଇଧାଡ଼ି ମଧ୍ୟରେ ଥିବା ଫାଙ୍କା ଜାଗାକୁ ଅନାବନା ଘାସରୁ ମୁକ୍ତ ରଖାଯାଏ, ନହେଲେ ଘାସ ଦ୍ୱାରା ଲତାଗୁଡିକର ବୃଦ୍ଧି କମି ଯିବାର ସମ୍ଭାବନା ଥାଏ ।

***ଜଳସେଚନ:-*** ଗୁଡୁଚି ଲତା ଅଳ୍ପବୃଷ୍ଟି ହେଉଥିବା ଜାଗାରେ ବଢ଼ିଥାଏ ଓ କିନ୍ତୁ କେବେ କେମିତି ବହୁତ ଥଣ୍ଡା ବା ବହୁତ ଗରମ ସମୟରେ ପ୍ରତିକୂଳ ଅବସ୍ଥାରୁ ବଂଚେଇବା ପାଇଁ ଏଥିରେ ଜଳସେଚନ କରାଯଇଥାଏ ।

***ରୋଗ ଓ ପୋକ ନିୟନ୍ତ୍ରଣ:-*** ଏପର୍ଯ୍ୟନ୍ତ ଅତ୍ୟନ୍ତ କ୍ଷତିକାରୀ ରୋଗ ଓ ପୋକ ଏଥିରେ ଲାଗିଥିବାର ପ୍ରମାଣ ନାହିଁ ।



***ଫସଲ ପରିପକ୍ୱତା ଓ ଅମଳ:-*** କାନ୍ଦ ଗୁଡ଼ିକର ମୋଟେଇ ୨.୫ ସେ.ମି. ରୁ ଅଧିକ ହେଲେ ଶରତ ଋତୁରେ ଏହାର ଅମଳ କରାଯାଏ ଓ ମୂଳକୁ ସେମିତି ଆହୁରି ବଢିବା ପାଇଁ ଛାଡ଼ି ଦିଆଯାଏ ।

***ଅମଳ ପରର ପକ୍ରିୟାକରଣ:-*** ଅମଳ ହୋଇଥିବା କାଣ୍ଡଗୁଡ଼ିକୁ ଛୋଟଛୋଟ ଖଣ୍ଡରେ କାଟି ଛାଇରେ ଶୁଖାଯାଏ ଓ ଭଲ ଭାବରେ ଶୁଖିଯାଇଥିବା ଖଣ୍ଡଗୁଡିକୁ ଅଖାବସ୍ତାରେ ଭର୍ତ୍ତି କରି ବାୟୁ ଚଳାଚଳ କରୁଥିବା ଘରଭିତରେ ଥାକକରି ରଖାଯାଏ ଇ ରଖିବା ସମୟରେ କାଣ୍ଡର ଛାଲି ନଛାଡିବା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥାଏ, ନହେଲେ ଏହା ଶୀଘ୍ର ସଢ଼ିଯିବାର ସମ୍ଭାବନା ଥାଏ।

***ଅମଳ ଓ ଲାଭ:-*** ଗୁଡୁଚି ଚାଷରୁ ୨ ବର୍ଷରେ ଏକ ହେକଟରରୁ ପ୍ରାୟ ୧୫୦୦କି.ଗ୍ରା. ସଦ୍ୟକାଣ୍ଡ ମିଳେ, ଯାହାକି ଶୁଖିଗଲେ ୩୦୦କି.ଗ୍ରା. ହୋଇଥାଏ ଓ ଏଥିରୁ ଏକ ହେକଟରରୁ ପ୍ରାୟ ୩୦,୦୦୦.୦୦ ଟଙ୍କା ଲାଭ ମିଳିଥାଏ ।

***ଆଞ୍ଚଳିକ ବୈଜ୍ଞାନିକ***
***ଡାବର ଇଣ୍ଡିଆ ଲିଃ***

# ବଗଲା ଧର୍ମଶାଳା ଜମି କେଳେଙ୍କାରୀ ପାଇଁ କିଏ ଦାୟୀ ?




**ଜନମତ**

ହଜାର ହଜାର ବର୍ଷର ପୁରୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଉନ୍ନତିମୂଳକ କାର୍ଯ୍ୟ କରାଯିବା ପାଇଁ ଜବରଦଖଲ ଉଚ୍ଛେଦ କରାଯିବା ସହ ଆବଶ୍ୟକ ସ୍ଥଳେ ଉପଯୁକ୍ତ କ୍ଷତିପୂରଣ ଦେଇ ସରକାର ଘରୋଇ ଜମି ଅଧିଗ୍ରହଣ କରିଥିଲେ। ଏହାରି ଭିତରେ ବହୁ ପ୍ରାଚୀନ ମଠ ସମ୍ପତ୍ତି ମଧ୍ୟ ରହିଛି। ବିଶ୍ୱ ଐତିହ୍ୟ ମାନ୍ୟତା ନିମନ୍ତେ ସରକାରଙ୍କ ଜୋରଦାର ଉଦ୍ୟମ ଦେଖି ପୁରୀ ବାସୀଙ୍କ ସମେତ ସମଗ୍ର ବିଶ୍ୱର ଜଗନ୍ନାଥପ୍ରେମୀଙ୍କ ମନରେ ଆନନ୍ଦ ଖେଳି ଯାଇଥିଲା। ହେଲେ ନିକଟରେ ଦାନ ସୂତ୍ରରେ ମିଳିଥିବା ବଗଲା ଧର୍ମଶାଳାର କିଛି ଅଂଶକୁ ଜିଲ୍ଲା ପ୍ରଶାସନ ପ୍ଲଟିଙ୍ଗ କରି ବିକିଥିବା ତଥ୍ୟ ସାମ୍ନାକୁ ଆସିବା ପରେ ସମସ୍ତଙ୍କ ମନରେ କ୍ଷୋଭ ଦେଖାଦେଇଛି। ତେବେ ପ୍ରଶ୍ନ ଉଠୁଛି ରାଜ୍ୟ ସରକାରଙ୍କ ବିନା ନିର୍ଦ୍ଦେଶରେ ପୁରୀ ଜିଲ୍ଲାପାଳ କିପରି ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ରାଜସ୍ୱ ବିଭାଗ ପାଖକୁ ନେଲେ ଓ ବିକ୍ରି କରିଦେଲେ ! ଏଥିରେ ସରକାରଙ୍କ ଭୂମିକା ସମସ୍ତଙ୍କୁ ଚକିତ କରିଛି। ସରକାର ଏହାକୁ ନେଇ ଯେତେ ସଫେଇ ଦେଲେ ବି ବଗଲା କେଳେଙ୍କାରୀକୁ ନେଇ ଅନେକ ତଥ୍ୟ ସାମ୍ନାକୁ ଆସୁଛି। ତେବେ ବଗଲା ଜମି କେଳେଙ୍କାରୀ ପଛରେ କାହାର ଗୋପନ ଆଦେଶ ରହିଛି, ତାହା ସନ୍ଦେହ ସୃଷ୍ଟି କରୁଛି। ବାସ୍ତବିକ ଏଥିପାଇଁ କିଏ ଦାୟୀ ? ଏହାକୁ ନେଇ 'ଏକମାତ୍ର'ର ଏ ସପ୍ତାହର ଜନମତ।



**ରବି ଦାସ**
**ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର**

ବଗଲା ଧର୍ମଶାଳା କେଳେଙ୍କାରୀ ପୃଷ୍ଠଭୂମିରେ ଏତିକି କହିହେବ ଯେ, ପୁରୀ ଜିଲ୍ଲାପାଳ ଏହି ଜମି ବିଷୟରେ ସମ୍ପୂର୍ଣ୍ଣ ଅବଗତ ଥିଲେ। ଶ୍ରୀଜଗନ୍ନାଥ କରିଡର ପାଇଁ ଜମି ଅଧିଗ୍ରହଣ କରିବା ବେଳେ ନିୟମ ବାହାରକୁ ଯାଇ ଜିଲ୍ଲା ପ୍ରଶାସନ ଆପୋଷ ବୁଝାମଣା ଜରିଆରେ ବଜାର ଦର ଠାରୁ ୪ ଗୁଣ ଅଧିକ ଦରରେ କୋଟି କୋଟି ଟଙ୍କା ଦେଇ ଏହା କରିଥିଲା। ଏଥିରେ ଯେଉଁ ଲଜିଂ ମାଲିକମାନେ ଜମି ଦେଇଥିଲେ ସେମାନଙ୍କୁ ନିଶ୍ଚୟ ଭିତିରେ ପ୍ରତିଶ୍ରୁତି ଦିଆଯାଇଥିଲା ଯେ, ଶ୍ରୀମନ୍ଦିର ନିକଟରେ ତାଙ୍କୁ ଜମି ମିଳିବ। ଏହା କିଭଳି ପ୍ରତିଶ୍ରୁତି ? ଜମିର ଅବସ୍ଥିତି ଜାଣି ଜିଲ୍ଲା ପ୍ରଶାସନ ଶ୍ରୀମନ୍ଦିର ପ୍ରଶାସନକୁ ମଧ୍ୟ ବିଶ୍ୱାସକୁ ନନେଇ ଏଭଳି କରିଥିବା ଜଣାପଡୁଛି। ପ୍ରକୃତରେ ସରକାର ଆଇନ ଅନୁସାରେ ଜମି ଅଧିଗ୍ରହଣ କରି ଯଦି ଉପଯୁକ୍ତ କ୍ଷତିପୂରଣ ଦେଇଥିଲେ ଏବେ ପୁଣି ବିବାଦ ଉଠିଲା କାହିଁକି ? ଯଦି ବି କିଛି ହେଲା ସେଥିରେ ଜମି ହରାଇଥିବା ସମସ୍ତ ଲଜିଂ ମାଲିକଙ୍କ କଥା ବିଚାର କରାନଯିବାର କାରଣ କ'ଣ ? ମାତ୍ର ୫/୬ ଜଣ ଲଜିଂ ମାଲିକଙ୍କୁ ବଗଲା ଧର୍ମଶାଳା ଜମି କାହିଁକି ଦିଆଗଲା ତାହା ସନ୍ଦେହ ସୃଷ୍ଟି କରୁଛି। ଏହା ନିଶ୍ଚୟ ସରକାରୀ ଚାଲ, କାରଣ ଯେଉଁ ସମୟରେ ଶ୍ରୀମନ୍ଦିର କରିଡର ପାଇଁ ଜମି ଅଧିଗ୍ରହଣ କଥା ଉଠିଥିଲା ସେତେବେଳେ ଏଥିପାଇଁ ଆନ୍ଦୋଳନ, ଗଣ୍ଡଗୋଳ ଆରମ୍ଭ ହୋଇଯାଇଥିଲା। ପ୍ରଶାସନ ବିରୋଧରେ ଉଠିଥିବା ସ୍ୱରକୁ ପ୍ରଶମିତ କରିବାକୁ ଯାଇ ଜିଲ୍ଲା ପ୍ରଶାସନ ନିଶ୍ଚୟ ମୌଖିକ ପ୍ରତିଶ୍ରୁତି ଦେଇଥିବ। ଜମିର ସରକାରୀ ଧାର୍ଯ୍ୟ ଦର ବାହାରକୁ ଯାଇ ଏଭଳି ଜମି ଅଧିଗ୍ରହଣ ନିୟମ କିଭଳି ତିଆରି ହେଲା ତାହା ମଧ୍ୟ ପ୍ରଶ୍ନବାଚୀ ଠିଆ କରିଛି। ଆଇନ ଓ ବ୍ୟବସ୍ଥା ଭିତରେ ଯାହା କରିବା କଥା ତାହାକୁ ମୌଖିକ ପ୍ରତିଶ୍ରୁତି ଦ୍ୱାରା କରାଗଲେ ବିବାଦ ହେବା ସୁନିଶ୍ଚିତ। ବେଞ୍ଚ ମାର୍କ ଭ୍ୟାଲ୍ୟୁ ଅନୁସାରେ ଏହି ଜମି ଅଧିଗ୍ରହଣ ହୋଇନାହିଁ କି ଏଥିରେ ପୁନର୍ବସତି ଓ ପୁନର୍ଥଇଥାନ ନିୟମ ପାଳନ କରାଯାଇନାହିଁ। ସୁପ୍ରିମ୍‌କୋର୍ଟ ୧୯୭୮ରେ ଯେଉଁ ନିୟମ କରିଥିଲେ, ବଗଲା ଧର୍ମଶାଳା ଜମି କ୍ଷେତ୍ରରେ ତାହା କାହିଁକି ପାଳନ କରାଗଲାନି କି ରାଜ୍ୟ ସରକାରଙ୍କ ନିଜସ୍ୱ ଜମି ନିୟମ କାର୍ଯ୍ୟକାରୀ ହେଲାନାହିଁ। ବିବାଦ ଉଠିବା ପରେ ବର୍ତ୍ତମାନ ଜିଲ୍ଲାପାଳ ମଧ୍ୟ ସ୍ପଷ୍ଟ କରିପାରୁନାହାନ୍ତି ଯେ, ବଗଲା ଧର୍ମଶାଳା ଜମିର ମୂଳ ରେକର୍ଡ କ'ଣ ଓ ଏହା ବିକ୍ରି ହୋଇପାରିବ କି ନାହିଁ। କ୍ଷତିପୂରଣ ଅର୍ଥ ଅଧିକ ଦେଇ ଲଜିଂ ମାଲିକଙ୍କୁ ଧର୍ମଶାଳା ଜମି ଦେବାର ଆବଶ୍ୟକ କ'ଣ ? ତେଣୁ ଶ୍ରୀ ଜଗନ୍ନାଥଙ୍କ ସମ୍ପତ୍ତିକୁ ଏଭଳି ବ୍ୟବହାର କରାନଯାଇ ଯେଉଁ ଉଦ୍ଦେଶ୍ୟରେ ଏହି ଜମି ବ୍ୟବହୃତ ହେବା କଥା ତାହା କରାଗଲେ ବିବାଦ ରହିବ ନାହିଁ। ଯେଉଁ ଉଦ୍ଦେଶ୍ୟ ପାଇଁ ଏହି ଜମି ଦାନ ସୂତ୍ରରେ ମିଳିଥିଲା ସେହି ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ଉଚିତ୍।



**ଆତ୍ମପ୍ରକାଶ ମହାନ୍ତି**
**ପୂର୍ବତନ ସଦସ୍ୟ, ରାଜ୍ୟ ଆଇନଜୀବୀ ପରିଷଦ**
**ସମ୍ପାଦକ, ଭୁବନେଶ୍ୱର ଓକିଲ ସଂଘ**

ବ୍ରିଟିଶ ଶାସନ କାଳରେ ପୁରୀ ଶ୍ରୀମନ୍ଦିର ନିକଟରେ ବଗଲା ଧର୍ମଶାଳା ନିର୍ମିତ ହୋଇଥିଲା। ଏଥିପାଇଁ ଜଣେ ଦାତା ବ୍ରିଟିଶ ସରକାରଙ୍କୁ ଗୋଟିଏ ଥର ୭୦ ହଜାର ଏବଂ ପୁନର୍ବାର ୩୦ ହଜାର ମୁଦ୍ରା ଦାନ କରିଥିଲେ। ପରେ ଏହି ଧର୍ମଶାଳାର ଉନ୍ନତି ନିମନ୍ତେ ତତ୍କାଳୀନ କେନ୍ଦ୍ର ସରକାର ମଧ୍ୟ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିଲେ। ଏହାର ମୂଳ ଉଦ୍ଦେଶ୍ୟ ଥିଲା ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନଥିବା ହିନ୍ଦୁ ଭକ୍ତମାନେ ଏଠାରେ ସାମୟିକ ଅବସ୍ଥାନ କରି ଶ୍ରୀଜୀଉଙ୍କ ଦର୍ଶନ କରିବା ସହିତ ଶ୍ରୀକ୍ଷେତ୍ର ପରିଭ୍ରମଣ କରିପାରିବେ। କାଳକ୍ରମେ ଏହା ଗଜପତି ମହାରାଜାଙ୍କ ହାତରୁ ରାଜ୍ୟ ସରକାରଙ୍କ ଅଧିନକୁ ଆସିଲା। ବର୍ତ୍ତମାନ ସୌନ୍ଦର୍ଯ୍ୟକରଣ ନାଁରେ ବଗଲା ଧର୍ମଶାଳା ଜମିକୁ ପ୍ରଶାସନକୁ ବ୍ୟବହାର କରି କିଛି ଦଲାଲ ବିକ୍ରି କରିବା ଅତ୍ୟନ୍ତ ଲଜ୍ଜାଜନକ। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ତଥା ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଆସ୍ଥା ଓ ବିଶ୍ୱାସ ପୀଠସ୍ଥଳ ହୋଇଥିବାରୁ ସମସ୍ତେ ବଗଲା ଜମି ବିକ୍ରିକୁ ନେଇ ଖୁବ୍ ମର୍ମାହତ। ଆଇନ ସମ୍ମତ ହୋଇନଥିଲେ ବି ଯେଉଁ ପ୍ରଶାସନିକ ଅଧିକାରୀ ଏଭଳି କରିଛନ୍ତି ସେମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବାର ଆବଶ୍ୟକତା ରହିଛି। ମୋ ବିଚାରରେ ଏଭଳି ଅନୀତି ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଭାବରେ ଦାୟୀ। ଗରିବ ଭକ୍ତଙ୍କୁ ଅଧିକାରରୁ ବଞ୍ଚିତ କରି ସରକାର ଚଞ୍ଚକତାପୂର୍ବକ କାର୍ଯ୍ୟ କଲେ ଆଗାମୀ ଦିନରେ ଏହା ଭୟାବହ ପରିସ୍ଥିତି ସୃଷ୍ଟି କରିବ। ତେଣୁ ସମସ୍ତ ଜଗନ୍ନାଥ ଭକ୍ତ ଏଭଳି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଦରକାର।



**ପିଙ୍କୁ ମହାନ୍ତି**
**ସମାଜସେବୀ, ବରଗଡ଼**

ଐତିହ୍ୟକୁ ସୁରକ୍ଷା ଦେବା ସରକାରଙ୍କ ଦାୟିତ୍ୱ। ଶାସକ ହୁଅନ୍ତୁ ବା ପ୍ରଶାସକ ରାଜ୍ୟରେ ଥିବା ମଠ, ମନ୍ଦିର ଓ ପର୍ଯ୍ୟଟନ ସ୍ଥଳୀର ଜାଗା କିଭଳି ସୁରକ୍ଷିତ ରହିବ ସେ ଦିଗରେ ବିସ୍ତୃତ ଯୋଜନା କରିବାର ଆବଶ୍ୟକତା ରହିଛି। ଯେତେବେଳେ କୌଣସି ବିକାଶମୂଳକ କାର୍ଯ୍ୟ କରାଯାଏ ସେତେବେଳେ ମୂଳ ନକ୍ସା ବା ମୂଳ ସ୍ଥିତିକୁ ସୁରକ୍ଷା ପ୍ରଦାନ କରି ନୂତନ ଢାଞ୍ଚାର ବିକଶିତ କରାଯାଇଥାଏ। ତେଣୁ ଶ୍ରୀମନ୍ଦିର ଚତୁପାର୍ଶ୍ୱ ଉନ୍ନତି କରାଯିବା ନିଶ୍ଚୟ ଏକ ମହତ କାର୍ଯ୍ୟ ହୋଇଥିଲେ ବି ଏହା ସନ୍ନିକଟ ଐତିହ୍ୟ ପୀଠ ବା ମଠ ଗୁଡିକର ସ୍ଥିତାବସ୍ଥା ବଜାୟ ରଖି ସେଗୁଡିକ ବିକଶିତ କରାଗଲେ ଶ୍ରୀକ୍ଷେତ୍ର ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ ହୋଇପାରିବା ସହିତ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ଯାହାଫଳରେ ପର୍ଯ୍ୟଟନ ରାଜସ୍ୱ ଅଧିକ ଆସିବ ଏବଂ ଏହା ରାଜ୍ୟ ରାଜକୋଷକୁ ନିଶ୍ଚୟ ବୃଦ୍ଧି କରିପାରିବ। ପୁରୀକୁ ଐତିହ୍ୟ କରିଡର କରାଯିବା ପ୍ରସଙ୍ଗରେ ଆରମ୍ଭରୁ କିଛି ବିବାଦ ରହିଥିଲେ ବି ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଦ୍ୱାରା ଏହାର ସମାଧାନ କରାଯାଇପାରିଛି। ଯେଉଁମାନେ ଶ୍ରୀମନ୍ଦିର ଚାରିପଟର ବିକାଶ ପାଇଁ ନିଜର ବାସଗୃହ, ବ୍ୟବସାୟିକ ପେଣ୍ଠ ଓ ଲଜିଂ ହାଉସ ଦେଇଛନ୍ତି ସେମାନେ ଏହା ବଦଳରେ ସରକାରଙ୍କ ନିକଟରୁ ପର୍ଯ୍ୟାପ୍ତ କ୍ଷତି ପୂରଣ ମଧ୍ୟ ପାଇସାରିଛନ୍ତି। ଯେଉଁ ସେବାୟତ ଆରମ୍ଭରୁ ଜମି ଅଧିଗ୍ରହଣକୁ ବିରୋଧ କରୁଥିଲେ ସେମାନେ ସ୍ୱଇଚ୍ଛାରେ ମୁଖ୍ୟମନ୍ତ୍ରୀଙ୍କୁ ନିଜର ଜମି ଦାନ କରିଛନ୍ତି ବୋଲି ମଧ୍ୟ ପ୍ରକାଶ ପାଇଥିଲା। ତେବେ କେଉଁ ପରିସ୍ଥିତିରେ ମହାପ୍ରଭୁଙ୍କୁ ଦାନ ଦେଉଥିବା ଜମିର ମାଲିକମାନେ କ୍ଷତି ପୂରଣ ନେଇସାରିବା ପରେ ବଗଲା ଧର୍ମଶାଳା ଭଳି ଏକ ଐତିହ୍ୟ ସମ୍ପନ୍ନ ଜମିକୁ ହାତେଇବା ପାଇଁ ହୀନ ଉଦ୍ୟମ କଲେ ତାହା ନିଶ୍ଚିତ ଲଜ୍ଜାଜନକ। ଏଥିରେ ପୁରୀ ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ବି ସେ ଯଦି ଏହି ଘଟଣାର ସଠିକ୍ ସମାଧାନ କରିପାରିଥାନ୍ତେ ତେବେ ବର୍ତ୍ତମାନ ଧର୍ମଶାଳା ଜମିକୁ ନେଇ ଆଉ ବିବାଦ ଉଠିନଥାନ୍ତା।



**ଡକ୍ଟର ରାଜୀବ ଷଡଙ୍ଗୀ**
**ସାଲେପୁର, କଟକ**

ପୁରୀରେ ବଗଲା ଧର୍ମଶାଳା ଦାନରେ ମିଳିଥିବା ଜମିରେ ନିର୍ମାଣ ହୋଇ ବହୁତ କମ ଶୁଳ୍କରେ ରହିବା ଓ ବିବାହାଦି ଧର୍ମକାର୍ଯ୍ୟ ପାଇଁ ଦିଆଯାଉଥିଲା। ସାଧାରଣ ଲୋକଙ୍କ ସେବାରେ ଲାଗୁଥିବା ଏହି ଧର୍ମଶାଳାକୁ ପୁନର୍ବିନାଶ ନାଁରେ ଦୁର୍ନୀତିର ସୀମା ଡେଇଁ ଦଳୀୟ କର୍ମୀଙ୍କୁ ବିକିବାର ଚକ୍ରାନ୍ତ ଧରାପଡି ଯାଇଛି ଯାହା ଲଜ୍ୟାଜନକ। ଜିଲ୍ଲାପାଳ ସ୍ଥାନୀୟ କୁଜିନେତାଙ୍କ ହାତବାରିଶ ପାଲଟି ଜମିମାଫିଆଙ୍କୁ ଟେକିଦେବା, ଜଗନ୍ନାଥଦ୍ରୋହୀମାନଙ୍କୁ ଉଚିତ୍ ଦଣ୍ଡ ମିଳିବା ସହ ଜମିର ଫେରସ୍ତ ପାଇଁ ଦୃଢ଼ ଆନ୍ଦୋଳନ ଆବଶ୍ୟକ। ପୁରୀ ଏବେ ଧାର୍ମିକତା ହରାଇ ଅଶାନ୍ତ ଓ ଅରାଜକତା ଆଡକୁ ଯାଉଛି। ଜଗନ୍ନାଥ ମନ୍ଦିରର ଉନ୍ନୟନ ନାମରେ ଭକ୍ତଙ୍କୁ ଶୋଷଣ ସହ ଭିଆଇପି ଦର୍ଶନ ପାଇଁ ରୋଡମ୍ୟାପ କରାଯାଉଛି। ଏଠାରେ ଦୁଇତିନିଜଣ ସେବାୟତ ନେତା ସାଜି ସବୁ କାମରେ ଗଣ୍ଡଗୋଳିଆ କରି ଫାଇଦାରେ ରହୁଛନ୍ତି। ବଗଲା ଧର୍ମଶାଳା ଚଗଲାମିରେ ବି ସେହି ମାଫିଆ ସେବାୟତ ଓ କିଛି ବିତାଡିତ ନେତା ସାମିଲ ଥିବା ଖବର ଆସୁଛି। ପ୍ରଥମେ ଶ୍ରୀଜଗନ୍ନାଥଙ୍କ ବାଟିକା ଜଗନ୍ନାଥବଲ୍ଲଭ ମଠକୁ ଅକ୍ତିଆର ଓ ବିନାଶ ଘଟାଇ ଏବେ ବଗଲାରେ ଚଗଲାମୀ ଚାଲିଛି। ଶେଷକୁ ପୁରୀ ଶ୍ରୀକ୍ଷେତ୍ରରୁ ହତଶ୍ରୀକ୍ଷେତ୍ର ହେବ। ପଣ୍ଡାଙ୍କ ବ୍ୟବହାରରେ ତ ଯାତ୍ରୀ କଲବଲ ହେଉଥିଲେ ଏବେ ସରକାରୀ ଦଳ ମାଫିଆଙ୍କ ସହ ସ୍ଥାନୀୟ ପ୍ରଶାସକଙ୍କ ମଧୁଚନ୍ଦ୍ରିକା ପୁରୀର ବିକାଶ ବଦଳରେ ବିନାଶ କରିଚାଲିଛନ୍ତି। ସାରା ଦେଶରେ ଏହାର ବିରୋଧ ହେବା ଓ ଜଗନ୍ନାଥପ୍ରେମୀମାନେ ବହୁସଂଖ୍ୟାରେ ଆନ୍ଦୋଳନକୁ ଆସିଲେ ସମାଧାନ ହୋଇପାରିବ ଏ ବିଶ୍ୱାସ ମୋର ଦୃଢ଼ଭାବେ ଅଛି।



**ଅକ୍ଷୟ ଦାସ**
**ଆଇନଜୀବୀ, ଭୁବନେଶ୍ୱର**

ପୁରୀ ପରି ଏକ ପବିତ୍ର ତଥା ଧାର୍ମିକ ସ୍ଥାନକୁ ନେଇ ବିଶ୍ୱ ଦରବାରରେ ପରିଚିତ ଓଡ଼ିଶା। ଇତିମଧ୍ୟରେ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ବିବେଚନା କରୁଥିବା ପୁରୀ ଶ୍ରୀଜଗନ୍ନାଥଙ୍କ ଭୂମିକୁ ସରସ ସୁନ୍ଦର କରାଯାଇଥିବା ବେଳେ, ତଥ୍ୟ ପ୍ରାପ୍ତନୁଯାୟୀ ନଜରକୁ ଆସିଥିବା ବଗଲା ଧର୍ମଶାଳା ଜମି ବିବାଦ ତଥା ଜମି କେଳେଙ୍କାରୀ ବିଷୟ ଅତୀବ ରହସ୍ୟମୟ, ଲଜ୍ୟା ବୋଧ, ଦୁଃଖଦାୟକ ଅନୁମେୟ ହେଉଛି। ବଗଲା ଧର୍ମଶାଳା ଜମି କେଳେଙ୍କାରୀ ସହିତ ଜଡିତ ଅଧିକାରୀ ତଥା ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କୁ ନିଶ୍ଚିତ ରୂପେ କାଠଗଡା ଭିତରକୁ ଆଣି ଓଡ଼ିଶାର ଜନମାନସଙ୍କ ପ୍ରତି ହୋଇଥିବା ବିଶ୍ୱାସଘାତକତା ଓ ସର୍ବପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମିର ଜାଲିଆତି କରି ନିଜନିଜର ପାଦୂର୍ଭାବ ବିସ୍ତାର କରିଥିବା କୁସଂସ୍କାରୀ ଅଧିକାରୀମାନଙ୍କୁ ଶାସ୍ତି ଦେବାର ବ୍ୟବସ୍ଥା ଅତି ଜରୁରୀ ହୋଇପଡ଼ିଛି। ନିଶ୍ଚିତ ରୂପେ କାର୍ଯ୍ୟରତ ଉଚ୍ଚ ଅଧିକାରୀମାନେ ଏ କେଳେଙ୍କାରୀ ଉପୁଯାଇଛନ୍ତି।



**ଭାଗବତ ପରିଡା**
**ସମାଜସେବୀ**

ଗତ କିଛିବର୍ଷ ଧରି ବିଶ୍ୱ ପ୍ରସିଦ୍ଧ ପୁରୀ ଶ୍ରୀମନ୍ଦିର ପରିଚାଳନାରେ ବ୍ୟାପକ ଅନିୟମିତତା ଦେଖାଦେଇଛି ! ନବ କଳେବର ଠାରୁ ଆରମ୍ଭ କରି ସ୍ୱର୍ଗଦ୍ୱାର ଜମି ହଡପ, ରତ୍ନଭଣ୍ଡାର ଚାବି ନ ମିଳିବା, ଶ୍ରୀମନ୍ଦିର ନାଁରେ ଥିବା ହଜାର ହଜାର ଏକର ଜମି ଜବରଦଖଲ କରିବା, ଏସବୁ ତ୍ରୁଟି ଦେଖିବାକୁ ମିଳିଛି ! ଶ୍ରୀମନ୍ଦିର ପାଇଁ କେନ୍ଦ୍ରୀୟ ଅନୁଦାନର ଅର୍ଥକୁ ସଠିକ୍ ଭାବରେ ବିନିଯୋଗ ନ କରିବା ନିଶ୍ଚିତ ଜଗନ୍ନାଥ ପ୍ରେମୀମାନଙ୍କୁ ବ୍ୟଥିତ କରିଛି ! କଥାରେ ଅଛି :- ଦେବସ୍ୱ ରାଜସ୍ୱ ସମ୍ପତି ଲୁଟିଲେ ନର୍କବାସ ନିଶ୍ଚିତ ! ଏ କଥା କଣ ରାଜ୍ୟ ସରକାର / ମନ୍ଦିର ପ୍ରଶାସନ / ବିଜେଡି ଜାଣି ପାରୁନାହାନ୍ତି ? ଶ୍ରୀମନ୍ଦିର ପରିଚାଳନାରେ ରାଜନୈତିକ ଗତିବିଧି ନିଶ୍ଚିତ ପକ୍ଷେ ପରିତାପର ବିଷୟ ! ବଗଲା ଧର୍ମଶାଳାକୁ ଖଣ୍ଡ ଖଣ୍ଡ କରି ବିକ୍ରି କରିବାର ଆବଶ୍ୟକତା କାହିଁକି ପଡିଲା ? କଣ ମହାପ୍ରଭୁଙ୍କର ଅର୍ଥାଭାବକୁ ଦୂର କରିବା ପାଇଁ ଏଭଳି ଅପରାଧିକ ପଦକ୍ଷେପ ନେବାକୁ ବାଧ ହେଲେ ! କଲେକ୍ଟର କିଛି ପ୍ଲଟକୁ ବିକ୍ରି କରିବାର ଅଭିଯୋଗ ଆସିଛି ! ଏ ସମ୍ପତି ବିକ୍ରି କରିବା ପୂର୍ବରୁ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ / ଗଜପତି ମହାରାଜଙ୍କ ମତାମତ ଗ୍ରହଣ କରାଯାଇ ଥିଲା କି ? ରାଜ୍ୟ ସରକାର ଜନମତ ସଂଗ୍ରହ କରିବା ପାଇଁ ପାଞ୍ଚ ଟଙ୍କିଆ ଭାତ ଡାଲମା ଯୋଜନା କରି ପାରୁଛନ୍ତି କିନ୍ତୁ ଶ୍ରୀମନ୍ଦିର ଅଧୀନରେ ସ୍ୱଳ୍ପ ମୂଲ୍ୟରେ ବୃହତ ପ୍ରସାଦାଳୟ ନିର୍ମାଣ କରିପାରୁ ନାହାନ୍ତି କାହିଁକି ? ବଗଲା ଧର୍ମଶାଳାକୁ ବିକ୍ରି ନ କରି ଉକ୍ତ ସ୍ଥାନରେ ଭକ୍ତ ମାନଙ୍କ ପାଇଁ ଭୋଜନାଳୟ ପ୍ରତିଷ୍ଠା କରନ୍ତୁ ! ରାଜ୍ୟ ସରକାରଙ୍କ ସଫେଇ କଲେକ୍ଟରଙ୍କ ମନ୍ତବ୍ୟ ନିଶ୍ଚିତ ଭାବେ ଭିତିରି ରହସ୍ୟ ଉନ୍ମୋଚନ କରୁଛି ! ବଗଲା ଧର୍ମଶାଳା ବିକ୍ରି ପାଇଁ ପ୍ରକୃତ ପକ୍ଷେ ଶ୍ରୀମନ୍ଦିର ପ୍ରଶାସନ, କଲେକ୍ଟର ରାଜ୍ୟ ସରକାର ମୁଖ୍ୟତଃ ଦାୟୀ ! ରାଜ୍ୟ ସରକାରଙ୍କ ପକ୍ଷରୁ ଗୁପ୍ତ ଗୋଟିଚାଳନା କରୁଥିବା ଟୋକାଳିଆ ନେତା ଅଫିସର ମଧ୍ୟ ଅନେକାଂଶରେ ଦାୟୀ !



**ପବିତ୍ର ରାଉତରାୟ**
**ଚେୟାରମ୍ୟାନ୍, ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ, ଭୁବନେଶ୍ୱର**

ଯୁଗେ ଯୁଗେ ହିନ୍ଦୁ ଧର୍ମ ଓ ବିଭିନ୍ନ ଧର୍ମକୁ ବଜାୟ ରଖିବା ପାଇଁ ବହୁ ଭାଗବତ ବିଶ୍ୱାସୀ, ବଦାନ୍ୟ ବ୍ୟକ୍ତି ସ୍ୱଅର୍ଜିତ ଧନରୁ ଧର୍ମ ଅର୍ଜନ ପାଇଁ ଦାନ କରିଥାନ୍ତି। ବଗଲା ଧର୍ମଶାଳା ଶ୍ରୀକ୍ଷେତ୍ର ଧାମରେ ସେହି ସୂତ୍ରରେ ଗରିବ ହିନ୍ଦୁ ଭକ୍ତମାନଙ୍କ ପାଇଁ ନିର୍ମିତ କରାଯାଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ଏଠାରେ ଆଶ୍ରୟ ନେଉଥିଲେ। ଯାହାକୁ କି ଅମୃତ ମଣୋହୀ ଭାବେ ଜନୈକ ଦାତା ଦାନ କରିଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦାନ ସୂତ୍ରରେ ମିଳିଥିବା ସମ୍ପତ୍ତି କେବଳ ସେହି ଉଦ୍ଦେଶ୍ୟରେ ବ୍ୟବହାର କରାଯିବା କଥା, ଏହାକୁ ବିକ୍ରି କରାଯିବା ବା ଅନ୍ୟ କାର୍ଯ୍ୟରେ ବ୍ୟବହାର କରାଯିବା ନୀତି ବିରୋଧୀ ଓ ଧର୍ମ ବିରୋଧୀ। ସମ୍ପ୍ରତି ପୁରୀ ବଗଲା ଧର୍ମଶାଳା ଜମି ବିକ୍ରିକୁ ନେଇ ସବୁଠି ଚର୍ଚ୍ଚା ଚାଲିଛି। ତେବେ ଏହି ଚର୍ଚ୍ଚା ପଛର କାରଣକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯଦି ଗୋଚର ଜମି ବିକ୍ରି କରିବାକୁ ରାଜ୍ୟ ସରକାରଙ୍କ ବ୍ୟବସ୍ଥା ନାହିଁ ତେବେ କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ବଗଲା ଧର୍ମଶାଳା ଜମି କିଭଳି ବିକ୍ରି କରାଗଲା। ଶ୍ରୀମନ୍ଦିରର ଏକ ଅଙ୍ଗ ଭଳି ଏହି ଧର୍ମଶାଳା ଶହ ଶହ ବର୍ଷ ଧରି ଏଠାରେ ଅଛି ଓ ଏହା ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡିତ। ତାହାକୁ ବ୍ୟବସାୟିକ ସୂତ୍ରରେ ଅନ୍ୟ ହାତରେ ଟେକିଦେବା ବ୍ୟଭିଚାର ନୁହେଁ କି ? ଏଣୁ ସରକାର ଏବଂ ଶ୍ରୀଜଗନ୍ନାଥପ୍ରେମୀ ବିଚାର କରିବା ଦରକାର ଯେ, ବଗଲା ଧର୍ମଶାଳା ପୂର୍ବଭଳି ପୁନଃସ୍ଥାପିତ ହୋଇ ହିନ୍ଦୁ ଭକ୍ତଙ୍କ ଭାବାବେଗ ଓ ବିଶ୍ୱାସକୁ ଦ୍ୱିଗୁଣିତ କରିବ। ଏହି ଧର୍ମଶାଳା ଦାୟିତ୍ୱରେ ଥିବା ବା ତତ୍ତ୍ୱାବଧାନରେ ଥିବା ବ୍ୟକ୍ତି ସ୍ୱହୃଦୟରେ ଥରେ ଚିନ୍ତା କରିଥାନ୍ତେ, ବଗଲା ଧର୍ମଶାଳା ଜମିକୁ ଭକ୍ତମାନଙ୍କ ପାଇଁ ବ୍ୟବହାର ନକରି ଅନ୍ୟକୁ ବିକିଦେଲେ ଏହା ହିନ୍ଦୁ ଧର୍ମ ପାଇଁ ଏକ କଳଙ୍କିତ ଅଧ୍ୟାୟ ହୋଇ ରହିବ। ଏଭଳି ଭାବନା ଯଦି ସେମାନଙ୍କ ମନକୁ ସ୍ପର୍ଶ କରିଥାନ୍ତା ତେବେ ଏହି ବିବାଦ ପଛରେ ରହିଥିବା ବ୍ୟକ୍ତିତ୍ୱମାନେ କେବେ ଧର୍ମ ଓ ସଂସ୍କୃତି ବିରୋଧରେ ଯାଇ ଏଭଳି କାର୍ଯ୍ୟ କରିବା ପାଇଁ ସାହସ ବା ଇଚ୍ଛା ପ୍ରକଟ କରିନଥାନ୍ତେ। ବରଂ ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ଶ୍ରୀକ୍ଷେତ୍ରର ମର୍ଯ୍ୟାଦା ବଢ଼ାଇବା ପାଇଁ ଯେତେ ଅଧିକ ତ୍ୟାଗର ଆବଶ୍ୟକତା ତାହା ସେ ଦର୍ଶାଇ ପାରିଥାନ୍ତେ। ହେଲେ ଏହି ଘଟଣା ପଛର ନାୟକମାନେ ଏଭଳି କିଛି ଚିନ୍ତା ନକରିବା ଅତ୍ୟନ୍ତ ଦୁଃଖଦାୟକ। ସମଗ୍ର ବିଶ୍ୱ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନରେ ବଗଲା ଧର୍ମଶାଳା ଜମି ବିକ୍ରିକୁ ନେଇ ଅସନ୍ତୋଷ ଦେଖାଦେଇଛି। ତେଣୁ ଏହି ପରିପ୍ରେକ୍ଷୀରେ ଏତିକି କହିହେବ ଯେ, ଯେଉଁ ଜମି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ନାମିତ ଏବଂ ହିନ୍ଦୁ ଶ୍ରଦ୍ଧାଳୁଙ୍କ ପାଇଁ ସମର୍ପିତ ସେହି ଜମିର ମାଲିକାନା ଅନ୍ୟ ହାତକୁ ନ ଯାଇ ସେହି ମହାପ୍ରଭୁଙ୍କ ନାମରେ ରହୁ। ଏହାର ରକ୍ଷଣାବେକ୍ଷଣ ତଥା ଉନ୍ନତି ନିମନ୍ତେ ମନ୍ଦିର ପରିଚାଳନା କମିଟି ଓ ରାଜ୍ୟ ସରକାର ତତ୍ପରତା ଦେଖାନ୍ତୁ। ତାହା ହିଁ ହେବ ଧର୍ମ।



**ଶୀଳଭଦ୍ର ଶାସ୍ତ୍ରୀ**
**ପୂର୍ବତନ ଉପସଭାପତି, ଭୁବନେଶ୍ୱର ଓକିଲ ସଂଘ**

ବଗଲା ଧର୍ମଶାଳା ପୁରୀର ଅନ୍ୟ ଏକ ଐତିହାସିକ ପରିଚୟ। ଏହା ହେଉଛି ଜଗନ୍ନାଥ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏଠି କେବଳ ଯେ ଯାତ୍ରୀମାନେ ସ୍ୱଳ୍ପ ମୂଲ୍ୟରେ ସମସ୍ତ ସୁବିଧା ସୁଯୋଗ ପାଆନ୍ତି ତା ନୁହେଁ, ପୁରୀରେ ବିବାହ ଓ ବ୍ରତ ଘର କରିବା ପାଇଁ ବାହାର ଲୋକଙ୍କର ସବୁ ଦୃଷ୍ଟିରୁ ପ୍ରଥମ ପସନ୍ଦର ଜାଗା। ଏହାର ସରକାରୀ ଖାତାରେ ଗୋଟିଏ ନିର୍ଦ୍ଦିଷ୍ଟ ଥିଲେ ବି ବଜାରରେ ଏହା ଚନ୍ଦ୍ରରେ ଜମି କିଣିବା ସାଙ୍ଗରେ ସମାନ। ଐତିହାସିକ ପୃଷ୍ଠଭୂମି ଥିବା ସମ୍ପତ୍ତିକୁ ଭବିଷ୍ୟତ ପିଢ଼ି ପାଇଁ ବଞ୍ଚାଇ ରଖିବାର ଆବଶ୍ୟକତା ଥିବା ବେଳେ ସରକାର ଏହାକୁ କାହିଁକି କାହା ନିର୍ଦ୍ଦେଶରେ ଭାଙ୍ଗିଲେ ଓ କିଛି ଭାଗକୁ ବିଭିନ୍ନ ଲୋକଙ୍କୁ ବିକିଲେ ବୁଝା ପଡୁନାହିଁ। ଯଦି ଏହା ଦେବୋତ୍ତର ସମ୍ପତ୍ତି ତେବେ ମାନ୍ୟବର ଦେବୋତ୍ତର କମିଶନଙ୍କ କୋର୍ଟରୁ ଧାରା ୧୯(କ)ରେ ବିକ୍ରି କରିବାକୁ ଅନୁମତି ନିଆଯାଇଛି ନା ନାହିଁ ତଦନ୍ତ ହେଉ ଓ ଯଦି ନିଆଯାଇଛି ତେବେ, କାହା ଦ୍ୱାରା କେବେ ନିଆଯାଇଛି। ଜିଲ୍ଲାପାଳ କେଉଁ ଆଧାରରେ କାହା ନିର୍ଦ୍ଦେଶରେ ଜମି ବିକିଲେ ତାହାର ତଦନ୍ତ କରିବା ପାଇଁ ଜଗନ୍ନାଥ ମହାପ୍ରଭୁଙ୍କ ପରମ ଭକ୍ତ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ତୁରନ୍ତ ନିର୍ଦ୍ଦେଶ ଦିଅନ୍ତୁ ଏବଂ ଓଡ଼ିଆ ଜାତିର ଐତିହ୍ୟକୁ ରକ୍ଷା କରନ୍ତୁ।



**ଶିବାଶୀଷ ମହାପାତ୍ର**
**ଆଇନଜୀବୀ**

ବଗଲା ଧର୍ମଶାଳା ଜମି ଦୁର୍ନୀତି ପଛର ମୁଖ୍ୟ ନାୟକ ସେହି ଅଣଓଡ଼ିଆ ତାମିଲ ଅଫିସର। ସିଏ ହିଁ ଆମ ରାଜ୍ୟକୁ ତଥା ଆମ ସରକାରକୁ ଆଜିକୁ କିଛିବର୍ଷ ହେଲା ଚଲଉଛନ୍ତି। ରାଜ୍ୟ ସରକାରଙ୍କ ସମସ୍ତ ନିଷ୍ପତ୍ତି ସିଏ ହିଁ ନଉଛନ୍ତି। ବଗଲା ଧର୍ମଶାଳା ଜମି କଥାରେ ଜିଲ୍ଲାପାଳ ନାମକୁ ମାତ୍ର। ତୃତୟ ମହଲାର ବିନା ଇସାରାରେ ଜିଲ୍ଲାପାଳ ଏତେ ବଡ ନିଷ୍ପତ୍ତି ନବା ସମ୍ପୂର୍ଣ୍ଣ ଅସମ୍ଭବ। ଆମ କାଳିଆର ବାର ମାସରେ ତେର ପର୍ବ ସାରା ବିଶ୍ୱ ପ୍ରସିଦ୍ଧ। ଗତ କେଇବର୍ଷକୁ ଅନୁଧ୍ୟାନ କଲେ ଲାଗୁଛି ସତେ ଯେମିତି ଆମ ସରକାର ଯେ ବିଶ୍ୱ ପ୍ରସିଦ୍ଧ ଐତିହ୍ୟ ପରମ୍ପରାକୁ ନଷ୍ଟ କରିଦେବାକୁ ଏକ ପ୍ରକାର ପ୍ରତିଶ୍ରୁତିବଦ୍ଧ। ରତ୍ନଭଣ୍ଡାର ତାଲା କଥା ହଉ କି ନବକଳେବର ବିଶୃଙ୍ଖଳା କଥା ହଉ କି ଯେ ବର୍ଷ ରଥଯାତ୍ରା ବନ୍ଦ କରେଇବା କଥା ହଉ ସବୁବେଳେ ଜଗନ୍ନାଥପ୍ରେମୀଙ୍କ ଭାବନା ସହ ଖେଳ ଖେଳାଯାଉଛି। ଆଉ ଶାନ୍ତିପ୍ରିୟ ଓଡ଼ିଆମାନେ ସବୁ କାଳିଆର ଇଚ୍ଛା ଭାବି ସହି ଯାଉଛନ୍ତି। ଦେଉଳ ସୌନ୍ଦର୍ଯ୍ୟକରଣ ପାଇଁ ଉଚ୍ଛେଦ ହେଇଥିବା ଲୋକମାନଙ୍କୁ ସରକାରୀ ଧାର୍ଯ୍ୟଠୁ ଢ଼େର ଅଧିକା କ୍ଷତି ଭରଣା କରାଯାଉଥିବାର ଶୁଣିବାକୁ ମିଳେ। ତା' ସତ୍ତ୍ୱେ ବି ବିସ୍ଥାପିତ ପଣ୍ଡା ସେବକଙ୍କ ପାଇଁ ଯେ ଅହେତୁକ ଦରଦ କ'ଣ ପାଇଁ ! ନା ସେମାନଙ୍କୁ ଥଇଥାନ କରିବା ଆଳରେ ଧର୍ମଶାଳାର ବହୁ ମୂଲ୍ୟ ଘରୋଇ ବ୍ୟବସାୟୀଙ୍କ ହାତକୁ ଟେକିଦେବାର ଯେ ଏକ ସୁଚିନ୍ତିତ ସୁପରିକଳ୍ପିତ ଯୋଜନା !



**କୈଳାସ ବେହେରା**
**ସାମ୍ବାଦିକ, ବାଲେଶ୍ୱର**

ଏଠି ଗୋଟେ କଥା ସାମ୍ନାକୁ ଆସୁଛି କି ମନ୍ଦିର ମାଧବ ଉପରେ କେନ୍ଦ୍ର ରାଜ୍ୟ ଉଭୟ ରାଜନୀତି କରୁଛନ୍ତି। ଜଣେ ୫୦ ବର୍ଷ ପାଇଁ ବନ୍ଧା ପକାଇଛି ତ ଜଣେ ପ୍ଲଟିଙ୍ଗ କରି ବିକୁଛି ସାଧାରଣ ଲୋକଙ୍କ ଜମି ନାମଜରୀ ପାଇଁ ବହୁ ସମୟ ଲାଗୁଥିବା ବେଳେ ମାନ୍ୟବରଙ୍କ ପାଇଁ ଫଟାଫଟ। ବିପତ୍ତି ସମୟରେ କରୋନା ପେକେଜ ଘୋଷଣା ଉପରେ ଘୋଷଣା ଚାଲିଛି କିନ୍ତୁ ଘୋଷଣା କରୁଥିବା ସରକାର ସେ ପେକେଜକୁ ଗ୍ରାସୁଛି ବିଭିନ୍ନ ଉପାୟରେ। ସାବଧାନ ରହିବାକୁ ପଡିବ ଯେମିତି ଆଗକୁ ଏମାନେ ମିଶି ସମସ୍ତ ମିଡିଆମାନଙ୍କୁ କିଣି ଆମକୁ କ୍ରୀତଦାସ/ନଂପୁଷକ ସଜାଇ ଦେବେନିତ ?



**ସଂଶୟ କୁମାର ସାହାଣୀ**
**ଜଗତସିଂହପୁର**

ଜଣେ ମହାନ ବ୍ୟକ୍ତିଙ୍କର ଦାନ ଓ ମହାପୂର୍ଣ୍ଣର ସନ୍ତକ ହେଉଛି ବଗଲା ମଠ। ଏହା ଜଗନ୍ନାଥ ସଂସ୍କୃତି ସହିତ କେଉଁ ଆବହମାନ କାଳରୁ ଜଡିତ। ଏହା ସମ୍ପୂର୍ଣ୍ଣ ଭାବରେ ସାଧାରଣ ଜଗନ୍ନାଥ ଭକ୍ତଙ୍କ ଆଶ୍ରୟ ପାଇଁ ଉତ୍ସର୍ଗୀକୃତ। ସରକାର ନିଜର ସ୍ୱାର୍ଥକୁ ପୂରଣ କରିବା ଉଦ୍ଦେଶ୍ୟରେ ବ୍ୟବସାୟିକ ମନୋବୃତ୍ତି ରଖି ଲଜ ମାଲିକ ମାନଙ୍କୁ ସନ୍ତୁଷ୍ଟିକରଣ ପାଇଁ ଖଣ୍ଡ ଖଣ୍ଡ କରି ବାଣ୍ଟି ଦେବାର ମନୋବୃତି ହଜାର ହଜାର ଜଗନ୍ନାଥପ୍ରେମୀଙ୍କୁ ନିରାଶ ଓ ସେମାନଙ୍କର ଭରଷାକୁ କୁଠାରଘାତ କଲାଭଳି ପ୍ରତୀୟମାନ ହୁଏ। ତେଣୁ ସରକାର ଏଥିରୁ ନିବୃତ ରହି ବରଂ ବଗଲା ମଠର ଉନ୍ନତିକରଣ କାର୍ଯ୍ୟରେ ନିଜକୁ ନିୟୋଜିତ କଲେ ସମସ୍ତ ଜଗନ୍ନାଥପ୍ରେମୀ ଖୁସି ହେବା ସଙ୍ଗେ ସଙ୍ଗେ ଆମର ପୁରୁଣା ସଂସ୍କୃତି ବଞ୍ଚି ରୁହନ୍ତା।



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି